SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 168 | ଭାଗ ୩୨ | ସଂଖ୍ୟା ୧୬୮ | Bhubaneswar | Friday 6 September 2024 | Page 8 ₹ 4.00 | ଭୁବନେଶ୍ୱର | ଶୁକ୍ରବାର ୬ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ସେମିରେ ପେଗୁଲା

## ନୂଆଁଖାଇରେ ସିଏମ୍ କିଷାନ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ଆଉ ଦୁଇଦିନ ପରେ ପଶ୍ଚିମ ଓଡ଼ଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ନୂଆଁଖାଇ ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସମ୍ବଲପୁର ଗସ୍ତରେ ଯାଇ ୯ ତାରିଖରେ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ୮ତାରିଖ୍‌ରେ ସମ୍ବଲପୁର ଯାଇ ପ୍ରଥମେ ମା' ସମଲେଶ୍ୱରୀଙ୍କୁ ଦର୍ଶନ କରିବେ। ପରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିବେ। ଏପରିକି ଏହାର ପ୍ରଥମ କିସ୍ତି ନୂଆଁଖାଇ ଦିନ ଡିବିଟି ମାଧ୍ୟମରେ ପ୍ରଦାନ କରିବେ। ଏହାଦ୍ୱାରା ଯୋଗ୍ୟ ଚାଷୀ ଉପକୃତ ହୋଇପାରିବେ।

## କେନ୍ଦ୍ରୀୟ ଟିମ୍ ରିପୋର୍ଟ କୁକୁଡ଼ାଠୁ ବ୍ୟାପିନି ବାର୍ଡ ଫ୍ଲୁ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ବାର୍ଡ ଫ୍ଲୁର ବ୍ୟାପିବାରେ ଲାଗିଛି । ଏହା ଭିତରେ ଦୁଇ ଦିନିଆ ଗସ୍ତରେ କେନ୍ଦ୍ରୀୟ ଟିମ୍ ଆସି ସଂକ୍ରମିତ ଅଞ୍ଚଳ ବୁଲି ସମୀକ୍ଷା କରିଛନ୍ତି। ବାର୍ଡ ଫ୍ଲୁର କାରଣ କୁକୁଡା ନ ହୋଇପାରେ ବୋଲି ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ଦେଇଛି କେନ୍ଦ୍ରୀୟ ଟିମ୍ । କେନ୍ଦ୍ରୀୟ ଟିମ୍ ପକ୍ଷରୁ କୁହାଯାଇଛି, ବାର୍ଡ ଫ୍ଲୁ ପାଇଁ ଜଙ୍ଗଲି ପଶୁପକ୍ଷୀ କାରଣ ହୋଇପାରନ୍ତି। ଏ ପର୍ଯ୍ୟନ୍ତ ବାର୍ଡ ଫ୍ଲୁରେ କୌଣସି ବ୍ୟକ୍ତି ସଂକ୍ରମିତ ହୋଇନାହାନ୍ତି । ସଂକ୍ରମଣ ସନ୍ଦେହ କରି ପୂର୍ବରୁ ତିନି ଜଣଙ୍କୁ ସଙ୍ଗରୋଧରେ ରଖାଯାଇଥିଲା। ସେମାନଙ୍କର ରିପୋର୍ଟ ନେଗେଟିଭ ଆସିଛି। ଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଟିମ୍ ସଦସ୍ୟ ଅଭିଜିତ ମିତ୍ର କହିଛନ୍ତି, ଭୟଭୀତ ହେବାର କୌଣସି ➪ପୃଷ୍ଠା-୬

## ବଜ୍ରପାତ ମୃତ୍ୟୁ ଓଡ଼ିଶାରେ ସର୍ବାଧିକ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ବଜ୍ରପାତଜନିତ ମୃତ୍ୟୁରେ ଓଡ଼ିଶା ଆଗରେ। ଉତ୍ତରପ୍ରଦେଶ ଭଳି ରାଜ୍ୟକୁ ବି ପଛରେ ପକାଇଛି ଓଡ଼ିଶା। ଆଜି ଗୃହରେ ଏମିତି ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଏହି ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଗତ ୫ ବର୍ଷରେ ଓଡ଼ିଶାରେ ବଜ୍ରପାତରେ ୧୧୦୩ ଜଣଙ୍କ ମୃତ୍ୟୁ ହୋଇଛି। ଉତ୍ତରପ୍ରଦେଶ ବଡ଼ ରାଜ୍ୟ ହୋଇ ବି ୫ ବର୍ଷରେ ବଜ୍ରପାତରେ ୫୪୨ ଜଣଙ୍କର ଜୀବନ ଯାଇଛି। ରାଜ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱରରେ ବଜ୍ରପାତରେ ମୃତ୍ୟୁସଂଖ୍ୟା ସବୁଠୁ ଅଧିକ। ସେହିପରି ୫ ବର୍ଷ ଭିତରେ ଝାରସୁଗୁଡ଼ାରେ ସର୍ବାଧିକ ୭୨ ଓ ବଲାଙ୍ଗିରରେ ୫୫ ଜଣଙ୍କର ମୃତ୍ୟୁ ➪ପୃଷ୍ଠା-୬

## ଓଡ଼ିଶାର ଦୁଇ ଗୁରୁ ସମ୍ମାନିତ





ନୂଆଦିଲ୍ଲୀ, ୫।୯: ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଶିକ୍ଷକ ଦିବସ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇ ଅଭିଭାଷଣ ପ୍ରଦାନ ସହିତ ଜାତୀୟ ଶିକ୍ଷକ ପୁରସ୍କାର ୨୦୨୪ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତି କହିଛନ୍ତି ଯେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଏପରି ଶିକ୍ଷା ପ୍ରଦାନ କରିବା ଉଚିତ୍ ଯେପରି ସେମାନେ ମହିଳାଙ୍କୁ ସମ୍ମାନର ସହ ବ୍ୟବହାର କରିବେ । ମହିଳାଙ୍କ ସମ୍ମାନ କେବଳ ଶବ୍ଦରେ ନୁହେଁ, ବ୍ୟବହାରରେ ବି ହେବା ଆବଶ୍ୟକ । ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କ ତାଙ୍କର ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନି ସେହି ପ୍ରକାରର ସେମାନଙ୍କୁ ସହାୟତା କରିବା ଉଚିତ । ରାଷ୍ଟ୍ରୀୟ ଶିକ୍ଷା ନୀତିରେ କୌଶଳ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି । ଆମ ସଂସ୍କୃତିରେ ବିଶ୍ୱକର୍ମାଙ୍କୁ ଦେବତାର ମାନ୍ୟତା ଦିଆଯାଇଛି । ସମାରୋହରେ କୌଶଳ ବିକାଶର ପ୍ରଶିକ୍ଷକମାନଙ୍କୁ ବି ପୁରସ୍କୃତ କରାଯାଇଛି। ସେମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ରାଷ୍ଟ୍ରପତି କହିଛନ୍ତି।
ରାଷ୍ଟ୍ରପତି କହିଛନ୍ତି ଯେ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ଏପରି ➪ପୃଷ୍ଠା-୬

### ନବୀନଙ୍କ ଡାର୍ଟି ପଲିଟିକ୍ସ

# ରାଜ୍ୟ ସହ କରିଥିଲେ ବିଶ୍ୱାସଘାତକତା



### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଚାପି ଦେଇଥିଲେ
### ମୋହନ ଖୋଲିଦେଲେ ପୋଲାଭରମ ପୋଲ୍

ଭୁବନେଶ୍ୱର, ୫/୯(ସଂଚାର ବ୍ୟୁରୋ): ପୋଲାଭରମ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ମାଲକାନଗିରି ଜିଲ୍ଲାର ବହୁ ଆଦିବାସୀ ଗାଁ ବୁଡ଼ିଯିବ, ଆଦିବାସୀମାନେ ବିସ୍ଥାପିତ ହେବେ, ଏମିତି ଅଭିଯୋଗ କରି ଏବେ ବିଜେଡି ବିବାଦ ସୃଷ୍ଟି କରୁଛି। ଏପରିକି ମାଲକାନଗିରି ଓ ଆନ୍ଧ୍ର ପ୍ରଦେଶକୁ ଦଳୀୟ ଟିମ ପଠାଇ ହଟଚମଟ କରୁଛି। ହେଲେ ୧୭ ବର୍ଷ ଧରି ସେଇ ବିଜେଡି ସରକାରର ଚକ୍ରାନ୍ତ ଯୋଗୁଁ ହିଁ ପୋଲାଭରମ ପ୍ରକଳ୍ପ ଯୋଗୁ ଓଡିଶା କ୍ଷତିଗ୍ରସ୍ତ ହେବାକୁ ଯାଉଛି ଏକଥା ଆଜି ପ୍ରମାଣିତ ହୋଇଯାଇଛି। ଦୀର୍ଘ ୧୭ ବର୍ଷ ଧରି ରାଜ୍ୟ ସରକାର ପୋଲାଭରମ ପ୍ରକଳ୍ପ ଦ୍ୱାରା ଓଡ଼ିଶା କେତେ କ୍ଷତିଗ୍ରସ୍ତ ହେବ ତାର ଆକଳନ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା କରାଇନାହାଁନ୍ତି। ଏବେ ସରକାର ବଦଳିବା ପରେ ବିଜେଡିକୁ ଘାରୁଛି ପୋଲାଭରମ ଚିନ୍ତା। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ପୋଲାଭରମ ପ୍ରକଳ୍ପ'କୁ ନେଇ ଲିଖିତ ଉତ୍ତର ରଖିବା ପରେ ବିଗତ ୧୭ବର୍ଷ ମଧ୍ୟରେ ତତକାଳୀନ ନବୀନ ସରକାର ପୋଲାଭରମ ପ୍ରକଳ୍ପକୁ ନେଇ କରୁଥିବା ରାଜନୀତି ପଦାରେ ପଡ଼ିଛି । ବିଜେଡିର ରାଜ୍ୟବାସୀଙ୍କ ସହ ଛଳନା ମଧ୍ୟ ସ୍ପଷ୍ଟ ହୋଇଛି । ଏପରିକି ପୋଲାଭରମ ପ୍ରକଳ୍ପ ଯୋଗୁ ଓଡ଼ିଶାର କେତେ ଅଂଚଳ ଜଳମଗ୍ନ ହେବ ଓ କେତେ ବନ୍ୟା ଜଳ ରାଜ୍ୟ ଭିତରକୁ ପ୍ରବେଶ କରିବ ତା'ର ଅନୁଧ୍ୟାନ ଏକ ପ୍ରତିଷ୍ଠିତ ଏଜେନ୍ସୀ ଦ୍ୱାରା କରାଇବା ନିମନ୍ତେ ବର୍ଷେ ତଳେ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟମ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ତାହା ବି ସମ୍ଭବପର ହୋଇପାରିନଥିବା ଜଣାପଡ଼ିଛି ।
ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ହୋଇଛି ଯେ, ପୋଲାଭରମ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର କେତେ ଅଂଚଳ ଜଳମଗ୍ନ ହେବ ଓ କେତେ ପଛୁଆ ଜଳ ଓଡ଼ିଶାରେ ପ୍ରବେଶ କରିବ ତା'ର ଆକଳନ ଓ ବିଶ୍ୱସନୀୟ ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ନାହିଁ । ଯଦିଓ ୨୦୦୬ରେ ସିଡବ୍ଲ୍ୟୁସିଙ୍କ ଦ୍ୱାରା ପୋଲାଭରମ ପ୍ରକଳ୍ପ ନିର୍ମାଣରେ ସଂଶୋଧିତ ଡିଜାଇନ(୩୬ଲକ୍ଷ କ୍ୟୁସେକ ଜଳ ପରିବର୍ତ୍ତେ ୫୦ଲକ୍ଷ କ୍ୟୁସେକ ବନ୍ୟା ଜଳ)କୁ ଅନୁମୋଦନ ମିଳିବା ପରେ ଓଡ଼ିଶା ସରକାର ୨୦୦୭ ମସିହାରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପରେ ୨୦୧୫ ମସିହାରେ ପୋଲାଭରମକୁ ଜାତୀୟ ପ୍ରକଳ୍ପର ମାନ୍ୟତା ମିଳିଥିଲା, ଯାହାକୁ ପୁଣିଥରେ ବିରୋଧ କରି ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ସଂଶୋଧିତ ପିଟିସନ ଦାଖଲ କରିଥିଲେ । ମାତ୍ର ଏସବୁ ସତ୍ତ୍ୱେ ଓଡ଼ିଶା ସରକାର ନିଜସ୍ତରରେ ପୋଲାରଭମ ପ୍ରକଳ୍ପ ପାଇଁ ରାଜ୍ୟର କେତେ ଅଂଚଳ ଜଳମଗ୍ନ ହେବ ତା'ର ନିରପେକ୍ଷ ଅଧ୍ୟୟନ ରିପୋର୍ଟ ପ୍ରସ୍ତୁତ କରିବାରେ ସକ୍ଷମ ହୋଇନଥିଲେ । ଅବଶ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ବିଶେଷଜ୍ଞ ଏମ୍. ଗୋପାଳକ୍ରିଷ୍ଣନ୍ ପୋଲାଭରମ ଡିଜାଇନକୁ ନେଇ ଜଳମଗ୍ନ ଅଂଚଳ ଓ ପଛୁଆ ଜଳ ଅଂଚଳର ବିସ୍ତୃତ ଅଧ୍ୟୟନ ରିପୋର୍ଟକୁ ୨୦୧୧ ମସିହା ଜୁନ୍ ମାସରେ କୋର୍ଟରେ ଦାଖଲ କରିଥିଲେ । ଆଉ ଏହି ରିପୋର୍ଟ ଉପରେ ଚୁପ୍ ବସିଥିବା ରାଜ୍ୟ ସରକାର ପ୍ରାୟ ଗତବର୍ଷ ସେପ୍ଟେମ୍ବର ୧ତାରିଖରେ ନିଜର ଲିଗାଲ୍ ଟିମକୁ ଏକ 'ୟୁଓଆଇ' ପଠାଇ ସୁପ୍ରିମକୋର୍ଟରେ 'ଅନୁପାଳନ ସତ୍ୟପାଠ(କମ୍ପ୍ଲାଏନସ ଆଫିଡେଭିଟ୍)' ଦାଖଲ କରିବାକୁ କହିଥିଲେ । କିନ୍ତୁ ସୁପ୍ରିମକୋର୍ଟର ବରିଷ୍ଠ ଓକିଲ ଗୋପାଳ ସୁବ୍ରମଣ୍ୟମ ଏହି ଆଫିଡେଭିଟ୍ ଦାଖଲ ପୂର୍ବରୁ କେତେ ଅଂଚଳ ଜଳମଗ୍ନ ଓ କେତେ ପଛୁଆ ପାଣି ଆସିବାର ଅଛି ତା'ର ଆକଳନ ଏକ ନିରପେକ୍ଷ ସଂସ୍ଥା ଦ୍ୱାରା କରାଇବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଆଉ ରାଉରକେଲା ଏନଆଇଟି ପ୍ରଫେସରମାନଙ୍କ ଦ୍ୱାରା ଏହି ଅନୁଧ୍ୟାନ ପାଇଁ ମଧ୍ୟ ୨୦୨୩ ସେପ୍ଟେମ୍ବର ୧୫ତାରିଖରେ ନିଜର ସହମତି ଦେଇଥିଲେ । ମାତ୍ର ତତକାଳୀନ ବିଜେଡି ସରକାର ପୋଲାରଭମ ➪ପୃଷ୍ଠା-୬

### ୨୦୨୫ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା

## ଶିକ୍ଷାର୍ଥୀଙ୍କୁ ବର୍ଷକୁ ୫ ହଜାର ଟଙ୍କା



ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର। ଏଣିକି ସରକାର ନବମ ଏବଂ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବର୍ଷକୁ ୫ ହଜାର ଟଙ୍କାର ହାତଖର୍ଚ୍ଚ ପ୍ରଦାନ କରିବେ। ଅଧାରୁ ପାଠ ଛାଡୁଥିବା ଜନଜାତି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ପୁଣି ସ୍କୁଲକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଏଭଳି ନୂଆ ଯୋଜନା ଆଣିଛନ୍ତି।
ଆର୍ଥିକ ସ୍ୱଚ୍ଛଳ ନ ଥିବା କାରଣରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ଶିକ୍ଷା ଜାରି ରଖିବା ପାଇଁ ସରକାର ନବମ ଏବଂ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ବର୍ଷକୁ ୫ ହଜାର ଟଙ୍କାର ହାତଖର୍ଚ୍ଚ ପ୍ରଦାନ କରିବେ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଡ୍ରପ ଆଉଟ ରୋକିବାକୁ ଚଳିତ ବର୍ଷରୁ ମୋହନ ସରକାରଙ୍କ ନୂଆ ଯୋଜନା ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଲାଗୁ ହେବ। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ମିଳିବ ବାର୍ଷିକ ୫ ହଜାର ଟଙ୍କା ମିଳିବ। ଅଷ୍ଟମରୁ ଉତ୍ତୀର୍ଣ୍ଣ ହୋଇ ନବମ ଯାଇଥିବେ ଏବଂ ଦଶମରୁ ଉତ୍ତୀର୍ଣ୍ଣ ହୋଇ ଏକାଦଶକୁ ଯାଇଥିବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ଭାବେ ବାର୍ଷିକ ୫ ହଜାର ଟଙ୍କା ଯୋଗାଇ ଦେବେ ସରକାର। କ୍ୟାବିନେଟ ନିଷ୍ପତ୍ତି ନେଇ ଗୃହରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ସୂଚନା ଦେଇଛନ୍ତି।

### ଡ୍ରପ୍ ଆଉଟ୍ ରୋକିବାକୁ ପଦକ୍ଷେପ

ମନ୍ତ୍ରୀ କହିଛନ୍ତି ଯେ, ଚଳିତ ବର୍ଷ ଏହି ଯୋଜନାରେ ୧୫୬ କୋଟି ଖର୍ଚ୍ଚ ହେବ, ଏଥିରେ ୩ ଲକ୍ଷ ଛାତ୍ରୀଛାତ୍ର ଉପକୃତ ହେବେ।
ଚଳିତ ବଜେଟରେ ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ସଂପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଚନ୍ତି।

## ଗୁରୁଦିବସରେ 'ଗୁରୁ'ଙ୍କ ଉପହାର

- ନିପୁଣ ଓଡ଼ିଶା
- ଡିଜିଟାଲ ଏଜୁକେସନ ଏମ୍ପାୱାରମେଣ୍ଟ କାର୍ଯ୍ୟକ୍ରମ
- ଶିକ୍ଷା ଜ୍ୟୋତି ପୋର୍ଟାଲ
- କ୍ୟାରିୟର ଗାଇଡାନ୍ସ ପୋର୍ଟାଲ
- ଘରୋଇ ବିଦ୍ୟାଳୟ ପରିଚାଳନା ପୋର୍ଟାଲ



ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ପ୍ରତି ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ ହେବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଏଭଳି ୫ ଶହ ସ୍କୁଲ ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁଦିବସ ଅବସରରେ ଗୁରୁବାର ବଡ଼ ସୂଚନା ଦେଇଛନ୍ତି। ପ୍ରାଥମିକ ସ୍କୁଲକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।
ଲୋକସେବା ଭବନ କନଭେନସନ୍ ସେଣ୍ଟର ଠାରେ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତି ପଞ୍ଚାୟତରେ ଗୋଟିଏ ଗୋଟିଏ ମଡେଲ ସ୍କୁଲ ହେବ। ଏହାର ନାମ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ରହିବ। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ପଞ୍ଚାୟତରେ ଏଭଳି ସ୍କୁଲ ହେବ। ଏନେଇ ବଜେଟରେ ବ୍ୟୟବରାଦ ସମ୍ପର୍କିତ ବ୍ୟବସ୍ଥା ହୋଇଛି। ଆଗାମୀ ୩ ସପ୍ତାହ ମଧ୍ୟରେ ରାଜ୍ୟରେ ୧୬ ହଜାର ୧୦ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ମିଳିବ। ଶିକ୍ଷକଙ୍କ ଅଭାବ ପୂରଣ ପାଇଁ ରାଜ୍ୟରେ ୨୭ ହଜାର ୧୯୭ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ➪ପୃଷ୍ଠା-୬

## ବୁଡ଼ିଗଲେ ଦୁଇ ଛାତ୍ରୀ



ନବରଙ୍ଗପୁର ,୯।୫(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ଛେଳିପଦର ଗ୍ରାମରେ ନିଜ ଘର ନିକଟସ୍ଥ କୂଅରେ ଦୁଇ ନାବାଳିକା ପାଣିରେ ଗାଧୋଇବା ପାଇଁ ଯାଇଥିବା ସମୟରେ ପାଣିରେ ବୁଡ଼ି ମୃତ ଘଟିଥିବା ସୂଚନା । ଉକ୍ତ ଗ୍ରାମର ଚନ୍ଦ୍ର ଭତ୍ରାଙ୍କ ଝିଅ ତନୁ ଭତ୍ରା (ବୟସ ୧୨) ଏବଂ ନନ୍ଦ ଭତ୍ରା ଙ୍କ ମଞ୍ଜୁଲା ଭତ୍ରା (ବୟସ ୧୨) ବୋଲି ଜଣାପଡିଛି । ସ୍କୁଲ ରୁ ଗୁରୁଦିବସ ପାଳନ ସାରି ଫେରିବା ପରେ ନିକଟସ୍ଥ କୂଅରେ ଗାଧୋଇବା ପାଇଁ ଯାଇଥିଲେ ଦୁଇ ନାବାଳିକା । କୋଷଗୁମୁଡା ଅଗ୍ନିସମ ବିଭାଗ ଏବଂ ପୋଲିସ ପହଂଚି ଶବ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ କୋଷାଗୁମୁଡା ଡାକ୍ତରଖାନା ପଠାଯାଇଛି ।

## ଚାରି ଯବାନ ସହିଦ
### ୮ଶହ ଫୁଟ ଖାଲରେ ଖସିଲା ସେନା ଟ୍ରକ



ନୂଆଦିଲ୍ଲୀ/ ଗାଙ୍ଗଟକ, ୫।୯: ଭାରତ-ଚାଇନା ସୀମା ନିକଟ ଉତ୍ତର ସିକ୍କିମରେ ସେନାଙ୍କର ଏକ ଟ୍ରକ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ହୋଇଛି। ଏହି ଘଟଣାରେ ୪ଜଣ ଯବାନ ସହିଦ ହୋଇଛନ୍ତି। ସେନାବାହିନୀର ଟ୍ରକ ରାସ୍ତାରୁ ଖସି ପ୍ରାୟ ୭୦ଠରୁ ୮୦ଠଫୁଟ ଗଭୀର ଖାଲରେ ଖସିପଡିଥିଲା। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ପଶ୍ଚିମବଙ୍ଗର ପେଡୋଙ୍ଗରୁ ସିକ୍କିମର ପାକୟୋଙ୍ଗ ଜିଲ୍ଲାର ଜୁଲୁକୁ ରେଶମ ମାର୍ଗ ଦେଇ ଯାଉଥିବା ବେଳେ ଡାଲୋପଚାନ୍ଦ ଦାରା ନିକଟରେ ଦୁର୍ଘଟଣା ଘଟିଛି।
ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ସେନା ଅଧିକାରୀ ଏବଂ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଦୁର୍ଘଟଣାର କାରଣ ଏପର୍ଯ୍ୟନ୍ତ ଜଣା ପଡିନାହିଁ।
ସହିଦ ଯବାନମାନଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ମଧ୍ୟପ୍ରଦେଶର ଡ୍ରାଇଭର ପ୍ରଦୀପ ପଟେଲ, ମହଣିପୁରର ଶିଳ୍ପକାର ଡବ୍ଲୁ ପିଟର, ହରିୟାଣାର ନାୟକ ଗୁରୁସେଭ ସିଂ ଏବଂ ତାମିଲନାଡୁର ସୁବେଦାର କେ ଥାଙ୍ଗପଣ୍ଡି ବୋଲି ଜଣାପଡିଛି। ସେନା ଅଧିକାରୀ କହିଛନ୍ତି ଯେ ଡ୍ରାଇଭର ସମେତ ସମସ୍ତ ମୃତ ବ୍ୟକ୍ତି ପଶ୍ଚିମବଙ୍ଗର ବିନାଗୁରୀରେ ନିୟୋଜିତ ଥିଲେ।

# ନବୀନଙ୍କ ପାଇଁ ସଂସାରୀ ହେଲେ ସନ୍ୟାସୀ

### ଏକ୍ସ ଆକାଉଣ୍ଟ ଅସଲି ନା ନକଲି ?

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ନିର୍ବାଚନରେ ଶୋଚନୀୟ ପରାଜୟ ପରେ ସକ୍ରିୟ ହୋଇ ଉଠିଛନ୍ତି ବିଜେଡି ମୁଖିଆ ନବୀନ ପଟ୍ଟନାୟକ । ଆଉ ପରଦା ପଛରେ ରହି ନବୀନ ପଟ୍ଟନାୟକଙ୍କୁ ଆଗକୁ ଠେଲୁଛନ୍ତି ରାଜନୀତିରୁ ସନ୍ୟାସ ନେଇଥିବା ଭି.କେ. ପାଣ୍ଡିଆନ । ନଗଦ ଉପରେ ମାଲକାନଗିରି ବାସୀଙ୍କୁ ନବୀନଙ୍କ ସାହସ ଦେବାର ଏକ ବାର୍ତ୍ତା ପାଣ୍ଡିଆନଙ୍କ ଫଟୋ ଥିବା ଏକ୍ସ ପୋଷ୍ଟରେ ଜାରି ହେବାପରେ ଏଭଳି ଆଲୋଚନା ହେବାରେ ଲାଗିଛି ।
ଏହି ଏକ୍ସ ଆକାଉଣ୍ଟରେ ପାଣ୍ଡିଆନଙ୍କ ଫଟୋ ଲାଗିଥିବାବେଳେ ପ୍ରଚ୍ଛଦ ପଟରେ ବିଜେଡିର ସବୁଜ ରଙ୍ଗ ରହିଛି । ଆଇଡିରେ ନାମ ରହିଛି କାର୍ତ୍ତିକ ପାଣ୍ଡିଆନ । ଏହାକୁ ଦେଖିଲା ପରେ ଅନେକ ଏହା ପାଣ୍ଡିଆନଙ୍କ ଏକ୍ସ ଆଇଡି ବୋଲି ଧରି ନେଇଛନ୍ତି । ତେବେ ଏହି ଆକାଉଣ୍ଟଟି ଭେରିଫାଏଡ୍ ନଥିବା ଜଣାଯାଇଛି । ଯଦି ଏହା ନକଲି ତେବେ ଖୋଦ୍ ପାଣ୍ଡିଆନ ନିଜଆଡୁ ସାଇବର ଥାନାରେ ଏ ନେଇ ମାମଲା କରିବାକଥା । ଯେହେତୁ ସିଏ କୌଣସି ପ୍ରତିବାଦ କରୁନାହାନ୍ତି ତେଣୁ ଏହା ତାଙ୍କର ଆକାଉଣ୍ଟ ବୋଲି ଅନେକ ବିଶ୍ୱାସ କରୁଛନ୍ତି । ତାଙ୍କର ନିରବତାକୁ ନେଇ କିଛି ଭାବୁଛନ୍ତି ଯେ ପରଦା ପଛରେ ରହି ପାଣ୍ଡିଆନ ଧିରେ ଧିରେ ସକ୍ରିୟ ହେଉଛନ୍ତି ।
ଉଲ୍ଲେଖନୀୟ ଗତ ନିର୍ବାଚନ ପୂର୍ବରୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପାଣ୍ଡିଆନ ଓ ତାଙ୍କର ଚେଲାମାନେ ସକ୍ରିୟ ଥିଲେ । ନବୀନଙ୍କର ଟିକି ନିଖି ଖବର ଏକ୍ସ, ଇନଷ୍ଟାଗ୍ରାମ ଭଳି ସୋସିଆଲ ପ୍ଲାଟଫର୍ମରେ ପାଣ୍ଡିଆନଙ୍କ ନାମ ଥିବା ବିଭିନ୍ନ ଆକାଉଣ୍ଟରରୁ ଭାଇରାଲ ହେଉଥିଲା । ସେତେବେଳେ ବି ପାଣ୍ଡିଆନ ନିରବ ଥିଲେ । ବିଜେଡି କର୍ମକର୍ତ୍ତାମାନେ ଏହା ପାଣ୍ଡିଆନଙ୍କ ଆକାଉଣ୍ଟ ଭାବି ହଜାର ହଜାର ସଂଖ୍ୟାରେ ସେୟାର କରୁଥିଲେ । ତେବେ ନିର୍ବାଚନ ପରେ ପାଣ୍ଡିଆନଙ୍କର ନିଜସ୍ୱ ସକ୍ରିୟ ଥିବା ଏକମାତ୍ର ଇନଷ୍ଟାଗ୍ରାମ ଆକାଉଣ୍ଟଟି ଏବେ ନିଷ୍କ୍ରିୟ ହୋଇଯାଇଛି । ଏକ୍ସରେ କିଛି ଦିନ ହେଲା ତାଙ୍କ ନାମରେ କିଛି ଆକାଉଣ୍ଟ ପରିଲକ୍ଷିତ ହେଉନଥିଲା । ତେବେ ହଠାତ୍ ନବୀନଙ୍କ ପ୍ରଚାର ପାଇଁ ପାଣ୍ଡିଆନଙ୍କ ଫଟୋ ଓ ନାମ ଥିବା ଏକ୍ସ ଆକାଉଣ୍ଟ ସକ୍ରିୟ ହେବାପରେ ଏହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଲୋଚନା ହେଉଛି ଯେ ଏହା ଜରିଆରେ ପାଣ୍ଡିଆନ ଓ ତାଙ୍କ ଟିମ୍ ଜନମତକୁ ପରଖୁଛନ୍ତି । ଧିରେ ଧିରେ ରାଜନୀତିରେ ପୁନଃ ପ୍ରବେଶ ପାଇଁ ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି ।
ଏଭଳି ଆଲୋଚନର ଅନ୍ୟତମ କାରଣ ହେଲା ନିର୍ବାଚନ ଫଳାଫଳ ପରେ ଏକ ପ୍ରକାର ଅଦୃଶ୍ୟ ହୋଇଯାଇଥିବା ଭି.କାର୍ତ୍ତିକେୟନ ପାଣ୍ଡିଆନ ନିକଟରେ ବିଜେଡିର ବରିଷ୍ଠ ନେତା ସଞ୍ଜୟ ଦାଶବର୍ମାଙ୍କ ଝିଅ ନିର୍ବନ୍ଧ ଉତ୍ସବରେ ଯୋଗ ଦେଇଥିଲେ । ➪ପୃଷ୍ଠା-୬





## ଜିଲ୍ଲାସ୍ତରୀୟ ଗୁରୁଦିବସ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ

# ୧୫୬୬ ଜଣ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବଲାଙ୍ଗିର, ୫।୯ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଟାଉନ ବଏଜ ହାଇସ୍କୁଲ ଖେଳପଡିଆଠାରେ ଅନୁଷ୍ଠିତ ହେଇଛି। ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ କରା ଯାଇଥିଲା । ଏହି ଉତ୍ସବରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ଜିଲ୍ଲାପାଳ ଶ୍ରୀ ଗୌରବ୍ୱ ଶିୱାଜୀ ଇସଲୱାର, ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ଦେବକୀ ସାହୁ, ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀ କେଶବ



ମେହେର, ପ୍ରିନ୍ସିପାଲ ଡିଆଇଇଟ ଜୟପ୍ରକାଶ ଦାସ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟିଙ୍କୁ ପୁରସ୍କାର ଦେବା ସହ ଅଭିନନ୍ଦନ ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ୧୨୩ ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ଛାତ୍ରୀ ପୁରସ୍କାର, ୧୪୨୧ ଜଣ ବ୍ଲକସ୍ତରୀୟ ଛାତ୍ରଛାତ୍ରୀ ପୁରସ୍କାର, ୧୩ ଜଣଙ୍କୁ ଓଡିଆ ଭାଷାବୃତି ପୁରସ୍କାର ଏବଂ ୦୯ ଜଣଙ୍କୁ ମେଧାବୃତି ପୁରସ୍କାର ପ୍ରଦାନ କରାଗଲା । ୧୪ ଟି ବ୍ଲକରୁ କୃତୀ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବ ରେ ପୁରସ୍କୃତ ହେଇଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅତିଥି ମାନେ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଜୀବନରେ ସଫଳତା କାମନା କରିଥିଲେ । ଅତିଥି ମାନେ ଛାତ୍ରଛାତ୍ରୀ ମାନଙ୍କ ସଫଳ ଜୀବନଯାତ୍ରା ପାଇଁ ପ୍ରେରଣାତ୍ମକ ଉପଦେଶ ଏବଂ ଗୁରୁଙ୍କ ମହତ୍ୱ ବିଷୟରେ ଜଣାଇଥିଲେ । ଉତ୍ସବଟି ବିଇଓ, ଏ ବି ଇ ଓ, ସମସ୍ତ ସି ଆର ସି ସି, ଶିକ୍ଷକ /ଶିକ୍ଷୟତ୍ରୀଙ୍କ ସହଯୋଗ ରେ ସଫଳତା ପୂର୍ବକ ଶେଷ ହୋଇଥିଲା ।

## ଜ୍ଞାନରଞ୍ଜନଙ୍କ ଅଭିନବ ପ୍ରୟାସ

# ନିଜସ୍ୱ ଉଦ୍ୟମରେ ବାଣ୍ଟିଲେ ଭତ୍ତା

**କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ):** ଏକ ଅଭିନବ୍ୱ ଯୋଜନା କରି ଧୋୟା ଅଞ୍ଚଳରେ ଅସହାୟ ଲୋକଙ୍କୁ ଭତ୍ତା ବଣ୍ଟାକୁ ନେଇ ଏବେ ବେଶ ଚର୍ଚ୍ଚାରେ ଅଛନ୍ତି ସମାଜସେବୀ ଜ୍ଞାନରଞ୍ଜନ ରାଉତ। କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ବଲୁରିଆ ପଞ୍ଚାୟତର ଯୁବ ସମାଜସେବୀ 'ନବୀନ ନିରାଶୟ ଭତ୍ତା ଯୋଜନା' ନାମରେ ଏକ ଯୋଜନା ଆରମ୍ଭ କରିଛନ୍ତି। ସେ ଗତକାଲି ବଲୁରିଆ ପଞ୍ଚାୟତର ବୁଢ଼ୀମଉନେଇ ମନ୍ଦିର ପ୍ରାଙ୍ଗଣରେ ଅଣ୍ଡରା, ତରଡ଼ିପାଳ, ଅମୃତମଣୋହି, ପେଣ୍ଠପାଳ ଆଦି ପଞ୍ଚାୟତ ଗୁଡିକରୁ ପାଖାପାଖି ୫୦ ଜଣ ବିଧବା, ବୃଦ୍ଧ, ବୃଦ୍ଧା ଓ ଶାରୀରିକ ବିକଳାଙ୍ଗ ଲୋକଙ୍କୁ ୧୦୦ଟଙ୍କା ଲେଖା ଭତ୍ତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ଅମର ବିଶ୍ୱାଳ, ପୂର୍ବତନ



ସରପଞ୍ଚ ରତିକାନ୍ତ ସାହାଣୀ,କୁଳମଣି ମଳିକ ପ୍ରମୁଖ ଯୋଗଦେଇ ଶୁଭ ଉଦଘାଟନ କରି ଥିଲେ। ଜ୍ଞାନରଞ୍ଜନଙ୍କ ଏହି ନିଆରା ଉଦ୍ୟମକୁ ପ୍ରଶଂସା କରିବା ସହ ଯେଉଁମାନେ ସରକାରଙ୍କ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି ସେମାନଙ୍କୁ ଜ୍ଞାନରଞ୍ଜନଙ୍କ ଏହି ଭତ୍ତା ଯୋଜନା ନିହାତି ସାହାଯ୍ୟ କରିବ। ଏହି ଅବସରରେ ଜ୍ଞାନରଞ୍ଜନ କହିଛନ୍ତି ଏହି ଭତ୍ତା ରାଶି ଆଗାମୀ ଦିନରେ ବୃଦ୍ଧି ପାଇବା ସହ ପ୍ରତ୍ୟକ ମାସର ୧ ତାରିଖରେ ପ୍ରଦାନ କରାଯିବ। ତାହାସହ ସାହାଯ୍ୟର ସୀମା ଏତିକିରେ ସୀମିତ ରହିବ ନାହିଁ ଚିକିତ୍ସା କ୍ଷେତ୍ରରେ ହେଉ ଅବା ଝିଅ ବାହାଘରରେ ସହଯୋଗ ପ୍ରଦାନ କରାଯିବ। ଏହି ଅବସରରେ ସମସ୍ତଙ୍କ ଭତ୍ତା କାର୍ଡ ପ୍ରଦାନ କରାଯାଇଛି। ଅକ୍ଷୟ କୁମାର ମଲ୍ଲିକ,ସତ୍ୟରଞ୍ଜନ ସୁନ୍ଦରାୟ,ଶ୍ରୀକାନ୍ତ ସାହୁ, ପ୍ରଭାସ ସାହାଣୀ,ସନ୍ତୋଷ ପାଢ଼ୀ ସୋମ୍ୟରଞ୍ଜନ ପାଢ଼ୀ, ନଳିନୀ କାନ୍ତ ନାୟକ, ପ୍ରିୟ ରଞ୍ଜନ ରାଉତ, ସୁରୀୟପ୍ରକାଶ ମହି, ଶଶିକାନ୍ତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଗିରଫ ଦାବି



**ସୁନ୍ଦରଗଡ, ୫।୯ (ସଂଚାର ବ୍ୟୁରୋ):** ବାଲିଶଙ୍କରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଟେଲଙ୍କୁ ଗିରଫ କରିବା ଦାବିରେ ଜିଲ୍ଲା ଏସଟି/ଏସସି ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଆଦିବାସୀ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବୀପତ୍ର ଦେଇଛନ୍ତି। ଗତ ମାସ ଅଗଷ୍ଟ ୧୬ ତାରିଖ ଦିନ ଉକ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନେ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣକୁ ସହି ନ ତାଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଉକ୍ତ ଘଟଣା ଦିନ ତଳସରା ଥାନା କର୍ମଚାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଉପ ଜିଲ୍ଲାପାଳ, ଏସଡିପିଓ ସୁନ୍ଦରଗଡ଼ ଘଟଣା ସ୍ଥଳକୁ ପହଞ୍ଚିଥିଲେ ଏବଂ ପ୍ରଧାନ ଶିକ୍ଷକଙ୍କୁ ବହିଷ୍କାର କରିବା ସହିତ ୨୪ ଘଣ୍ଟା ଭିତରେ ଗିରଫ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ହେଲେ ଘଟଣାର ୨୦ ଦିନ ବିତି ଯାଇଥିଲେ ସୁଦ୍ଧା ବର୍ତମାନ ପର୍ଯ୍ୟନ୍ତ ଦୋଷୀକୁ ଗିରଫ କରାଯାଇ ନାହିଁ। ଯାହାଦ୍ୱାରା ଆଜି ସୁନ୍ଦରଗଡ ଜିଲ୍ଲାର ଏସଟି/ଏସସି ଏକତା ମଞ୍ଚର ଶତାଧିକ ମହିଳା ପୁରୁଷମାନେ ଜିଲ୍ଲାପାଳ ଅଫିସକୁ ଆସି ପ୍ରଧାନ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ପ୍ରଧାନ ଶିକ୍ଷକଙ୍କୁ ଯଥା ଶୀଘ୍ର ଗିରଫ କରା ନ ଗଲେ ଆଗମୀ ଦିନରେ ଜିଲ୍ଲା ଏସଟି ଏସସି ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଆଦିବାସୀ ମଞ୍ଚ ପକ୍ଷରୁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

# ଆର୍.ଆଇ.ଟି ଇଣ୍ଟରନାସନାଲ୍ ସ୍କୁଲରେ ଗୁରୁଦିବସ ପାଳିତ

**ଯାଜପୁର, ୫।୯ (ସଂଚାର ବ୍ୟୁରୋ):** ଯାଜପୁର ଟାଉନ ସ୍ଥିତ ନରସିଂହପୁର ଠାରେ ଅବସ୍ଥିତ ଆର.ଆଇ.ଟି ଇଣ୍ଟରନେସନାଲ ସ୍କୁଲ ପରିସରରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ଖିଲୱାରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି



ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗଦେଇ ଭାରତର ଦ୍ୱିତୀୟ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ଡକ୍ଟର ରାଧାକୃଷ୍ଣନଙ୍କ ଜନ୍ମଦିବସକୁ ଗୁରୁଦିବସ ରୂପେ ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ପାଳନ କରାଯାଉଛି। ଆମ ସମସ୍ତଙ୍କର ପ୍ରଥମ ଗୁରୁ ହେଉଛନ୍ତି ବାପା, ମା ତାଙ୍କୁ ଭକ୍ତି କରିବା ଓ ତାଙ୍କ କଥା ମାନି ଚଳିଲେ ବଡ଼ ମଣିଷ ହୋଇପାରିବା। ଅନୁଷ୍ଠାନର ମୁଖ୍ୟ ତଥା ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁ ଯୋଗଦେଇ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟତମ ଶିକ୍ଷୟିତ୍ରୀ ସ୍ମୃତି କର, ରିନୁ ସାହୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ 'ଗୁରୁ ଦିବସ'

**ଯୋଡ଼ା, ୫।୯ (ସଂଚାର ବ୍ୟୁରୋ):** ରିଖି(ଗୁରୁବାର)ଯୋଡ଼ା ବ୍ଲକ ସ୍ଥିତ ବିଲେଇପଦା ଶିଶୁ ମନ୍ଦିର ରେ ଆଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁଦିବସ ଯଥାରୀତି ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆମ ସଂକୁଳ ପ୍ରମୁଖ ତଥା କଳିଙ୍ଗ ଉଚ୍ଚ ବିଦ୍ୟାଳୟର କାର୍ଯ୍ୟରତ



ଶିକ୍ଷକ ମାନନୀୟ ଶ୍ରୀଯୁକ୍ତ ଦୁଃଖୀ ବନ୍ଧୁ ମିଶ୍ର ମହୋଦୟ ଯୋଗଦାନ କରି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପୂଜନ ସହ ଶିଶୁ ଭାଇଭଉଣୀ ମାନଙ୍କୁ ଗୁରୁଙ୍କ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଉକ୍ତ ଉତ୍ସବ ଅବସରରେ ବିଦ୍ୟାଳୟର ସଂପାଦକ ମାନନୀୟ ଶ୍ରୀଯୁକ୍ତ ଗୋପୀନାଥ ଗୋପ, ଉପସଭାପତି ମାନନୀୟ ଶ୍ରୀଯୁକ୍ତ ହେମନ୍ତ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଶିଶୁ ଭାଇଭଉଣୀମାନଙ୍କ ଦ୍ୱାରା ଗୁରୁଙ୍କ ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



**କେନ୍ଦ୍ରାପଡ଼ା, ୫।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ମାନ୍ୟବର ବିଧାୟକ ଦୂର୍ଗା ପ୍ରସନ୍ନ ନାୟକ ଯୋଗ ଦେଇଥିଲା ବେଳେ ସମ୍ମାନନୀୟ ଅତିଥି ଭାବେ କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, କେନ୍ଦ୍ରାପଡ଼ା ପୌରପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସରିତା ସାହୁ, ଗରଦପୁର ବ୍ଲକ ଚେୟାରମ୍ୟାନ ଅଭୟ କୁମାର ମହାରାଜ, ମାର୍ଶାଘାଇ ବ୍ଲକ ଚେୟାରମ୍ୟାନ ମଧୁସ୍ମିତା ସାମଲ, ରାଜନଗର ବ୍ଲକ ଚେୟାରମ୍ୟାନ ପ୍ରତିଭା ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଗୁରୁଙ୍କ ସହ ବିଦ୍ୟାର୍ଥୀମାନଙ୍କୁ ସମ୍ବର୍ଦ୍ଧନା ଦେବାର ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ ବିଷୟରେ ମତବ୍ୟକ୍ତ କରିବା ସହ ସମସ୍ତଙ୍କୁ ପବିତ୍ର ଗୁରୁଦିବସର ଶୁଭେଚ୍ଛା ଜଣାଇଥିଲ । ଆଭାସି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମଝି ପବିତ୍ର ଗୁରୁ ଦିବସ ଅବସରରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କୃତ ମେଧାବୀ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜିଲ୍ଲାସ୍ତରୀୟ ଉତ୍ସବରେ ଜିଲ୍ଲାର ଦଶ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନୀତ କରାଯିବା ସହ ୯ ଟି ବ୍ଲକ ଓ ୨ଟି ପୌରପରିଷଦର ମୋଟ ୧୦୫୪ଜଣ ବିଦ୍ୟାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା ।

## ଖବର ପ୍ରସାରଣ ପରେ ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ

# କିଡ଼୍ନୀ ରୋଗର କାରଣ ଜଣାପଡୁନି

**ଉଦଳା, ୫।୯ (ସଂଚାର ବ୍ୟୁରୋ):** ବାଜିଲା ଖବର, ଆଉ ଖବର ବାଜିବା ପରେ ଚେତା ପଶିଲା ସ୍ୱାସ୍ଥ୍ୟ ବିଭାଗର । କାରଣ ଖୋଜିବା ସହିତ ରୋଗୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଗାଁରେ ପହଁଚିଲା ମେଡିକାଲ ଟିମ ।

ଉଦଳା ବ୍ଲକ ରାଢୋ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ କିଡ଼ନୀ ରୋଗ ନିଜର କାୟା ବିସ୍ତାର କରୁଥିବା ବେଳେ ଗ୍ରାମରେ ବସବାସ କରନ୍ତି ୪୦ ରୁ ଅଧିକ ପରିବାର। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ସେଥି ମଧ୍ୟରୁ ୯୦ ପ୍ରତିଶତ ପରିବାରର ସଦସ୍ୟମାନେ ଏବେ କିଡ଼ନୀ ରୋଗରେ ଆକ୍ରାନ୍ତ । କିଏ ୪ ମାସ ହେଲା ତ ପୁଣି କିଏ ଏକ ବର୍ଷ ହେଲା ଆଉ କିଛି ବର୍ଷ ବର୍ଷ ଧରି ଏହି ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ ହୋଇଯାଇଛନ୍ତି। ଏହି ଗ୍ରାମରେ ଦିନକୁ ଦିନ କିଡ଼ନୀ ରୋଗ କାୟା




ମେଲାଇବାରେ ଲାଗିଛି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପରିବେଷଣ ହୋଇଥିଲା । ଖବର ବାଜିବା ପରେ ଆଜି ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ସହିତ ସ୍ୱାସ୍ଥ୍ୟ ବିଭାଗର ଟିମ ପହଁଚିଛି ଗ୍ରାମରେ । ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ର ଚିଫ ଇଞ୍ଜିନିଅରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଆଡିସନାଲ ଡାଇରେକ୍ଟର ଏନସିଡିଙ୍କ ସମେତ ଭେଷଜ ଏବଂ ଅନ୍ୟ ବିଭାଗର ଡାକ୍ତର ଗ୍ରାମରେ ପହଞ୍ଚିଛନ୍ତି। ଗ୍ରାମରେ ପହଞ୍ଚି କିଡ଼ନୀ ରୋଗରେ ଆକ୍ରାନ୍ତଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହିତ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଛନ୍ତି ସ୍ୱାସ୍ଥ୍ୟ ବିଭାଗର ଡାକ୍ତର ଏବଂ ଅନ୍ୟ ପ୍ରଫେସର । ସେପଟେ କିଡ଼ନୀ ରୋଗ ବ୍ୟାପିବା ପଛରେ ପାନୀୟ ଜଳ କାରଣ ରହିଥାଇ ପରେ ଏହାକୁ ନେଇ ଜଳ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମବାସୀ ବ୍ୟବହାର କରୁଥିବା ପାନୀୟ ଜଳର ନମୁନା ସଂଗ୍ରହ କରି ଟେଷ୍ଟ କରାଯାଇଥିବା ବେଳେ ପାନୀୟ ଜଳରେ କୌଣସି ସମସ୍ୟା ନଥିବା କହିଛନ୍ତି ଚିଫ ଇଞ୍ଜିନିଅର । ତେବେ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ବାରମ୍ବାର ଯାଞ୍ଚ କରାଯିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ । ତେବେ ସ୍ୱାସ୍ଥ୍ୟ ବିଭାଗର ଆଡିସନାଲ ଡାଇରେକ୍ଟର ଏନସିଡି ଡ଼ଃ ସୁଶାନ୍ତ କୁମାର ସ୍ୱାଇଁଙ୍କ ଅନୁମାନ ଅନୁଯାୟୀ ମଦ୍ୟପାନ ଓ ଅଳ୍ପ ପାଣି ପିଇବା କାରଣରୁ ଏହା ହୋଇପାରିଥାଏ, ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ଦିନ ଅନ୍ତରରେ ଲଗାତାର ନମୁନା ସଂଗ୍ରହ କରାଗଲେ ହିଁ କେଉଁ କାରଣ ପାଇଁ କିଡ଼ନୀ ରୋଗ ବ୍ୟାପୁଛି ସେ ଉପରେ ଆଲୋକପାତ କରିହେବ ।

# ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜନଶୁଣାଣି

**କଣାସ, ୫।୯ (ସଂଚାର ବ୍ୟୁରୋ):** କଣାସ ପାୟତ ସମିତି ସଭା ଗୃହରେ ଆଜି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣି ଶିବିରରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଓ ପିପୋଷଣ (ଏମଡିଏମ୍) ର ବ୍ଲକ ସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୌଳାସ ଚନ୍ଦ୍ର ନାୟକ, କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, କଣାସ ପାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, କଣାସ ବ୍ଲକ ଅତିରିକ୍ତ ବିଡିଓ ମଙ୍ଗଳ ସିଂ ହେମ୍ବ୍ରମ, ଉପସ୍ଥିତ ରହିଥିବା ବେଳେ ଜନ ପ୍ରତିନିଧି ଓ ପ୍ରତିପାୟତରେ ଅଡିଟି କରୁଥିବା ଅଡିଟରମାନେ ଉପସ୍ଥିତ ରହିଥିଲେ। ଅଡିଟି ରୁ ଜଣାପଡିଛି ଯେ କେତେକ ମୃତ ବ୍ୟକ୍ତିଙ୍କ ଭତ୍ତା ପ୍ରତିମାସରେ ଉଠୁଥିବା ବେଳେ ଅନେକ ମୃତ ବ୍ୟକ୍ତି ରାସନ ଚାଉଳ ପ୍ରତିମାସରେ ଉଠୁଛି ଏବଂ ବଡାଲ ପାୟତରେ ମନୋରେଗାରେ କରାଯାଇଥିବା




୮ଟି କାର୍ଯ୍ୟର କୌଣସି ସୂଚନା ନାହିଁ । ତେକତେକ ବ୍ୟକ୍ତି ଅବସଗୃହ ତିଆରି କରିବାପାଇଁ ଅର୍ଥ ନେଇ ଥିଲେ ମଧ୍ୟ ଆବସଗୃହ ତିଆରି କରିନାହାନ୍ତି। କଣାସ ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ସଂପର୍କରେ କୌଣସି ଆଗୁଆ ସୂଚନା ଦିଆଯାଉନଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଇଣ୍ଡିଆ ବୁକ ଅଫ୍ ରେକର୍ଡସ୍‌ରେ ଅଢେଇ ବର୍ଷର ଅରମାନ

**ସୁବର୍ଣ୍ଣପୁର, ୫।୯ (ସଂଚାର ବ୍ୟୁରୋ):** ବୟସ ମାତ୍ର ୨ ବର୍ଷ ୬ ମାସ। ଖନି ବାଜୁଛି କିନ୍ତୁ ମୁଁହରେ ମହାପ୍ରଭୁଙ୍କ ଶ୍ଲୋକ। ପଶୁପକ୍ଷୀ, ଯାନ ଯାନବାହାନ, ଜାତୀୟ ସଂକେତ ବିଭିନ୍ନ ରଙ୍ଗ, ଆକୃତି, ଶରୀରର ଅଙ୍ଗ ପ୍ରତ୍ୟଙ୍ଗ, ଦେବା ଦେବୀଙ୍କ ନାମ, ସପ୍ତାହ ଏବଂ ମାସ ମାନଙ୍କର ନାମ ଏସବୁକୁ ଇଂରାଜୀରେ କହି ମନ ମୋହି ନେଉଛନ୍ତି ଅରମାନ। ସୋନପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ (ଗଧାପାଲି ) ଗ୍ରାମର କ୍ରୀଷ୍ଟାରାଣୀ ପଧାନ ଓ ବାପା ରତନ ବିଶ୍ୱାଳଙ୍କ ଅଢେଇ ବର୍ଷର ପୁଅ ଅରମାନ ବିଶ୍ୱାଳ। ଅରମାନ ତା' ର ଏଇ କଅଁଳ ବୟସରେ ର ଖାଲି ବାପା ମା କି ପରିବାର ନୁହେଁ ପୁରା ଅଞ୍ଚଳ ପାଇଁ ଗୌରବ ଆଣି ଦେଉଛି, ଇଣ୍ଡିଆ ବୁକ ଅଫ ରେକର୍ଡ ଅର୍ଜନ କରିଛି ଅରମାନ। ଏହି ରେକର୍ଡର ମହତ୍ତ୍ୱକୁ ବୁଝୁ ନ ଥିବା ଅରମାନ ଆଜି ବଢାଇ ଦେଇଛି ତା' ର ମା ବାପା ଙ୍କ ଗୁରୁତ୍ୱ। ମାତ୍ର ୮/୯ ମାସରେ କଥା କହିବାର ଆରମ୍ଭ କରିଥିଲେ ଅରମାନ। ଏବଂ ୨୧ ମାସରେ ସ୍ପଷ୍ଟ ଭାବରେ କିଛି କିଛି ବାକ୍ୟ ଉଚାରଣ କରିଥିଲେ। ଏହା ସହ ତାର ବିଚକ୍ଷତା ସ୍ମରଣ ଶକ୍ତିକୁ ଦେଖି ପୁରା ପରିବାର ବହୁତ ଖୁସି ହୋଇଥିଲେ। ଏହା ପରେ ମା କ୍ରୀଷ୍ଟା ଅରମାନ ର ସଠିକ ଯତ୍ନ ନେବା ସହ ଉଚିତ ଶିକ୍ଷା ଦେବା ଆରମ୍ଭ କରିଥିଲେ। ବିଭିନ୍ନ ବହି, ଖେଳଣା ଏବଂ ଜିନିଷ ପତ୍ର କିଣି ଅରମାନ ପାଇଁ ଉପଯୋଗ କରିଥିଲେ। ଅରମାନ ମଧ୍ୟ ତାଙ୍କ ମା ଠାରୁ ଶିକ୍ଷା ଲାଭ କରି ଇଣ୍ଡିଆ ବୁକ ଅଫ୍ ବୁକ ରେକର୍ଡରେ ଅଧିକାରୀ ହୋଇ ପାରିଛନ୍ତି। ଅରମାନର ଏହି ସଫଳତାରେ ବାପା ମା ପରିବାରରେ ବନ୍ଧୁବାନ୍ଧବ ସମେତ ସମଗ୍ର ଅଞ୍ଚଳରେ ଖୁସିର ମାହୋଲ ଖେଳି ଯାଇଥିବା ବେଳେ ତାର ଉଜ୍ଜ୍ୱଳ ବଭିଷ୍ୟତ କାମନା କରିଛନ୍ତି। ତେବେ ଆଗକୁ ପୁଅ ଅରମାନ କୁ ମା କ୍ରୀଷ୍ଟା ଅଧିକ ଶିକ୍ଷାଦେଇ ଆହୁରି ରେକର୍ଡ ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ।




# କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଜନ୍ମ ନେଲେ ୨୫ ଶାବକ

**ରାଜନଗର, ୫।୯ (ସଂଚାର ବ୍ୟୁରୋ):** ବଉଳା କୁମ୍ଭୀରମାନଙ୍କ ଭୂସ୍ୱର୍ଗ ଭାବେ ପରିଚିତ ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ବିଶ୍ୱର ସର୍ବପ୍ରଥମ କୃତ୍ରିମ ପ୍ରଜନନ କେନ୍ଦ୍ରରୁ ଆଜି ପ୍ରଥମଦିନରେ ୨୫ କୁମ୍ଭୀର ଶାବକ ଜନ୍ମ ନେଇଛନ୍ତି। ୭୫ଦିନ ପରେ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ଆସନ୍ତା ଦିନେ ଦୁଇଦିନ ଭିତରେ ଅନ୍ୟ ଅଣ୍ଡାଗୁଡିକରୁ କୁମ୍ଭୀର ଶାବକମାନେ ଜନ୍ମ ଗ୍ରହଣ କରିବେ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ। ଚଳିତବର୍ଷ ଭିତରକନିକାରେ ପ୍ରବାହିତ ନଦୀ, ନାଳ ମାନଙ୍କରେ ବାସକରୁଥିବା ବିରଳ ବଉଳା କୁମ୍ଭୀରଙ୍କ ୧୧୪ଟି କୁମ୍ଭୀର ବସା ଚିହ୍ନଟ ହୋଇଥିଲା। ସେଥିମଧ୍ୟରୁ ନଦୀ କୂଳଟାରୁ ଜୁଆର ମାଡିଯାଉଥିବା ସ୍ଥାନରେ ଥିବା ଗୋଟିଏ କୁମ୍ଭୀର ବସାରୁ ୫୪ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ଏହି ଅଣ୍ଡାକୁ କୃତ୍ରିମ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଛୁଆ ଫୁଟାଇବା ପାଇଁ ରଖାଯାଇଥିଲା। ସେଥିମଧ୍ୟରୁ ଆଜି ୨୫ଟି କୁମ୍ଭୀର ଶାବକ ଜନ୍ମଗ୍ରହଣ କରିଛନ୍ତି। ପ୍ରତିବର୍ଷ ବଉଳା କୁମ୍ଭୀର ପ୍ରଜନନ ଋତୁରେ ମାଆ କୁମ୍ଭୀର ଅନ୍ତସତ୍ତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳ ଠୁଁ ଉଚ୍ଚା ସ୍ଥାନରେ ବସା କରିଥାଏ। ପ୍ରତ୍ୟେକ କୁମ୍ଭୀର ୪୦ ରୁ ୬୦ଟି ଅଣ୍ଡା ଦେଇଥାଏ। ଅଣ୍ଡା ଦେବାର ୭୫ ଦିନ ମଧ୍ୟରେ ଛୁଆ ବାହାରିଥାଏ। କନିକା ରେଂଜ ଅଂଚଳରୁ ଜୁଆର



ମାଡରେ ନଷ୍ଟ ହୋଇଯାଇଥିବା ଗୋଟିଏ କୁମ୍ଭୀର ବସାରୁ ୫୪ଟି ଅଣ୍ଡା ସଂଗ୍ରହ କରାଯାଇଥିଲା। ଡାଙ୍ଗମାଳ ଠାରେ ଥିବା ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ରରେ ଖରଖରି ଓ ହେନ୍ତାଳ ପତ୍ର ଘୋଡାଇ ଅଣ୍ଡାଗୁଡିକୁ ରଖାଯାଇଥିଲା। ୩୨ ରୁ ୩୩ ଡିଗ୍ରୀ ତାପମାତ୍ରାରେ କୁମ୍ଭୀର ଅଣ୍ଡାଗୁଡିକୁ ପତ୍ର ଘୋଡାଇ ରଖାଯିବା ସହ ପ୍ରତି ୨ ଘଂଟାରେ ଥରେ ତାପମାତ୍ରା ମପାଯାଇଥିଲା। କୃତ୍ରିମ ଉପାୟରେ କୁମ୍ଭୀର ପ୍ରଜନନ କେନ୍ଦ୍ରରେ ରଖାଯାଇଥିବା ଅଣ୍ଡାରୁ କୁମ୍ଭୀର ଶାବକ ଜନ୍ମ ଗ୍ରହଣ କରିଛନ୍ତି। ଭିତରକନିକାକୁ ଆଜି ନୂଆ ଅତିଥି ଆସିଛନ୍ତି। ୧୯୭୫ ମସିହାରୁ ବିଶ୍ୱର ସର୍ବ ପ୍ରଥମ ଏହି ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର ସ୍ଥାପନ କରାଯାଇଛି। ସେବେଠୁଁ କୃତ୍ରିମ ଉପାୟରେ ଏହି ପକ୍ରିୟା ଚାଲୁ ରହିଛି।

# ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ ବିରୋଧରେ ପ୍ରତିବାଦ

**ବ୍ରହ୍ମପୁର, ୫।୯ (ସଂଚାର ବ୍ୟୁରୋ):** ଚାଷୀ ମୁଲିଆ ସଂଘ, ଓଡିଶା ଅଲ ଇଣ୍ଡିଆ ଖେତ ମଜଦୁର କିଷାନ ସଭା ଓ ମାନବ ଅଧିକାର ସୁରକ୍ଷା ମଞ୍ଚ ମିଳିତ ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ଜୀବନରେଖା ଋଷିକୂଲ୍ୟା ନଦୀରେ ପ୍ରସ୍ତାବିତ ପିପଲପଙ୍କା ଡ୍ୟାମ ବାତିଲ କରିବା ଓ ସୋରଡ଼ା ଜଳ ଭଣ୍ଡାରର ପୁନରୁଦ୍ଧାର କରିବା ଦାବି ନେଇ ସୋରଡ଼ା ତହସିଲଦାରଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି ।

ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ, ଗୋଛା ପଂଚାୟତର ପିପଲପଙ୍କା ଠାରେ ଡ୍ୟାମ ନିର୍ମାଣ କରି ଋଷିକୂଲ୍ୟା ନଦୀର ପାଣିକୁ ଗୋପାଳପୁରସ୍ଥିତ ଟାଟା ଓ ଅନ୍ୟାନ୍ୟ କମ୍ପାନୀକୁ ଯୋଗାଇବା ପାଇଁ ପୂର୍ବ ସରକାର ପିପଲପଙ୍କା ଠାରେ ୧୦୦୦କୋଟି ଟଙ୍କାର ଏକ ଡ୍ୟାମ୍ ନିର୍ମାଣ ପାଇଁ ଘୋଷଣା କରିଥିଲେ । ଏହି ପ୍ରକଳ୍ପ ନିର୍ମାଣ ହେଲେ ବହୁ ସଂଖ୍ୟକ ଚାଷୀ ଓ ଆଦିବାସୀ ପରିବାର ବିସ୍ଥାପିତ ହେବା ସହିତ ସବୁଜ ବନାନୀ ଓ ଉର୍ବର ଚାଷ ଜମି ଓ




ଜଙ୍ଗଲ ସବୁ ଦିନ ପାଇଁ ଡ୍ୟାମ ତଳେ ବୁଡ଼ିଯିବ। ସୋରଡ଼ା ସମେତ ଧରାକୋଟ, ସାନଖେମୁଣ୍ଡି, ଆସ୍କା,ଶେରଗଡ଼, ପୁରୁଷୋତ୍ତମପୁର, ଛତ୍ରପୁର, ଗୋପାଳପୁର ବ୍ଲକର ଯେଉଁ ଲକ୍ଷ ଲକ୍ଷ ଚାଷୀ ବର୍ଷ ତମାମ ଋଷିକୂଲ୍ୟା ନଦୀରୁ ନିଜ ଚାଷ ଜମିକୁ ପାଣି ନେଇ ଚାଷବାସ କରୁଛନ୍ତି ସେମାନେ ସବୁଦିନ ପାଇଁ ସେଥିରୁ ବଞ୍ଚିତ ହେବେ। ଫଳରେ ଏଠାକାର ଚାଷୀଙ୍କ ସମେତ ନଦୀ କୂଳ ଅବବାହିକାର ସମସ୍ତ ଅଂଚଳର ଚାଷ ଜମିରେ ଅକାଳ ମରୁଡି ପଡିବ ଓ ଚାଷୀଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡିବ ।

ବର୍ତମାନ ସୋରଡ଼ା ସମେତ ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭାରତୀୟ ବିରଳ ମୃତ୍ତିକା, ଗୋଳାବନ୍ଧ ଆର୍ମି କ୍ୟାଣ୍ଟିନ, ପୁରୋଷୋତ୍ତମ ପୁର, ଗଞ୍ଜାମ, ହୁମ୍ମା ଆଦି ଅଞ୍ଚଳବାସୀ ପାନୀୟ ଜଳ ଓ ଦୈନନ୍ଦିନ ବ୍ୟବହାର ପାଇଁ ଏକମାତ୍ର ଋଷିକୂଲ୍ୟା ନଦୀ ଜଳ ଉପରେ ନିର୍ଭରଶୀଳ ଅଟନ୍ତି । କିନ୍ତୁ ଟାଟା ଓ ଅନ୍ୟାନ୍ୟ କମ୍ପାନୀର ଆବଶ୍ୟକତା ମେଣ୍ଟାଇବାପାଇଁ ହେଉଥିବା ପିପଲପଙ୍କା ପ୍ରକଳ୍ପ ଦ୍ୱାରା ଜନସାଧାରଣ ପିଇବା ପାଣି ଟୋପାଏ ପାଇବେ ନାହିଁ। ଏହା ସହ ପ୍ରକୃତି ଦତ୍ତ ଏହି ଚିରସ୍ରୋତା ନଦୀ ଅଳ୍ପ ଦିନରେ ଶୁଖିଯିବ । ଏଥିରେ ଜୀବଜନ୍ତୁ,ବନ୍ୟଜନ୍ତୁ, ଗାଈ ଗୋରୁ, ବଣ ଜଙ୍ଗଲ ସମେତ ସମସ୍ତ ଜୀବନ ଗଭୀର ଭାବେ ପ୍ରଭାବିତ ହେବ।

ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପରିବେଶ ମଞ୍ଜୁରୀ, ଜଙ୍ଗଲ ସୁରକ୍ଷା ପାଇଁ ପାଇଥିବା ବିଭିନ୍ନ ପ୍ରକାର ଆଇନଗତ କଟକଣାକୁ ଭଣ୍ଡୁର କରି ଟାଟା କମ୍ପାନୀ ହାତକୁ ଋଷିକୂଲ୍ୟା ନଦୀକୁ ଟେକିଦେବାପାଇଁ ପୂର୍ବ ସରକାର ହୀନ ଉଦ୍ୟମ ଆରମ୍ଭ କରିଥିଲେ। ବର୍ତମାନ ରାଜ୍ୟରେ ନୂଆ ବିଜେପି ସରକାର ଶାସନରେ ଆସିଛନ୍ତି । ବିଭିନ୍ନ ଅନୁସୂଚିତ ଜାତି, ଜନଜାତି ଓ କୃଷକ ସମୁଦାୟର ଦାବି ପ୍ରତି ଗୁରୁତ୍ୱର ସହ ଦୃଷ୍ଟି ଦେଇ ପୁରୁଣା ସରକାରର ଜନବିରୋଧି ନିଷ୍ପତ୍ତିର ପରିବର୍ତ୍ତନ କରିବାକୁ ଆଜି ଆହ୍ୱାନ ଦିଆଯାଇଛି।

# ଅଜଣା ଗାଡି ଧକ୍କାରେ ଜଣେ ମୃତ

**ଭେଡେନ, ୫।୯ (ସଂଚାର ବ୍ୟୁରୋ):** ଭେଡେନ ଥାନା ଅଧିନ ବୁର୍ଦ୍ଧା ହାଇସ୍କୁଲ ପଡାରେ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ଭେଡେନ ଥାନା ଅଧିନ ବୁର୍ଦ୍ଧା ହାଇସ୍କୁଲ ପଡାର ଅଧିକାରୀ ନାୟକ ଶୌଚ କରିବାକୁ ଯାଇଥିବା ବେଳେ ହାଇସ୍କୁଲ ପଡା ଠାରେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଅଧିକାରୀ ନାୟକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଭେଡେନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି ।

# ଇଭି ରିହାତି ୧୫୮କୋଟିରୁ ଅଧିକ



**ଭୁବନେଶ୍ୱର, ୫।୯ (ତଥ୍ୟ):** ବୈଦ୍ୟୁତିକ ଯାନ ବା ଇଭି ଖରିଦ କରୁଥିବା ଲୋକଙ୍କୁ ରାଜ୍ୟ ସରକାର ସବସିଡ୍ ବାବଦରେ ୧୫୮ କୋଟି ଟଙ୍କାରୁ ଅଧିକ ସବସିଡ୍ ଅର୍ଥ ପ୍ରଦାନ କରିଛନ୍ତି। ଚାରି ଚକିଆ ଇଭି ଯାନ ମାଲିକମାନେ ଅଧିକ ପରିମାଣରେ ସବସିଡ୍ ନେବାରେ ଲାଗିଥିବା ଜଣାଯାଇଛି।

ଓଡିଶା ବୈଦ୍ୟୁତିକ ଯାନ ନୀତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ଏହି ନୀତି ୨୦୨୧ ମସିହା ସେପ୍ଟେମ୍ବର ମାସରୁ ଲାଗୁ କରାଯାଇଛି। ସେହି ଦିନ ଠାରୁ କିଣାଯାଇ ପଞ୍ଜିକୃତ ହୋଇଥିବା ବୈଦ୍ୟୁତିକ ଯାନଗୁଡିକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି।

ଏହି ପ୍ରୋତ୍ସାହନ ରାଶି ବାବଦରେ ଦୁଇ ଚକିଆ ଯାନକୁ ବ୍ୟାଟେରୀ କିଲୋୱାଟ ପିଛା ୫୦୦୦ ଟଙ୍କା ଓ ସର୍ବାଧିକ ୨୦ହଜାର ଟଙ୍କା ପ୍ରଦାନ କରାଯାଉଥିବାବେଳେ ତିନି ଚକିଆ ଯାନ କ୍ଷେତ୍ରରେ ସର୍ବାଧିକ ୩୦ହଜାର ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଚାଚକିଆ ଇଭି ଯାନ କ୍ଷେତ୍ରରେ ଗୋଟିଏ କିଲୋୱାଟ ବ୍ୟାଟେରୀ ପାଇଁ ୧୦ ହଜାର ଟଙ୍କା ଓ ଗାଡି ପିଛା ସର୍ବାଧିକ ଦେଢ ଲକ୍ଷ ଟଙ୍କା ଦିଆଯାଉଛି।

ସବସିଡ୍ ବାବଦରେ ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ମୋଟ୍ ୧୫୮ କୋଟି ୨୭ଲକ୍ଷ ୮୫ ହଜାର ୧୩୫ ଟଙ୍କା ଯୋଗାଇ ସାରିଲେଣି। ୨୦୨୨- ୨୩ ବର୍ଷରେ ଏ ବାବଦରେ ଗାଡି ମାଲିକମାନଙ୍କୁ ୮କୋଟି ୮୩ଲକ୍ଷ ୪୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିବର୍ଷ ରାଜ୍ୟରେ ୧୨,୯୩୪ ଟି ଦୁଇଚକିଆ ଇଭି ମାଲିକ ସବସିଡ୍ ଅର୍ଥ ପାଇଥିବାବେଳେ ୯୬୬ ଜଣ ତିନି ଚକିଆ ଓ ୨୮୨ଜଣ ଚାରିଚକିଆ ଯାନ ମାଲିକ ସବସିଡ୍ ଅର୍ଥ ପାଇଥିଲେ। ତେବେ ୨୦୨୩- ୨୪ ବର୍ଷରେ ଦୁଇ ଚକିଆ ଇଭି ଯାନ ବିକ୍ରିରେ ଅହେତୁକ ବୃଦ୍ଧି ହୋଇଥିଲା। ସେହିଭଳି ୩୧,୫୦୦ ଜଣ ଦୁଇ ଚକିଆ ମାଲିକ ସବସିଡ୍ ଅର୍ଥରାଶି ପାଇଥିବାବେଳେ ୩୯୬୬ ତିନି ଚକିଆ ଓ ୧୦୫୨ ଚାରିଚକିଆ ମାଲିକ ସରକାରଙ୍କ ପ୍ରଦାନ କରୁଥିବା ସବସିଡ ରାଶି ପାଇଥିଲେ।

ଏହା ପରଠାରୁ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ଶେଷ ପର୍ଯ୍ୟନ୍ତ ୩୩,୬୩୨ ଜଣ ଦୁଇଚକିଆ ମାଲିକ, ୩୫୮୧ ଜଣ ତିନି ଚକିଆ ଇଭି ମାଲିକ ଓ ୧୫୫୩ଜଣ ଚାରି ଚକିଆ ଇଭି ଯାନ ମାଲିକ ସରକାର ଯୋଗାଉଥିବା ସବସିଡ୍ ଅର୍ଥ ପାଇଛନ୍ତି। ଚଳିତ ଆର୍ଥିକ ବର୍ଷର ପାଞ୍ଚ ମାସରେ ଏ ବାବଦରେ ୯୨କୋଟି ୨୩ଲକ୍ଷ ୨୨ହଜାର ଟଙ୍କା ସରକାର ଯୋଗାଇ ଦେଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

## ଗୁରୁ ଦିବସରେ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର- ୨୦୨୪' ପ୍ରଦାନ କଲେ ରାଷ୍ଟ୍ରପତି

# ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣକାରୀ ଶିକ୍ଷକମାନଙ୍କୁ ଶ୍ରେଷ୍ଠ ସମ୍ମାନ: ଧର୍ମେନ୍ଦ୍ର




**ନୂଆଦିଲ୍ଲୀ/ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ପବିତ୍ର 'ଗୁରୁ ଦିବସ'ରେ ନୂଆଦିଲ୍ଲୀ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୋପଦୀ ମୁର୍ମୁ ଭାରତବର୍ଷର ୫୦ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ 'ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାର- ୨୦୨୪' ପ୍ରଦାନ କରିଛନ୍ତି ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ମାର୍ଗଦର୍ଶନ ଦେଇଥିବାରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗୁରୁ ଦିବସର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ ଜାତୀୟ ଶିକ୍ଷକ ପୁରସ୍କାର ତ୍ୟାଗ, ତପସ୍ୟା ଏବଂ ଅଦ୍ୱିତୀୟ ଯୋଗଦାନର ଅନନ୍ୟ ଉତ୍ସବ । ମାନ୍ୟବର ରାଷ୍ଟ୍ରପତି ଗୁରୁ ଦିବସରେ ସୁଦୃଢ଼ ସମାଜ ଏବଂ ସଶକ୍ତ ରାଷ୍ଟ୍ରର ଆଧାରଶିଳା ରଖୁଥିବା ଶିକ୍ଷକଙ୍କୁ ରାଷ୍ଟ୍ରୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଷ୍ଟ୍ରର ଗଠନ ତଥା ଯୁବବର୍ଗଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରୁଥିବା ଶିକ୍ଷକମାନଙ୍କୁ ଏହା ଉପଯୁକ୍ତ ସମ୍ମାନ। ଏହି ସମ୍ମାନ ଜୀବନକୁ ସମୃଦ୍ଧ କରିବା ଏବଂ ଭବିଷ୍ୟତ ଗଠନ ପାଇଁ ସେମାନଙ୍କର ଅତୁଟ ସମର୍ପଣର ସ୍ୱୀକୃତି। ଜାତୀୟ ଶିକ୍ଷା ନୀତିର ଭାବନାକୁ ଆଗକୁ ବଢ଼ାଇବା ପାଇଁ ସେମାନଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ସମଗ୍ର ଭାରତରେ ଦକ୍ଷତା ପ୍ରଶିକ୍ଷଣ ଏବଂ ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ଗୁଣାତ୍ମକ ଉନ୍ନତି ଦିଗରେ ଆମର ଶିକ୍ଷକ ଏବଂ ସେମାନଙ୍କର ଅତୁଳନୀୟ ଅବଦାନକୁ ପାଳନ କରିବା ଏକ ବଡ଼ ସମ୍ମାନ ବୋଲି ସେ କହିଛନ୍ତି ।

ଓଡ଼ିଶା ସମେତ ଦେଶର ୫୦ ଜଣ ପ୍ରତିଭାବାନ ଶିକ୍ଷକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶାର ଡ. ଦ୍ୱିତୀ ଚନ୍ଦ୍ର ସାହୁ ଏବଂ ସନ୍ତୋଷ କୁମାର କର ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ।

## କୋହଳା ହେଲା ସୁଭଦ୍ରା ପଞ୍ଜୀକରଣ

# ସହାୟତା କେନ୍ଦ୍ର ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



**ଆଧାର-ମୋବାଇଲ୍ ଲିଙ୍କ ହୋଇନଥିଲେ ମଧ୍ୟ ଅନ୍‌ଲାଇନ ପଞ୍ଜୀକରଣ କରିହେବ**

**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ପୁରୀ ଶ୍ରୀକ୍ଷେତ୍ର କଲୋନିସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ ଖୋଲାଯାଇଥିବା 'ସୁଭଦ୍ରା' ସହାୟତା କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ସୁଭଦ୍ରା ଯୋଜନାରେ ପଂଜୀକରଣ ନିମନ୍ତେ ଫର୍ମ ସଂଗ୍ରହ ପାଇଁ ଆସିଥିବା ମହିଳାମାନଙ୍କ ସହ ଆଲୋଚନା କରିଥିଲେ । ଏଥି ସହ ଅଙ୍ଗନବାଡ଼ି କର୍ମୀମାନଙ୍କ ଦ୍ୱାରା ଫର୍ମ ବିତରଣ ସଂପର୍କିତ ରେଜିଷ୍ଟର ଯାଞ୍ଚ କରିଥିଲେ । ଏହି କେନ୍ଦ୍ରରୁ ଫର୍ମ ନେଇଥିବା ମହିଳାଙ୍କ ମଧ୍ୟରୁ ୮୦ ପ୍ରତିଶତ ଫର୍ମ ପୂରଣ କରିଥିବା ଜାଣି ଉପମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ।

ଆଲୋଚନା ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସମଗ୍ର ରାଜ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି ସହ କୌଣସି ହିତାଧିକାରୀ ଯେପରି ଏହି ଯୋଜନାରୁ ବାଦ୍ ନପଡ଼ନ୍ତି ସେଥି ପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁଭଦ୍ରା ଯୋଜନା ନେଇ ଜନସାଧାରଣଙ୍କ ସନ୍ଦେହମୋଚନ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁଭଦ୍ରା ହେଲ୍‌ପ ଲାଇନ ନମ୍ବର-୧୪୬୭୮ ଜାରି କରାଯାଇଛି। ଏହା ସତ୍ତ୍ୱେ ଆଧାର-ମୋବାଇଲ୍ ସଂଯୋଗୀକରଣ ଏବଂ ଫର୍ମ ଦାଖଲର ଶେଷ ତାରିଖ ନେଇ ଜନସାଧାରଣଙ୍କ ମନରେ ସନ୍ଦେହ ରହିଥିବାର ଲକ୍ଷ୍ୟ କରାଯାଇଛି। ରାଜ୍ୟର ସମସ୍ତ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରରେ 'ସୁଭଦ୍ରା' ଯୋଜନାର ଫର୍ମ ଉପଲବ୍ଧ କରାଯାଉଛି। 'ସୁଭଦ୍ରା' ଫର୍ମ ଦାଖଲ କରିବା ପାଇଁ ଆଧାର ସହିତ ମୋବାଇଲ୍ ନମ୍ବର ଲିଙ୍କ୍ ହୋଇନଥିଲେ ମଧ୍ୟ ବାୟୋମେଟ୍ରିକ୍ ପଦ୍ଧତିରେ ଆଧାର ପ୍ରାମାଣୀକରଣ କରାଯାଇପାରିବ । ଏଣୁ ବିନା ମୋବାଇଲ୍ ନମ୍ବର ଲିଙ୍କରେ ମଧ୍ୟ ଆବେଦନ ପତ୍ର ପୂରଣ ଓ ପଂଜୀକରଣ କରାଯାଇପାରିବ । ପଂଜୀକରଣର କୌଣସି ଶେଷ ତାରିଖ ନିର୍ଦ୍ଧାରିତ ହୋଇନଥିବାରୁ ଆବେଦନକାରୀମାନେ ବ୍ୟସ୍ତବିବ୍ରତ ନହେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଚଳିତ ମାସ ୧୭ ତାରିଖ ଦିନ 'ସୁଭଦ୍ରା' ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ସେପେଟମ୍ବର ୪ (ବୁଧବାର)ଠାରୁ ଅନ୍‌ଲାଇନ୍‌ରେ ଫର୍ମ ପଂଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପ୍ରଥମ ଦୁଇଘଣ୍ଟାରେ ୮୦ ହଜାରରୁ ଊର୍ଦ୍ଧ୍ୱ ଫର୍ମ ପଂଜୀକୃତ ହୋଇଛି ଏବଂ ଏହି ଫର୍ମ ପଂଜୀକରଣ ପ୍ରକ୍ରିୟା ଜାରି ରହିଛି । ରାଜ୍ୟ ସରକାରଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି ସହ ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜନାରେ ସାମିଲ କରିବା ନିମନ୍ତେ କ୍ଷେତ୍ର ସ୍ତରରେ ବ୍ୟାପକ ପ୍ରୟାସ ଜାରି ରଖିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଜାତିର ଅସ୍ମିତାକୁ ନେଇ ଗର୍ବ କର



**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ଆଜି ଗୁରୁ ଦିବସ ଅବସରରେ ସର୍ବଭାରତୀୟ ଶିକ୍ଷା ସମାଜ ଆନୁକୁଲ୍ୟରେ ଏକ ଦିବସୀୟ ଜାତୀୟ ସମ୍ମିଳନୀ ଭୁବନେଶ୍ୱରସ୍ଥ ୟୁନିଟ- ୯ ବୁଦ୍ଧ ମନ୍ଦିର ପରିସରରେ "ଶ୍ରେଣୀ ଗୃହରେ ନିର୍ମାଣ ହୁଏ ଦେଶର ଭାଗ୍ୟ" ଶିର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଶିକ୍ଷକମାନଙ୍କୁ ଜାତୀର ଗର୍ବ, ଗୌରବ ଓ ଅସ୍ମିତାକୁ ନେଇ ଗର୍ବ କରିବାକୁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଶିକ୍ଷକ ହେଉଛନ୍ତି ଦେଶର ଭବିଷ୍ୟତ ଗଢ଼ିବାର ସୂତ୍ରଧର। ସେମାନଙ୍କର ଶିକ୍ଷା, ଦିକ୍ଷା, ସ୍ନେହଁ, ଶ୍ରଦ୍ଧା, ଶୃଙ୍ଖଳା ଓ ନିଷ୍ଠା ଦ୍ୱାରା ଛାତ୍ରଟିକୁ ଉନ୍ନତ ଓ ଶ୍ରେଷ୍ଠତର କରି ଗଢ଼ି ତୋଳେ। ଶିକ୍ଷକ ଦେଶ ଓ ଜାତିରଐତିହ୍ୟ, ପରମ୍ପରା, ସାହିତ୍ୟ ଓ ସଂସ୍କୃତିକୁ ଛାତ୍ରମାନଙ୍କୁ ଶିକ୍ଷା ଦେଇ ଦେଶପ୍ରେମୀ ଏବଂ ଇସ୍ପାତର ମଣିଷ ତିଆରି କରି ଜାତି, ପ୍ରେମ, ବହ୍ନିକୁ ଉଜ୍ୱଳ କରନ୍ତୁ ଓ ଦେଶକୁ ଆଗକୁ ନେବାରେ ସହାୟକ ହୁଅନ୍ତୁ। ଉକ୍ତକାର୍ଯ୍ୟକ୍ରମରେ ପ୍ରାକ୍ତନ ରାଜ୍ୟପାଳଙ୍କ ସମେତ, ଉତ୍ତର ଭୁବନେଶ୍ୱରର ପ୍ରାକ୍ତନ ବିଧାୟକ ପ୍ରିୟଦର୍ଶୀମିଶ୍ର, ଅନୁଷ୍ଠାନର ସଭାପତି ଯୁଧିଷ୍ଠିର ଖଟୁଆ ଏବଂ ଅନ୍ୟାନ୍ୟ ଶିକ୍ଷକ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଡାକ୍ତରଖାନାରେ ଭର୍ତ୍ତି ହେଲେ କଂଗ୍ରେସ ନେତା ଶିବାନନ୍ଦ ରାୟ

**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ବରିଷ୍ଠ କଂଗ୍ରେସ ନେତା ତଥା ବରିଷ୍ଠ ଆଡଭୋକେଟ ଶିବାନନ୍ଦ ରାୟ ଆଜି ଭୁବନେଶ୍ୱର କିମ୍ସର ସୁପର ସ୍ପେସିଆଲିଷ୍ଟ ହସ୍ପିଟାଲରେ ଆଡମିସନ ହୋଇଛନ୍ତି। ଗଣେଶ ପୂଜା ଦିନ ଦିଲ୍ଲୀ ଗଙ୍ଗାରାମ ହସ୍ପିଟାଲର ପ୍ରଖ୍ୟାତ ସ୍ପାଇନ ଡାକ୍ତର ଡ. ଶଙ୍କରାଚାର୍ଯ୍ୟ ଶ୍ରୀ ରାୟଙ୍କର ଅପରେସନ କରିବେ।



# ପୂର୍ବତଟ ରେଳପଥ-ଏସ୍‌ବିଆଇ ଏମଓୟୁ

**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ରେଳ କର୍ମଚାରୀମାନଙ୍କ ଆର୍ଥିକ ନିରାପତ୍ତାକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ପୂର୍ବତଟ ରେଳପଥ (ଇକୋର) ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ରେଳପଥର ବିଶାଳ କର୍ମବଳର ଆବଶ୍ୟକତା ଅନୁଯାୟୀ ଏକ ସ୍ୱତନ୍ତ୍ର ଆର୍ଥିକ ଲାଭ ଏବଂ ସେବାଗୁଡିକର ପରିଚୟ ପ୍ରଦାନ କରିବ। ଏହି ଚୁକ୍ତିନାମା ପୂର୍ବତଟ ରେଳପଥର ୫୯,୭୬୨ ସେବା କରୁଥିବା ତିନିଟି ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ୱାଲଟିୟର, ସମ୍ବଲପୁର ଏବଂ ମଞ୍ଚେଶ୍ୱର ରେଳଡବା ମରାମତି କର୍ମଶାଳାକୁ ଅନ୍ତର୍ଭୁକ୍ତ କରୁଛି। ରେଳପଥର ୭୬% କର୍ମଜୀବୀ ପ୍ରାୟ ୪୫,୪୧୯ କର୍ମଚାରୀ ଯେଉଁମାନଙ୍କର ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ବେତନ ଆକାଉଣ୍ଟ ଅଛି, ସେମାନେ ଏହି ଚୁକ୍ତିରୁ ଉପକୃତ ହେବେ।



ଫିଲଡରେ କାର୍ଯ୍ୟରତ ପ୍ରାୟ ୩୭୫୦୦ ଜଣ କର୍ମଚାରୀଙ୍କୁ ଲାଭ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ଷେତ୍ର ସ୍ତରର ନିରାପତ୍ତା, ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଟ୍ରାକମ୍ୟାନ୍, ସିଗନାଲ୍ ରକ୍ଷକ, ଟେକ୍ନିସିଆନ୍, ଆରପିଏଫ୍ କର୍ମଚାରୀ, ଲୋକୋ ପାଇଲଟ୍, ଟ୍ରେନ ମ୍ୟାନେଜର ଏବଂ ଫିଲଡରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମଚାରୀ ଏହି ସୁବିଧା ପାଇ ପାରିବେ। ବ୍ୟକ୍ତିଗତ ଦୁର୍ଘଟଣା ବୀମା ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୧ କୋଟି, ବାୟୁଯାନ ଦୁର୍ଘଟଣା ପାଇଁ ୧.୬ କୋଟି ସମ୍ପୂର୍ଣ୍ଣ କଭରେଜ୍ ପ୍ରଦାନ କରିବାକୁ ଥିବାବେଳେ ଭିନ୍ନକ୍ଷମ ପାଇଁ ମଧ୍ୟ ମହତ୍ୱପୂର୍ଣ୍ଣ କଭରେଜ୍ ଉପଲବ୍ଧ ଅଛି।

ଏହି ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କାର୍ଯ୍ୟକ୍ରମରେ ଉଭୟ ପୂର୍ବତଟ ରେଳପଥ ଏବଂ ଏସବିଆଇର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏବଂ ଏସବିଆଇ ଭୁବନେଶ୍ୱର ସର୍କଲ ମୁଖ୍ୟ ମହାପ୍ରବନ୍ଧକ ଏହି ପ୍ରକ୍ରିୟାର ନେତୃତ୍ୱ ନେଇଥିଲେ। କର୍ମଚାରୀଙ୍କ କଲ୍ୟାଣ ପାଇଁ ଉଭୟ ମହାପ୍ରବନ୍ଧକ ସେମାନଙ୍କର ସହଭାଗୀ ପ୍ରତିବଦ୍ଧତାକୁ ଦର୍ଶାଇ ସହଯୋଗର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ ଲାଗୁ ପାଇଁ ଦାବି

**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ଜାତିସଂଘର ଅର୍ଥନୈତିକ ଓ ସାମାଜିକ ପ୍ରବାସୀ ଶ୍ରମିକ ସଂଯୋଜକ ବିଭାଗ ତରଫରୁ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଜାତିସଂଘ ଦ୍ୱାରା ପ୍ରସ୍ତୁତ ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ କାର୍ଯ୍ୟକାରିତା ସଂପର୍କରେ ଆଲୋଚନାରେ ଭାଗ ନେଇ, ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ପ୍ରବାସୀ ଶ୍ରମିକ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ସମେତ କେତେକ ଦେଶ ଏହି ଆନ୍ତର୍ଜାତିକ ପ୍ରବାସୀ ଶ୍ରମିକ ଆଇନ ସଂପର୍କିତ ଚୁକ୍ତିନାମାରେ ସ୍ୱାକ୍ଷର କରିନଥିବାରୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଆଗାମୀ ୨୦୨୫ ମସିହା ଫେବୃୟାରୀ-୦୫ ହେବାକୁ ଥିବା ଆନ୍ତର୍ଜାତିକ ସରକାରୀ ସ୍ତରୀୟ ଆଲୋଚନା ସମୟରେ ଏହାକୁ ସ୍ୱାକ୍ଷରିତ କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଯୋଜନା ପ୍ରସ୍ତୁତ କରିବା ପାଇଁ ଡ. ରାମଚନ୍ଦ୍ର ଖୁଣ୍ଟିଆ ଦାବି କରିଛନ୍ତି । ପୁନଶ୍ଚ ଆଗାମୀ ୨୦୨୬ ମସିହାରେ ଉକ୍ତ ପ୍ରବାସୀ ଆଇନର ସମୀକ୍ଷା ଆନ୍ତର୍ଜାତିକ ସ୍ତରରେ ଜାତିସଂଘ ତରଫରୁ ହେବ ବୋଲି ପ୍ରସ୍ତାବ ଅଛି । ତେଣୁ ଏହା ପୂର୍ବରୁ ୨୦୨୪ ମସିହାରେ ଅଂଶିଦାର ଦେଶ ମାନଙ୍କର ପରାମର୍ଶ ପାଇଁ ଫେବୃୟାରୀ-୦୩ ତାରିଖ ୨୦୨୫ ମସିହାରେ ଅଂଶିଦାର ପରିଷଦ ବୈଠକ ଗ୍ଲୋବାଲ କମ୍ପାକୁ ଅଲ୍ପ ମାଇଗ୍ରେସନର ଅଂଚଳକ ସାଧାରଣ ଅଧିବେଶନ ବ୍ୟାଙ୍କକ୍ ଠାରେ ଅନୁଷ୍ଠିତ ହେବ। ଏହି ଦୂରଭାଷା ସମ୍ମିଳନୀରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଆଂଚଳିକ ନିର୍ଦ୍ଦେଶକ ତଥା ଜାତୀସଂଘ ତରଫରୁ ସବନେ ହେଜିଙ୍ଗ ଏବଂ ଡୋମେଷ୍ଟିକ୍ ଇଂଟରନ୍ୟାସନାଲ ସଂଗଠନ ତରଫରୁ ଫିସ୍ ଆଇ.ପି. ଓ ଜାତିସଂଘର ସିଭିଲ ସୋସାଇଟ୍ ଲିଆସନ ଅଫିସର ମୁନାବି ମାଉଲିକ୍‌ଙ୍କ ସମେତ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ୧୪୭ ଜଣ ପ୍ରତିନିଧି ଯୋଗ ଦେବେ। ଏହାକୁ ସଫଳ କରିବା ପାଇଁ ସମସ୍ତ ସ୍ତରରେ ଡ. ରାମଚନ୍ଦ୍ର ଖୁଟିଆ ଉଦ୍ୟମ ଜାରି ରଖିଛନ୍ତି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ

# ରାଜ୍ୟପାଳଙ୍କୁ ଭେଟି ଦାବି ଜଣାଇଲା ଭଞ୍ଜ ସେନା

**ଭୁବନେଶ୍ୱର, ୫।୯ (ସଂଚାର ବ୍ୟୁରୋ):** ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ଓ ବିଶ୍ୱବିଦ୍ୟାଳୟର ବହୁବିଧ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଛି 'ଭଞ୍ଜ ସେନା'। ଏହି ଦାବି ଗୁଡ଼ିକ ହେଲା, ବିଶ୍ୱବିଦ୍ୟାଳୟ ରେ ସର୍ବମୋଟ ୧୮ଟି ଶିକ୍ଷା ବିଭାଗ ରହିଛି ଆଉ ଏହିସବୁ ବିଭାଗର ୪୨ଟି ଶିକ୍ଷକ ପଦବୀ ଥିବାବେଳେ ବାକି ୫୬ଟି ଶିକ୍ଷକ ପଦବି ଖାଲିପଡ଼ିଛି। ଏଣୁ ଯଥାଶୀଘ୍ର ଖାଲି ଥିବା ପଦବୀ ଗୁଡ଼ିକ ପୂରଣ କରାଯାଉ। ସେହିପରି ବିଶ୍ୱବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ଅତିକମରେ ୫୦ଜଣ ନୂତନ ଅଣଶିକ୍ଷକ ପଦବୀ ସୃଷ୍ଟି କରାଯାଉ। ଯେତିକି ଏମ୍‌ଏସ୍‌ୟୁବି କ୍ୟାମ୍ପସ ରୁ ଡିଡି ବିଶ୍ୱବିଦ୍ୟାଳୟକୁ ଯାଇଛି, ସେଗୁଡିକୁ ବାରିପଦା ସ୍ଥିତ କ୍ୟାମ୍ପସରେ ମଧ୍ୟ ଖୋଲାଯାଉ।



ଏଥିସହ ଏମ୍‌ଏସ୍‌ବିୟୁ କ୍ୟାମ୍ପସରୁ ସେତେବେଳେ ଭିତ୍ତିଭୂମି ସଜାଡ଼ିବା ପାଇଁ କେନ୍ଦୁଝରର ଦ୍ୱିତୀୟ କ୍ୟାମ୍ପସରେ ଖର୍ଚ୍ଚ ହୋଇଥିବା ୭୦କୋଟି ଟଙ୍କାକୁ ସରକାର ବର୍ତ୍ତମାନ ବାରିପଦା ସ୍ଥିତ କ୍ୟାମ୍ପସରେ ଭରଣା କରାଯାଉ। ନାକ ଟିମ ଦ୍ୱାରା ଏମ୍‌ଏସ୍‌ୟୁବି କ୍ୟାମ୍ପସ 'ଏ' ଗ୍ରେଡ଼ ପାଇଥିବା ସତ୍ତ୍ୱେ ଦୂର ଓ ନିରନ୍ତର ଶିକ୍ଷା ପାଇଁ ସ୍ଥାୟୀ ଶିକ୍ଷକ ପଦବୀ ନ ଥିବାରୁ ନାମ ଲେଖା ପାଇଁ ଅନୁମତି ମିଳିପାରୁନାହିଁ। ମୟୁରଭଞ୍ଜର ଆଦିମ ଜନଜାତି ଯେମିତି ମାଙ୍କଡ଼ିଆ, ଖଡିଆ, ବାଥୁଡି ଏସବୁଙ୍କୁ ଶିକ୍ଷକ୍ଷେତ୍ରରେ ବିଶେଷ ସାହାଯ୍ୟ କରିବା ପାଇଁ ବିଶ୍ୱବିଦ୍ୟାଳରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ରେ ଅନ ଗ୍ରୀଡ଼ ସୋଲାର ଲାଇଟ ବ୍ୟବସ୍ଥା କରାଯାଉ। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲା ଏବଂ ଏହାର ବାସିନ୍ଦାଙ୍କ ଉଚ୍ଚଶିକ୍ଷା ପାଇଁ ଏକମାତ୍ର ବିଶ୍ୱବିଦ୍ୟାଳୟ ରେ ଶିକ୍ଷା ଦାନ ବ୍ୟବସ୍ଥାର ସୁଧାର ଆଣିବା ନିମନ୍ତେ ଉପର ଲିଖିତ ସମସ୍ୟା ର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ଆଜି ଭୁବନେଶ୍ୱରସ୍ଥିତ ରାଜଭବନରେ ଓଡ଼ିଶାର ମହାମହିମ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ସେନା ତରଫରୁ କଳିଙ୍ଗ କେଶରୀ ଜେନାଙ୍କ ସମେତ ଏକାଧିକ କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ଯଥାଶୀଘ୍ର ରାଜ୍ୟପାଳ ଏ ବିବାଦର ସମାଧାନ କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଭଞ୍ଜ ସେନା ପକ୍ଷରୁ ଏକ ପ୍ରେସ୍ ବିବୃତ୍ତି ଜାରି କରି ସୂଚନା ଦିଆଯାଇଛି।

# ସ୍ୟାଟ ପ୍ରତିଷ୍ଠା: ପୁଣି ଦାବି ଉଠିଲା

**ଭୁବନେଶ୍ୱର,୫।୯ (ତଥ୍ୟ):** ରାଜ୍ୟବାସୀଙ୍କୁ ଭାରତୀୟ ଜନତା ପାର୍ଟି ଓ ତା'ର ନେତୃବୃନ୍ଦ ପୂର୍ବରୁ ବାରମ୍ବାର ଦେଇଆସିଥିବା ପ୍ରତିଶ୍ରୁତି ରକ୍ଷା କରି ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣ (ସ୍ୟାଟ୍)ର ପୁନଃ ପ୍ରତିଷ୍ଠା ଲାଗି ବହୁ କର୍ମଚାରୀ ସଂଗଠନ ଏବଂ ଆଇନ୍‌ଜୀବୀ ସଂଗଠନଗୁଡ଼ିକ ପକ୍ଷରୁ ଦାବି ଉଠିଛି।




ଏଠାରେ ଉଲ୍ଲେଖନୀୟ ଯେ ସ୍ୟାଟ୍ ଉଚ୍ଛେଦ ପାଇଁ ଗତ ସରକରେ ସମୟରେ ଓଡ଼ିଶା ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଝୁଲାଇ ରଖିଥିଲେ। ସେ ସମୟରେ ବିଜେପିର ବହୁ କେନ୍ଦ୍ରମନ୍ତ୍ରୀ, ସାଂସଦ ଏବଂ ରାଜ୍ୟ ସ୍ତରୀୟ ନେତା ଏପରିକି ଦଳର ଅଧିବକ୍ତା ଶାଖା ପକ୍ଷରୁ ସ୍ୟାଟ୍ ଉଚ୍ଛେଦକୁ ଖୋଲା ବିରୋଧ କରାଯିବା ସହ ନିର୍ବାଚନ ପ୍ରତିଶ୍ରୁତିରେ ମଧ୍ୟ ଏକଥା ଉଲ୍ଲେଖ କରାଯାଇଥିଲା।

ତେବେ ୨୦୧୯ ନିର୍ବାଚନ ପରେ ବିଜେଡି ସରକାରଙ୍କ ଜିଦ୍‌କୁ ମାନିନେଇ କେନ୍ଦ୍ର ସରକାର ସ୍ୟାଟ୍ ଉଚ୍ଛେଦ ଉପରେ ମୋହର ବସାଇଥିଲେ। ସେ ସମୟରେ ବିଜେପି ନେତାମାନନେ କହିଥିଲେ ଯେ ରାଜ୍ୟରେ ସେମାନଙ୍କ ଦଳ ଶାସନ କ୍ଷମତାକୁ ଆସିଲେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ (କ୍ୟାଟ୍) ଭଳି ସ୍ୟାଟ୍ କାର୍ଯ୍ୟକ୍ଷମ ହେବ।

ଭୁବନେଶ୍ୱର ଓ କଟକରେ ସ୍ୟାଟ୍‌ର ନିୟମିତ ବେଞ୍ଚ ପୂର୍ବରୁ କାର୍ଯ୍ୟ କରୁଥିବା ବେଳେ ସମ୍ବଲପୁର ଓ ବ୍ରହ୍ମପୁରରେ ମଧ୍ୟ ସର୍କିଟ୍ ବେଞ୍ଚ ପ୍ରତି ମାସରେ ବସୁଥିଲା। ନିଯୁକ୍ତି, ପେନ୍‌ସନ୍ ଓ ଚାକିରି ସଂକ୍ରାନ୍ତୀୟ ଅନ୍ୟାନ୍ୟ ମାମଲାଗୁଡ଼ିକର ଫଇସଲା କ୍ଷେତ୍ରରେ ଓଡ଼ିଶାର ସ୍ୟାଟ୍ ସାରା ଦେଶରେ ସୁନାମ ଅର୍ଜନ କରିଥିଲା। ଏଠାରେ ମାମଲା ରୁଜୁ କରି ଆବେଦନକାରୀମାନେ କମ୍ ଅର୍ଥ ବ୍ୟୟରେ ତ୍ୱରିତ ନ୍ୟାୟ ପାଇପାରୁଥିଲେ ଏବଂ ସ୍ୟାଟ୍‌ର ରାୟ ବିରୋଧରେ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଅପିଲ୍ ବ୍ୟବସ୍ଥା ଥିଲା। ଫଳରେ ହାଇକୋର୍ଟକୁ ସ୍ୱଳ୍ପ ସଂଖ୍ୟକ ଚାକିରି ଓ ପେନ୍‌ସନ୍ ସଂକ୍ରାନ୍ତୀୟ ମାମଲା ଯିବା ଫଳରେ ହାଇକୋର୍ଟଙ୍କ ଉପରେ ମାମଲାର ଚାପା କମ୍ ରହୁଥିଲା।

୫ବର୍ଷ ତଳୁ ସ୍ୟାଟ୍ ଉଚ୍ଛେଦ ହୋଇଥିଲେ ମଧ୍ୟ ଏଯାବତ୍ ସମସ୍ତ ପୁରୁଣା ମାମଲାର ଫଇସଲା ସରିନାହିଁ। ଏହାଛଡ଼ା ପ୍ରାୟ ପ୍ରତିଦିନ ଓଡ଼ିଶା ହାଇକୋର୍ଟରେ ନିଯୁକ୍ତି, ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ସଂକ୍ରାନ୍ତୀୟ ବହୁ ମାମଲା ରୁଜୁ ହେଉଛି। ଏମିତିକି ହାଇକୋର୍ଟରେ ଯେତେ ସଂଖ୍ୟକ ଅଦାଲତ ଅବମାନନା ମାମଲା ରହିଛି ତା'ର ମୁଖ୍ୟାଂଶ ଚାକିରି ସଂକ୍ରାନ୍ତୀୟ ବୋଲି କୁହାଯାଉଛି। କଟକ ବାହାରେ ନୂଆ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଘେନି ଦାବି ରହିଆସିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ କରିବା ସମୟସାପେକ୍ଷ ହେଉଥିବାରୁ ତୁରନ୍ତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ସ୍ୟାଟ୍‌ର ନିୟମିତ ବେଞ୍ଚ ସ୍ଥାପନ ଲାଗି ଜିଲ୍ଲା ଓ ରାଜ୍ୟସ୍ତରୀୟ ବହୁ କର୍ମଚାରୀ ସଂଗଠନ ଏବଂ ବିଭିନ୍ନ ଜିଲ୍ଲାର ଆଇନ୍‌ଜୀବୀମାନେ ଦାବି କରୁଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ

**ଖୋର୍ଦ୍ଧା, ୫।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଅବାସ ଯୋଜନା ଓ ଜମିପଟାରୁ ବଂଚିତ ଥିବା ଦିବ୍ୟାଙ୍ଗ ମାମି ଆଜି ପରିବାର ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ପ୍ରକାଶଥାଉକି, ଅସହାୟ ଦିବ୍ୟାଙ୍ଗ ମାମି ନନ୍ଦଙ୍କ ପାଇଁ ସାତ ସପନ ପାଲଟି ଯାଇଛି ସରକାରଙ୍କ ଜମିପଟା ଯୋଜନା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା । ମାମୀ ନନ୍ଦ ୪୦ ପ୍ରତିଶତ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କର ଦୁଇଟି ଝିଅ ମଧ୍ୟରୁ ଗୋଟିଏ ଝିଅ ୯୦ ପ୍ରତିଶତ ଦିବ୍ୟାଙ୍ଗ । ମାମିଙ୍କ ସ୍ୱାମୀ କୌଣସି କାରଣରୁ ତାଙ୍କୁ ଛାଡି ଦେଇଥିବାରୁ ସେ ଚିଲିକା ରୋଡ଼ ସ୍ଥିତ ସେନାପତି କଲୋନିରେ ଜଣକ ଘରେ ଆଶ୍ରୟ ନେଇ ରହିଛନ୍ତି। ତେବେ ତାଙ୍କର କେହି ନଥିବା ହେତୁ ମାମି ନିଜର ଦୁଇ ଝିଅକୁ ନେଇ ବଂଚିବାରେ ବହୁ ଅସୁବିଧା ହେଉଛି। ଯାହାକୁ ନେଇ ସେ ତିନିବର୍ଷ ତଳେ ତତ୍କାଳୀନ ଜିଲ୍ଲାପାଳଙ୍କ ନିକଟରେ ନିଜର ପରିବାର ପୋଷଣ କରିବା ଏବଂ ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଓ ଘର ଖଣ୍ଡେ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ତାଙ୍କ ଦୁଃଖ ଶୁଣି ତତ୍କାଳୀନ ଜିଲ୍ଲାପାଳ କେ ସୁଦର୍ଶନ ଚକ୍ରବର୍ତୀ ତାଙ୍କ ଘରକୁ ଯାଇଥିବା ବେଳେ ସବୁ ସରକାରୀ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶୃତି ଦେବା ସହିତ ତାଙ୍କ ପିଲାଙ୍କୁ ନିଜର ଭଉଣୀ କରିଥିବା ସେହି ସମୟରେ ସୋସିଆଲ ମିଡିଆରେ ଘୁରି ବୁଲିଥିଲା। ଜିଲାପାଳ ମାମିଙ୍କ ଚଳଣି ପାଇଁ ସବୁ ସରକାରୀ ସୁବିଧା ଯୋଗାଇଦେବା ସହିତ ଚିଲିକା ତହସିଲଦାରଙ୍କୁ ଡକାଇ ତାଙ୍କ ପାଇଁ ଜମି ଚିହ୍ନଟ କରିବା ସହିତ ତାଙ୍କୁ ଜମି ପଟା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। କିନ୍ତୁ ଦୁଃଖର ବିଷୟ ଇତି ମଧ୍ୟରେ ତିନିବର୍ଷ ବିତିଯାଇଛି ତଥାପି ମାମିଙ୍କୁ ଆଜି ପର୍ଯ୍ୟନ୍ତ ନା ମିଳିଲା ଜମିଖଣ୍ଡେ କି ଘର। ମାମି ସେହି ପରି ପରଦୁଆରେ ନିଜର ମୁଣ୍ଡ ଗୁଞ୍ଜି ଗୁଜୁରାଣ ମେଂଟାଉଛନ୍ତି। ତେବେ ପରଦୁଆରରେ କେତେଦିନ ପଡ଼ି ରହିବେ।



ଯାହାଫଳରେ ପୁଣି ନିଜର ଦିବ୍ୟାଙ୍ଗ ଛୁଆକୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ତେବେ କାର୍ଯ୍ୟାଳୟରେ ଜିଲ୍ଲାପାଳ ନଥିବା ହେତୁ ଅତିରିକ୍ତ ଜିଲ୍ଲାପାଳ ତାଙ୍କୁ ସାନ୍ତ୍ୱନା ଦେଇ ଉପ- ଜିଲ୍ଲାପାଳଙ୍କ ନିକଟକୁ ପଠାଇଥିବା ବେଳେ ତାଙ୍କ ପାଇଁ ଅତି ଶୀଘ୍ର ସରକାରୀ ଜମି ଓ ଘର ଯୋଗାଇଦେବା ପାଇଁ ପ୍ରତିଶୃତି ପ୍ରଦାନ କରିବା ପରେ ମାମି ନନ୍ଦ ଧାରଣାରୁ ଓହରି ଥିବା ଜଣାପଡିଛି।

ଜୀବନ ଅମୃତ ଅନୁଚିନ୍ତା

ସମର୍ପଣ- ତୁମେ ଯଦି ମୋତେ ସବୁ ସମର୍ପଣ କରି ନିଜେ କାଙ୍ଗାଳ ହୋଇଯାଇଛ, ତେବେ ଏହା ଦୃଢ଼ ନିଶ୍ଚିତ ଯେ ଦିନେ ଦେଖିବ ମୁଁ ମୋର ସର୍ବସ୍ୱ ତୁମକୁ ଦେଇ ତୁମର ଦାସ ବନିଯାଇଛି।

SANCHAR
ସଂଚାର



# ମୂଳପୋଛ ହେବେ ମାଓବାଦୀ

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ କହିଛନ୍ତି ଯେ, 2026 ମାର୍ଚ୍ଚ ସୁଦ୍ଧା ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ମାଓମୁକ୍ତ ହେବ। ଏଭଳି ଆକଳନ ବା ପୂର୍ବାନୁମାନ ଅବାସ୍ତବ। ଏକ ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିକୁ ମାଓ ମୁକ୍ତ କରିବା ଲକ୍ଷ୍ୟ ହାସଲ କଷ୍ଟକର ହୋଇପାରେ। ମାଓବାଦୀ ସମସ୍ୟା ଦିନକରେ ସୃଷ୍ଟି ହୋଇନଥିଲା। ସେହିପରି ଏହା ଦିନକରେ ବା ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ମୂଳପ ହେବା କଷ୍ଟକର । କିଛି ମାଓବାଦୀଙ୍କୁ ହତ୍ୟା ବା ବନ୍ଦୀ କରିଦେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ବାମପନ୍ଥୀ ଉଗ୍ରବାଦ ଏକ ଚିନ୍ତାଧାରା ଉପରେ ଆଧାରିତ। ଏହାର ମୂଳୋପାଟନ ଆବଶ୍ୟକ। ଏଥିପାଇଁ କ୍ରମାଗତ ପ୍ରକ୍ରିୟା ବା ଧାରାବାହିକ ଉଦ୍ୟମ ଆବଶ୍ୟକ। କେବଳ ଓଡ଼ିଶଶ ନୁହେଁ, ଅନ୍ୟ ରାଜ୍ୟରୁ ମଧ୍ୟ ମାଓବାଦୀ ସଙ୍ଗଠନ ବା ବାମଉଗ୍ରବାଦୀ ସଙ୍ଗଠନ ବିଲୁପ୍ତ ହେବା ଆବଶ୍ୟକ। ନଚେତ ସେମାନେ ପୁନର୍ବାର ଓଡ଼ିଶାରେ ସେମାନଙ୍କ ସଙ୍ଗଠନ ଗଢ଼ିବେ। ଓଡ଼ିର ଦକ୍ଷିଣାଞ୍ଚଳରେ ମାଓବାଦୀଙ୍କ ସଙ୍ଗଠନ ସୁଦୃଢ଼ ହେବାର କାରଣ ହେଲା ପଡ଼ୋଶୀ ଆନ୍ଧ୍ର ପ୍ରଦେଶରୁ ମାଓବାଦୀମାନେ ପ୍ରଥମେ ଓଡ଼ିଶାରେ ପ୍ରବେଶ କରି ଏଠାରେ ଆଶ୍ରୟ ନେଲେ। ସେତେବେଳେ ଓଡ଼ିଶା ମାଓବାଦୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳ ଥିଲା। ପରେ ସେମାନେ ଓଡ଼ିଶାରେ ନିଜ ସଙ୍ଗଠନ ଗଢ଼ିଲେ। ଆଦିବାସୀ ବହୁଳ ଅବିଭକ୍ତ କୋରାପୁଟ ଜିଲ୍ଲାର ପାହାଡ଼ିଆ ଏବଂ ଅଗମ୍ୟ ଅଞ୍ଚଳ ସେମାନଙ୍କ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା। ତେଣୁ କରୋନା ଭାଇରସ ଭଳି ମାଓବାଦ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସଂକ୍ରମିତ କରିବା ଅସମ୍ଭବ ନୁହେଁ। ଭାରତରେ ନକ୍ସଲବାଦ ପ୍ରଥମେ ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିଲା। ପରେ ଏହି ଭାଇରସ ସାରା ଦେଶକୁ ବ୍ୟାପିଗଲା। ଦାରିଦ୍ର୍ୟ ଏବଂ ଉପୀଡ଼ନ ଥିଲା ଏହାର ମୂଳକାରଣ। ପରବର୍ତ୍ତୀ ସମୟରେ କିଛି ଦେଶବିରୋଧୀ ଏହାକୁ ନିଜ ଫାଇଦା ପାଇଁ ବ୍ୟବହାର କଲେ। କିଛି ତଥାକଥିତ ବୁଦ୍ଧିଜୀବୀ ସେମାନଙ୍କୁ ସମର୍ଥନ ଏବଂ ଉତ୍ସାହିତ କଲେ। ବିଦେଶରୁ ମଧ୍ୟ ସହାୟତା ଆସିଲା। ଦେଶବିରୋଧୀ ଶକ୍ତି ସେମାନଙ୍କ ସହ ହାତ ମିଳାଇଲେ। ଫଳରେ ଏହି ସଂକ୍ରମଣ ମହାମାରୀରେ ପରିଣତ ହେଲା। ତେବେ ଗତ 10 ବର୍ଷ ଭିତରେ ଭାରତରେ ମାଓବାଦୀଙ୍କ ପ୍ରଭାବ ଅନେକାଂଶରେ କମିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଗତ ଦୁଇ ଦିନରେ ଛତିଶଗଡ଼ ଓ ତେଲେଙ୍ଗାନରେ 15ଜଣ ମାଓବାଦୀ ପୋଲିସ ଏନକାଉଣ୍ଟରରେ ପ୍ରାଣ ହରାଇଛନ୍ତି। ଏହା କିଛି କମ ସଫଳତା ନୁହେଁ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ। ଏଥିରେ ବିଚଳିତ ହୋଇ ମାଓ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗତ 3 ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କକ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ମାଓବାଦର ମୁକାବିଲା ସହଜ ହୋଇପାରିବ। ତେଣୁ ଆଦିବାସୀ ବହୁଳ ଅଞ୍ଚଳରେ ସରକାର ଏବଂ ସ୍ଥାନୀୟ ପ୍ରଶାସନ ଲୋକଙ୍କ ସହ ଯୋଡ଼ି ହେବା ଆବଶ୍ୟକ। ଯୋଗାଯୋଗ ବ୍ୟବସ୍ଥାର ବ୍ୟାପକ ଉନ୍ନତିକରଣ ଆବଶ୍ୟକ। ବିକାଶର ଧାରା ତ୍ୱରାନ୍ୱିତ ହେବା ଉଚିତ। ସରକାର ଏବଂ ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ଏବଂ ବିଶ୍ୱାସ ଯେପରି ପ୍ରତିହତ ନହୁଏ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ। ନିରୀହ ଏବଂ ସରଳ ଆଦିବାସୀଙ୍କୁ ପ୍ରଭାବିତ କରି, ପଥଭ୍ରଷ୍ଟ କରି ମାଓବାଦୀମାନେ ସେମାନଙ୍କୁ ନିଜ ସଙ୍ଗଠନରେ ସାମିଲ କରୁଛନ୍ତି। ଆଦିବାସୀଙ୍କ କଲ୍ୟାଣ ଏବଂ ଆଦିବାସୀ ବହୁଳ ଅଞ୍ଚଳର ବିକାଶ ହେଲେ ହୁଲତ ମାଓବାଦୀମାନେ ସେମାନଙ୍କୁ ପ୍ରଭାବିତ କରିବା ସହଜ ହେବନି। ଆଦିବାସୀ ମାନେ ଆଉ ମାଓବାଦୀଙ୍କୁ ସମର୍ଥନ କରୁନାହାଁନ୍ତି। ସେମାନେ ସତ କ'ଣ ଜାଣି ସାରିଲେଣି। ସେଥିପାଇଁ ଅନେକ ମାଓ କ୍ୟାଡର ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ଅନେକ ମାଓ ସମର୍ଥକ ପୋଲିସକୁ ସହାୟତା ଲାଗି ସାହସର ସହିତ ଆଗେଇ ଆସିଛନ୍ତି। ଏବେ ସାଧାରଣ ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି ହୋଇଛି ଯେ, ମାଓବାଦୀମାନେ ଆଉ ସେମାନଙ୍କୁ ଭୟଭୀତ କରିପାରିବେ ନାହିଁ, ସେମାନଙ୍କ ପଛରେ ସୁରକ୍ଷା କର୍ମୀ ଅଛନ୍ତି। ମାଓଦମନରେ ଏହି ସଫଳତାର ଶ୍ରେୟ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ମିଳିବା ଉଚିତ। କିନ୍ତୁ ଏହାର ସର୍ବାଧିକ ଶ୍ରେୟ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ମିଳିବା ଉଚିତ। ମାଓଦମନ ଲାଗି ସ୍ୱତନ୍ତ୍ର ରଣନୀତି, ଘନ ଘନ ବୈଠକ, ମାଓ ଉପଦ୍ରୁତ ଇଲାକାରେ ଅଧିକ କେନ୍ଦ୍ରୀୟ ସୁରକ୍ଷା କର୍ମୀ ମୁତୟନ, ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଯନ୍ତ୍ରପାତି ଏବଂ ଯାନବାହନ ବ୍ୟବହାର ସହିତ ଅଞ୍ଚଳର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ଆଜି ଭାରତରେ ମାଓବାଦୀ ସଙ୍ଗଠନ ଗୁଡ଼ିକ ଏକପ୍ରକାର ବିଲୁପ୍ତ ହେବାକୁ ବସିଛି। ମାନବାଧିକାର ସଙ୍ଗଠନ ଗୁଡ଼ିକ କେନ୍ଦ୍ରର ମାଓଦମନ ଅଭିଯାନକୁ ବିରୋଧ କରୁଥିଲେ ମଧ୍ୟ ସାଧାରଣ ଲୋକ ଏହାକୁ ସମର୍ଥନ କରୁଛନ୍ତି। ଗତ 10 ବର୍ଷ ଭିତରେ ତଥାକଥିତ ବୁଦ୍ଧିଜୀବୀ, ମାନବାଧିକାର କର୍ମୀ ଏବଂ ମାଓ ସମର୍ଥକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅନେକଙ୍କୁ ଗିରଫ କରାଯାଇଛି। ସେମାନେ ପ୍ରତ୍ୟକ୍ଷ ଭାବେ ହିଂସାରେ ସମ୍ପୃକ୍ତ ନଥିଲେ ମଧ୍ୟ ମାଓବାଦୀଙ୍କୁ ସମର୍ଥନ ଏବଂ ଉତ୍ସାହିତ କରୁଛନ୍ତି। ସେମାନେ ସାଧାରଣ ମାଓ କ୍ୟାଡରଙ୍କଠାରୁ ଅଧିକ ମାରାତ୍ମକ ଏବଂ ବିପଜ୍ଜନକ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିହାତି ଜରୁରୀ ଥିଲା। 2016ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରିକରଣ ଥିଲା ମାଓ ଦମନ ଅଭିଯାନର ପ୍ରଥମ ପଦକ୍ଷେପ। ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଜଙ୍ଗଲରେ ଗଞ୍ଜେଇ ଚାଷ କରି ସେମାନେ ବିପୁଳ ଅର୍ଥ ରୋଜଗାର କରୁଥିଲେ। ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଏହାକୁ ଅନେକାଂଶରେ ରୋକାଯାଇଛି। ଏହି ଅବସରରେ ନିଜ ସ୍ଥିତି ଜାହିର କରିବା ଏବଂ ନିର୍ବାଚନ ବେଳେ ଭୋଟରଙ୍କୁ ଭୟଭୀତ କରିବା ଲାଗି ହିଂସାକାଣ୍ଡ କରିବା ଲାଗି ସେମାନେ ପ୍ରୟାସ କରିବେ। ଏଥିଲାଗି ସୁରକ୍ଷା ବାହିନୀ ସତର୍କ ରହିବା ଉଚିତ। ସେମାନଙ୍କୁ ପୁନର୍ବାର ମୁଣ୍ଡ ଟେକିବାର ସାମାନ୍ୟତମ ସୁଯୋଗ ଦିଆଯିବା ଅନୁଚିତ।

## ସମ୍ପାଦକଙ୍କୁ ପତ୍ର

### ଟଙ୍କା ବାଣ୍ଟିବା ବନ୍ଦ ହେଉ

ମହାଶୟ,

ନିର୍ବାଚନ ବେଳେ ନଗଦ ଟଙ୍କା ବାଣ୍ଟିବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସାମଗ୍ରୀ ଉପହାର ଦେଉଛନ୍ତି ବା ଦେବାର ପ୍ରତିଶ୍ରୁତି ଦେଉଛନ୍ତି। ଆଉ କ୍ଷମତାସୀନ ସରକାର ମଧ୍ୟ ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଅନେକ ଯୋଜନା କରୁଛନ୍ତି ଯାହା ରାଜ୍ୟ ବା ଦେଶର କ୍ଷତି ସାଧନ କରୁଛି। ପୂର୍ବରୁ ରାଜ୍ୟରେ କ୍ଷମତାସୀନ ଥିବା ବିଜେଡି ସରକାର ମହିଳା ଭୋଟ ବ୍ୟାଙ୍କ ପାଇଁ ଏଭଳି କରୁଥିଲେ। ଏବେ ମୋହନ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ମଧ୍ୟ ସମାନ କାମ କରୁଛନ୍ତି। ସୁଭଦ୍ରା ଯୋଜନା ନାମରେ ମହିଳାଙ୍କୁ ଟଙ୍କା ବଣ୍ଟାଯିବ। ଆମ ଟିକସ ଅର୍ଥକୁ ଏମିତି ବରବାଦ କରାଯିବ।

ପ୍ରକାଶ ଚନ୍ଦ୍ର ସେଠୀ, କାକଟପୁର

# ରେଭେନ୍ସା କଲେଜ ଉପରେ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟ ଅପ୍ରାସଙ୍ଗିକ ଓ ଅଭିସନ୍ଧିମୂଳକ

ଯୁଧିଷ୍ଠିର ମହାପାତ୍ର

ରେଭେନ୍ସା କଲେଜର ନାମକୁ ନେଇ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମନ୍ତବ୍ୟକୁ ମୁଁ ବିରୋଧ କରୁଛି। କାରଣ ଏହା ବର୍ତ୍ତମାନ ସମୟରେ ଅପ୍ରାସଙ୍ଗିକ ଓ ଅରୁଚିକର। ଟି.ଇ ରେଭେନ୍ସା ଓ ରେଭେନ୍ସା କଜେଲ ଏକ ଓ ଅଭିନ୍ନ। ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ରେଭେନ୍ସା କଲେଜ ଏକ ମାଇଲ୍ ଖୁଣ୍ଟ। ସେତେବେଳର ଓଡ଼ିଶା କମିଶନର ଟି.ଇ ରେଭେନ୍ସାଙ୍କ ଶିକ୍ଷାର ପ୍ରସାର କ୍ଷେତ୍ରରେ ଉତ୍ସର୍ଗୀକୃତ ମନୋଭାବ ଓ ନିରାଷ୍ଟାପର ଉଦ୍ୟମ ଯୋଗୁଁ ରେଭେନ୍ସା କଲେଜ ଆଜି କେବଳ ଓଡ଼ିଶାରେ ନୁହେଁ, ସାରା ଭାରତରେ ଗୋଟିଏ ଅଗ୍ରଣୀ ସୁନାମଧନ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିଛି। ଟି.ଇ ରେଭୋନ୍ସାଙ୍କୁ ନଅଙ୍କ ଦୁର୍ଭିକ୍ଷ ପାଇଁ ଦାୟୀ କରି ତାର ନାମ ପରିବର୍ତ୍ତନ କରିବା ପାଇଁ ଆହ୍ୱାନ ଦେବା ଅବିମୃଶ୍ୟକାରିତା ଛଡ଼ା ଅନ୍ୟ କିଛି ନୁହେଁ। ଧର୍ମେନ୍ଦ୍ର ବାବୁଙ୍କ ଭଳି କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପକ୍ଷେ ଏଭଳି କହିବା ଠିକ୍ ହୋଇନାହିଁ। ଓଡ଼ିଶାର ବୌଦ୍ଧିକ ବିକାଶ କ୍ଷେତ୍ରରେ କମିଶନର ରେଭେନ୍ସାଙ୍କ ଅବଦାନକୁ ନ୍ୟୁନ କରିବା ଓଡ଼ିଶାର ମହାନୁଭବତାର ବିରୋଧି। ତାହେଲେ ମହାମାରୀ କୋଭିଡ଼ରେ ଅସଂଖ୍ୟ ମୃତାହତଙ୍କ ପାଇଁ କାହାକୁ ଦାୟୀ କରାଯିବ କୁହନ୍ତୁ? କଟକ ସହର, ରେଭେନ୍ସା କଲେଜ, କଟକର ବଡ଼ ମେଡ଼ିକାଲ, ବାରବାଟୀ ଦୁର୍ଗ ଓଡ଼ିଶା ସ୍ୱାଭିମାନର ଗୋଟିଏ ଗୋଟିଏ ପ୍ରତୀକ। 1866 ମସିହାର ନଅଙ୍କ ଦୁର୍ଭିକ୍ଷ ଯୋଗୁ ଖାଇବାକୁ ନ ପାଇ ଲକ୍ଷାଧିକ ଲୋକଙ୍କର ଜୀବନହାନୀ ଘଟିବା ଆମ ସମସ୍ତଙ୍କ ପାଇଁ ଦୁଃଖଦ ବିଷୟ। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଘଟଣା ଘଟିଥିଲା 1866 ମସିହାରେ। ତାର ପ୍ରାୟ 80/81 ବର୍ଷ ପରେ ଦେଶ ସ୍ୱାଧୀନ ହେଲା। ପୁଣି ଆଜକୁ ସେ ଘଟଣାର 150 ବର୍ଷରୁ ବେଶୀ ସମୟ ବିତିଗଲାଣି। ଏତେଦିନ ପରେ ଏକଥା କହିବାର ମାନେ କ'ଣ? ପୁଣି ମନେ ରଖିବା ଦରକାର ଯେ, ଦେଶ ପରାଧୀନ ଥିଲାବେଳେ ଇଂରେଜ ସରକାରଙ୍କ ଓଡ଼ିଶା କମିଶନର ବି ଜଣେ ବିଦେଶୀ ଥିଲେ। ତଥାପି ଓଡ଼ିଶା ପ୍ରତି ତାଙ୍କର ଅବଦାନ, ଶିକ୍ଷାର ପ୍ରସାର ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ଓଡ଼ିଆ ଭାଷା ଓ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଥିଲା। ପରବର୍ତ୍ତୀ ରେଭେନ୍ସାରେ ପାଠ ପଢି କୃତିତ୍ୱ ଅର୍ଜନ କରିଥିବା ବରପୁତ୍ରମାନେ ତାକୁ ଆଗେଇ ନେବା ଫଳରେ ଆଜି ଆମେ ଏଠାରେ ପହଞ୍ଚିଛେ। ପରାଧୀନ ଭାରତରେ ବିଦେଶୀ ଶାସନକୁ ସମର୍ଥନ ଦେବା ଓ ଆଜି ଜଣେ ଦକ୍ଷ ସଚ୍ଚୋଟ ଅଫିସରଙ୍କୁ ନିନ୍ଦା କରିବା ଏଭଳି ଯୁଟର୍ଣ୍ଣ କାହିଁକି?

ଟି.ଇ ରେଭେନ୍ସାଙ୍କର ବ୍ୟକ୍ତିତ୍ୱର ଦୁଇଟି ଦିଗକୁ ବିର କରିବାର ଆବଶ୍ୟକତା ରହିଛି। ଗୋଟିଏ ହେଲା ତାଙ୍କ ସମୟରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷରେ ତାଙ୍କର ଭୂମିକା ଓ ଅନ୍ୟଟି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ। 1865 ମସିହାରେ ସେ ଓଡ଼ିଶାର କମିଶନର ଦାୟିତ୍ୱ ନେଲେ। 1866ରେ ନଅଙ୍କ ଦୁର୍ଭିକ୍ଷ ପଡ଼ିଲା। ଦୀର୍ଘଦିନ ଧରି ବର୍ଷା ନହେବା, ଧାନ ଉପାଦନ କମିବା, ଉଳ ନ ମିଳିବା ଏହାର ମୁଖ୍ୟ କାରଣ। ସେତେବେଳର ଅବସ୍ଥା, ପରିବେଶକୁ ନ ବୁଝି ଏଥିପାଇଁ 2024 ମସିହାରେ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ। ଯଦିଓ କମିଶନର ରେଭେନ୍ସା ନିଜେ ଦୁର୍ଭିକ୍ଷର ପରିଣାମ ନିଜ ମୁଣ୍ଡକୁ ନେଇଛନ୍ତି ଓ ଅନୁତାପ ମଧ୍ୟ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ଏହା ଘଟିଲା, ତାହା ବିର କଲେ କଥାଟି ଆହୁରି ପରିଷ୍କାର ହୋଇଯିବ। ଏଭଳି ପ୍ରାକୃତିକ ବିପର୍ଯ୍ୟୟ କେବେ ଆଗରୁ ଘଟିନଥିଲା। ତେଣୁ ଇଂରେଜ ସରକାରଙ୍କର ଅଭିଜ୍ଞତା ମଧ୍ୟ ଏ ଦିଗରେ କମ୍ ଥିଲା। ଯୋଗାଯୋଗର ମାଧ୍ୟମ ଅତ୍ୟନ୍ତ ଦୁର୍ବଳ ଥିଲା। ସଡ଼କ ପଥ କଲିକତାରୁ ପୁରୀ ନାନା ଭାବରେ ଖଣ୍ଡିତ ଥିଲା। ଫୋନ୍ ନଥିଲା, ଟେଲିଗ୍ରାମ ଓ ଚିଠି ସରକାରୀ କାର୍ଯ୍ୟର ମାଧ୍ୟମ ଥିଲା। ସେହି ସମୟରେ ପୁରୀ କଲେକ୍ଟର ବାର୍ଲୋଙ୍କ ପରାମର୍ଶକୁ ଠିକ୍ ଭାବରେ କାର୍ଯ୍ୟକାରୀ କରିଥିଲେ ନଅଙ୍କ ଦୁର୍ଭିକ୍ଷର ଭୟାବହତାକୁ କମାଯାଇ ପାରିଥାନ୍ତା। କମିଶନରଙ୍କୁ ଯେଉଁ ତଥ୍ୟ ଅନ୍ୟ ସରକାରୀ କର୍ମଚାରୀମାନେ ଦେଇଥିଲେ ତାହା ଥିଲା ଏହିଭଳି। ଓଡିଶାରେ ରାଜା, ଜମିଦାର, ମଠ ଓ ଉଳ ବେପାରୀଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଉଳ ରହିଛି ଯାହା ଆବଶ୍ୟକସ୍ଥଳେ ବ୍ୟବହାର କରାଯାଇ ପାରିବ। ତେଣୁ ଦୁର୍ଭିକ୍ଷ ବେଳେ ଉଳ ବାହାରୁ ଆଣି ମହଜୁଦ କରିବାର ଆବଶ୍ୟକତା ସେତେବେଶି ଅନୁଭବ କରାଯାଇ ନଥିଲା। କିନ୍ତୁ ଦୁର୍ଭିକ୍ଷ ବଡ଼ ସଙ୍ଗୀନ ଥିଲା ଓ ଅବସ୍ଥା ବିଗୁଡ଼ୁ ଥିଲାବେଳେ ବାହାରୁ ଉଳ ଆଣିବା ପାଇଁ ଉଦ୍ୟମ କରିବା ଓ ବିଭିନ୍ନ କାରଣରୁ ତାହା ବ୍ୟାହତ ହେବାକୁ ଲାଗିଲା। ଯଥା ଅତ୍ୟଧିକ ବର୍ଷା, ପ୍ରବଳ ବନ୍ୟା, ବନ୍ଧବାଡ଼ ଭାଙ୍ଗିବା ଓ ଝଡ଼ ଯୋଗୁ ଏହା ଧୀରେ ଧୀରେ ଅସମ୍ଭବ ହୋଇ ପଡ଼ିଥିଲା। ଉଡ଼ାଜାହାଜରେ ଉଳ ଆଣିବାର ଅସମ୍ଭବ ଥିଲା। କେବଳ ଜଳପଥର ଉପଯୋଗ କରି ଉଳ ପୁରୀ ଓ ଓଡ଼ିଶାର ଅନ୍ୟାନ୍ୟ ଜାଗାକୁ ଅଣାଯାଇଥିଲା। କିନ୍ତୁ ଷ୍ଟିମର ଓ ଜାହାଜରେ ଆସିଥିବା ଉଳ ପ୍ରତିକୂଳ ପାଗ, ସମୁଦ୍ର କୂଳରେ ବଡ଼ ବଡ଼ ଢେଉ ଓ ବର୍ଷା ଯୋଗୁ ପୁରୀରେ ଅନଲୋଡ଼ ହୋଇପାରିଲା ନାହିଁ। ପୋଢ ବା ହୁଲି ଡଙ୍ଗା ଭାଙ୍ଗିଯିବା, ବୁଡ଼ିଯିବା, ଲକ, ନୋଳିଆ ମରିଯିବା, ଉଳ ପାଣିରେ ପଡ଼ି ନଷ୍ଟ ହେବା ଯୋଗୁ ଉଳ ଯୋଗାଣରେ ପ୍ରବଳ ବ୍ୟାଘାତ ଦେଖାଦେଲା। ଏପରିକି ଅନଲୋଡ଼ ହୋଇଥିବା କମ୍ ଉଳ ମଧ୍ୟ ସମୁଦ୍ର କୂଳରୁ ପୁରୀକୁ ପ୍ରବେଶ କରିପାରିଲା ନାହିଁ। ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ଫେଲ୍ ମାରିବାରୁ ଜାହାଜ ବ୍ରହ୍ମପୁରକୁ ଫେରିଗଲା ଓ ଲୋକେ ଖାଇବାକୁ ପାଇଲେ ନାହିଁ। ପରେ କଲିକତା ଓ ଦାର୍ଜିଲିଂରୁ ଉଳ ମଧ୍ୟ ଅଣାଯାଇଥିଲା। 'ଦେଶ, କାଳ, ପାତ୍ର' ବହିର ଲେଖକ ଐତିହାସିକ ଜଗନ୍ନାଥ ପ୍ରସାଦ ଦାସ ଓ ସେତେବେଳର ଅନେକ ଲେଖକ, ଐତିହାସିକ ନିଜ ନିଜର ଜୀବନୀରେ ଓ ଅନ୍ୟାନ୍ୟ ପ୍ରବନ୍ଧରେ ଏହା ଉଲ୍ଲେଖ କରିଛନ୍ତି। ଏହା ହିଁ ଐତିହାସିକ ସତ୍ୟ, ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏ ସମସ୍ତ ପାରିପାଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ନଅଙ୍କ ଦୁର୍ଭିକ୍ଷ ବିଭୀଷିକାକୁ ସାମ୍ନା କରିବା କେତେ ଯେ କଷ୍ଟକର ବ୍ୟାପାର



ତାହା ଅନୁମାନ କରାଯାଇପାରେ। ଓଡ଼ିଶାର ମଠ, ଜମିଦାର, ରାଜା, ଉଳ ବେପାରୀ, ବଡ଼ ବଡ଼ ଧନୀଲୋକଙ୍କର ଅମାରରୁ ଉଳ ସଂଗ୍ରହ କରି ସାଧ୍ୟମତେ ବଣ୍ଟାଯାଇଛି। ବିଭିନ୍ନ ଜାଗାରେ ପ୍ରଶାସନର ଉଦ୍ୟମ ଯୋଗୁ ଅନ୍ନଛତ୍ର, ଉଳ ବିକ୍ରି, ମାଗଣା ଉଳ ମଧ୍ୟ ବଣ୍ଟାଯାଇଛି। ଏ ସମସ୍ତ ଉଦ୍ୟମ ସମୁଦ୍ରକୁ ଶଙ୍ଖେ ଥିଲା। ଫଳରେ ଓଡ଼ିଶାର ଲୋକେ ଅକାଳରେ ମରିଛନ୍ତି, ଏହା ସ୍ୱୀକାର୍ଯ୍ୟ। ଏଥିପାଇଁ କେବଳ କମିଶନରଙ୍କୁ ଦୋଷ ଦେବା ଠିକ୍ ହେବ ନାହିଁ।

ଅନ୍ୟ ଦିଗଟି ହେଲା ରେଭେନ୍ସାଙ୍କ ଉଦ୍ୟମରେ 1868 ମସିହାରେ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ହୋଇଥିବା ଉଦ୍ୟମ ଓ ତାଙ୍କର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ। ସେତେବେଳେ ରେଭେନ୍ସା ଅନୁଭବ କରିପାରିଥିଲେ ଯେ, ଅଶିକ୍ଷା ଯୋଗୁ ଓଡ଼ିଶାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ତାଙ୍କର ନିଷ୍ଠାପର ଉଦ୍ୟମ ବଳରେ କଟକରେ ପ୍ରାଇମେରୀ ସ୍କୁଲ୍, ସେକେଣ୍ଡାରୀ ସ୍କୁଲ, କଲେଜିଏଟ ସ୍କୁଲ, ନର୍ସିଂ ସ୍କୁଲ୍, ବନ୍ଦୋବସ୍ତ ପାଇଁ ସର୍ଭେ ସ୍କୁଲ, ନାରୀ ଶିକ୍ଷା ପାଇଁ ବାଳିକା ବିଦ୍ୟାଳୟ, ଶିକ୍ଷକମାନଙ୍କ ଟ୍ରେନିଂ ପାଇଁ ସ୍କୁଲ୍, ଇଞ୍ଜିନିୟରିଂ ସ୍କୁଲ୍, ମେଡ଼ିକାଲ ସ୍କୁଲ୍ ପ୍ରତିଷ୍ଠା ଏକ ଏକ ଯୁଗାନ୍ତକାରୀ ଘଟଣା। ତତ୍କାଳୀନ ରାଜା ଜମିଦାର ମାନଙ୍କୁ ପ୍ରବର୍ତ୍ତାଇ ଶିକ୍ଷାନୁଷ୍ଠାନ ପାଇଁ ନ୍ଦା ସଂଗ୍ରହ କରିବା, ଯାହାର ଫଳସ୍ୱରୂପ କନିକା ରାଜାଙ୍କ ଦ୍ୱାରା ରେଭେନ୍ସା କଲେଜର କନିକା ଲାଇବ୍ରେରୀ ପ୍ରତିଷ୍ଠା, ମୟୁରଭଞ୍ଜ ରାଜା ସାହେବ କୃଷ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ରେଭେନ୍ସା କଲେଜ ପାଇଁ ପର୍ଯ୍ୟାପ୍ତ ଦାନ ସଂଗ୍ରହ, ଏହାଛଡ଼ା ଆର୍ଥିକ ସ୍ୱଚ୍ଛଳ ବର୍ଗଙ୍କ ଲୋକଙ୍କ ଠାରୁ ନ୍ଦା ପାଇଁ ଅହରହ ଉଦ୍ୟମ କମିଶନରଙ୍କ ଶିକ୍ଷାର ପ୍ରସାର ପାଇଁ ଏକ ଏକ ମାଇଲ୍ ଖୁଣ୍ଟ। କେବଳ କଟକ ନୁହେଁ, ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସ୍କୁଲ୍ ପ୍ରତିଷ୍ଠା ପାଇଁ ଏକ ପରିବେଶ ସୃଷ୍ଟି ହୋଇଥିଲା। ଓଡ଼ିଆ ମାଧ୍ୟମ ସ୍କୁଲ୍ ପାଇଁ ଅଲଗା ଭାବେ ସ୍କୁଲ୍ ଇନିସ୍‌ପେକ୍ଟର ପଦବୀ ସୃଷ୍ଟି କରିବା ତାଙ୍କର ଅବଦାନ ଥିଲା। ଫଳରେ ଓଡ଼ିଶା ପାଇଁ ସର୍ବପ୍ରଥମ ଇନିସ୍‌ପେକ୍ଟର ଭାବେ ରାଧାନାଥ ରାୟଙ୍କ ଭଳି ଓଡ଼ିଆଙ୍କୁ ଏହି ପଦବୀରେ ଅଧିଷ୍ଠିତ କରାଯାଇଥିଲା। ସବ୍‌ଡିଭିଜନମାନଙ୍କରେ ସବ୍-ଇନିସପେକ୍ଟର ପଦବୀ ସୃଷ୍ଟି କରିବା ଓ ବିନା ବାଧାରେ ଶିକ୍ଷାକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର ଉଦ୍ୟମ କରାଯାଇଥିଲା। ଓଡ଼ିଆ ବ୍ୟାକରଣ ପୁସ୍ତକର ପ୍ରକାଶନ, ଓଡ଼ିଆ ଭାଷା ବଙ୍ଗଳା ଭାଷାର ଉପଭାଷା ନୁହେଁ, ଏହା ସଂସ୍କୃତରୁ ସୃଷ୍ଟି ବୋଲ ସ୍ପଷ୍ଟ କରିବା ଓ ଓଡ଼ିଆ ଭାଷାକୁ ସାମଗ୍ରିକ ଭାବେ ପ୍ରୋତ୍ସାହନ ଦେବା ଯୋଗୁ କମିଶନର ରେଭେନ୍ସା ଅତ୍ୟନ୍ତ ଲୋକପ୍ରିୟ ହୋଇପାରିଥିଲେ। ପରବର୍ତ୍ତୀ କାଳରେ ଫକୀର ମୋହନ ସେନାପତି, ଗୋଦାବରୀଶ ମିଶ୍ର, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋପୀନାଥ ମହାନ୍ତି, କାଳନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି ଆଦି ପ୍ରବୀଣ ଲେଖକ, ସାହିତ୍ୟିକ, ଐତିହାସିକ, ଗାଳ୍ପିକ, ଉପନ୍ୟାସିକଙ୍କ ଦ୍ୱାରା ଓଡ଼ିଆ ଭାଷା ଋଦ୍ଧିମନ୍ତ ଓ ବିକଶିତ ହେଲା। ମିଶନାରୀ ମାନଙ୍କ ଦ୍ୱାରା ଛାପାଖାନା ପ୍ରତିଷ୍ଠା, ଉତ୍କଳ ଦୀପିକା ଆଦି ଖବରକାଗଜ ପ୍ରତିଷ୍ଠା ଏ ଦିଗରେ ସମସ୍ତଙ୍କର ମିଳିତ ଉଦ୍ୟମକୁ ପ୍ରଶଂସା କରିବାକୁ ହେବ। ରେଭେନ୍ସାଙ୍କର ଏହି ନିଷ୍ଠାପର ଓ ଉତ୍ସର୍ଗୀକୃତ କାର୍ଯ୍ୟକୁ ହୃଦୟଙ୍ଗମ କରି ମୟୁରଭଞ୍ଜ ରାଜା ସାହେବ କଟକ କଲେଜକୁ ରେଭେନ୍ସାଙ୍କ ନାମରେ ନାମିତ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ସମସ୍ତେ ଗ୍ରହଣ କରିନେଇଥିଲେ। କମିଶନରଙ୍କ ଯୁଗାନ୍ତକାରୀ ପଦକ୍ଷେପ ଯୋଗୁ ଓଡ଼ିଶାରେ ମୃତପ୍ରାୟ ଶିକ୍ଷା ବ୍ୟବସ୍ଥାର ଅଭୁତପୂର୍ବ ପ୍ରସାର ଘଟିଲା।

ଶିକ୍ଷା କ୍ଷେତ୍ରରେ ବଜେଟର 10ଭାଗ ଖର୍ଚ୍ଚ କରିବା, ସାରା ଦେଶରେ ଏକ ପ୍ରକାର ମାଗଣା ଶିକ୍ଷାର ପ୍ରଚଳନ କରିବା, ଶିକ୍ଷାରେ ବ୍ୟବସାୟୀକରଣ ନ କରିବା, କୁସଂସ୍କାର, ଅନ୍ଧବିଶ୍ୱାସକୁ ହଟାଇ ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା, ଏଥିପାଇଁ ପ୍ରୋତ୍ସାହନ ଦେବା ଦିଗରେ ଧର୍ମେନ୍ଦ୍ର ବାବୁ କାର୍ଯ୍ୟ କଲେ ସମସ୍ତେ ନିଶ୍ଚୟ ପ୍ରଶଂସା କରିବେ, ଯାହା ହେଉନାହିଁ। ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ପାଳନରେ ଟାଳଟଳୁ ନୀତି ଗ୍ରହଣ କରାଯାଉଛି ଓ ସାମ୍ବିଧାନିକ ଅଧିକାର ଆଜି ସୁରକ୍ଷିତ ନୁହେଁ। ସେ ଦିଗରେ କାର୍ଯ୍ୟ ନକରି ଅପ୍ରସଙ୍ଗକୁ ପ୍ରସଙ୍ଗ କରିବା, ରେଭେନ୍ସାଙ୍କୁ ଦୋଷ ଦେବା, ରେଭେନ୍ସା କଲେଜର ନାମ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେବା ଓ ଏହାକୁ ଓଡ଼ିଆ ଅସ୍ମିତା ସହିତ ଯୋଡ଼ିବା ଆଦୌ ଠିକ୍ ନୁହେଁ। ରେଭେନ୍ସା କଲେଜ ସହ ଓଡ଼ିଆ ଅସ୍ମିତା ଏକ ଓ ଅଭିନ୍ନ ହୋଇଯାଇଥିବା କାରଣରୁ ଧର୍ମେନ୍ଦ୍ର ବାବୁଙ୍କ ଏଭଳି ମନ୍ତବ୍ୟ ବରଂ ଓଡ଼ିଆ ଅସ୍ମିତାକୁ କ୍ଷୁର୍ଣ୍ଣ କରୁଛି। ଏହି ମନ୍ତବ୍ୟ ଯୋଗୁ ରେଭେନ୍ସା କଲେଜ ସହ ସମ୍ପୃକ୍ତ ଛାତ୍ର, ଅଧ୍ୟାପକ କେବଳ ନୁହଁନ୍ତି, ବରଂ ସମସ୍ତ ଓଡ଼ିଶାବାସୀ ଅପମାନିତବୋଧ କରୁଛନ୍ତି।

ଯେଉଁ ବିଜେପି ବନ୍ଧୁମାନେ ଦେଶ, କାଳ, ପାତ୍ର ବହିର ନଜିର ଦେଉଛନ୍ତି, ତାହାର ପ୍ରଥମ ସଂସ୍କରଣ 1992ରେ ହୋଇଥିଲା ଓ 2014 ସୁଦ୍ଧା ତାହାର ପଞ୍ଚମ ସଂସ୍କରଣ ବାହାରି ସାରିଛି। ଏତେ ଡେରିରେ ତାକୁ ପଢ଼ିବା ଓ ତାହାର କଦର୍ଥ କରିବା ଠିକ୍ ନୁହେଁ। ଦେଶ, କାଳ, ପାତ୍ର ବହିର ଲେଖକଙ୍କ ମତରେ ରେଭେନ୍ସା ଜଣେ ଉତ୍ତମ ସ୍ୱଭାବର ଲୋକ ଥିବା କଥା କହିବା ସହ ତାଙ୍କ କାର୍ଯ୍ୟ କରିବାର ତରିକା ଭିଭି ଭିନ୍ନ ହେବା ସ୍ୱାଭାବିକ ବୋଲି ବର୍ଣ୍ଣନା କରିଛନ୍ତି।

ଏଠି ଆଉ ଗୋଟିଏ କଥା ଅବତାରଣା କରିବା ଅସମୀଚିନ ହେବ ନାହିଁ। ଇଂରେଜ ଶାସନ ଅମଳରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର ବିଭୀଷିକା ପାଇଁ ତତ୍କାଳୀନ କମିଶନରଙ୍କୁ ଦୋଷ ଦେବା ଓ ବିଜେପି ମତାଦର୍ଶରେ ବିଶ୍ୱାସ କରୁଥିବା ତଥାକଥିତ ଦେଶପ୍ରେମୀ ଇଂରେଜ ବିରୋଧୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାରେ ନଜିର ନାହିଁ କାହିଁକି? ପୁଣି ଯେଉଁ ଜଣେ ଅଧେ ଭାଗ ନେଇଥିଲେ, ସେମାନେ ମୁଲିକା ଲେଖି ଜେଲ୍‌ରୁ ଖଲାସ ହେବା କେଉଁ ଅସ୍ମିତାର ପରିୟକ? ଇଂରେଜଙ୍କୁ ସେମାନଙ୍କ ଶାସନ କାଳରେ ସାହାଯ୍ୟ କରିବା, ସ୍ୱାଧୀନତା ଆନ୍ଦୋଳନକୁ ଅଯଥା କହିବା କେଉଁ ଅସ୍ମିତା? ଭଗତ ସିଂଙ୍କୁ ଉପଯୁକ୍ତ ସମ୍ମାନ ନଦେବା, ଜାତିର ଜନକ ମହାମା ଗାନ୍ଧୀଙ୍କୁ ଗୁଳି କରିଥିବା ବ୍ୟକ୍ତିଙ୍କୁ ନିନ୍ଦା ନକରିବା, ଶହୀଦର ମାନ୍ୟତା ଦେବା କେଉଁ ମହାଭାରତୀୟ ଅସ୍ମିତା? ପୁଣି ଗୁଜୁରାଟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ନାମରେ ଥିବା ଷ୍ଟାଡ଼ିୟମକୁ ନିଜ ନେତାଙ୍କ ନାମରେ ନାମିତ କରିବା, ମୋଗଲ ସରାଇ ଷ୍ଟେସନର ନାମକୁ ବଦଳାଇ ଦେବା କ'ଣ ପ୍ରଗତିର ଲକ୍ଷଣ? ତେଣୁ ରେଭେନ୍ସାଙ୍କ ଅବଦାନକୁ 156 ବର୍ଷ ପରେ ନ୍ୟୁନ କରିବା ପାଇଁ ଉଦ୍ୟମ କରିବା ଓ ରେଭେନ୍ସା କଲେଜର ନାମ ପରିବର୍ତ୍ତନ କରିବା ପାଇଁ ପ୍ରସ୍ତାବ ଦେବା ବର୍ତ୍ତମାନ ସମୟରେ କେବଳ ଅପ୍ରାସଙ୍ଗିକ ନୁହେଁ, ଅଭିସନ୍ଧିମୂଳକ।

**ରେଭେନ୍ସାର ପୂର୍ବତନ ଛାତ୍ର**

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି।ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉତ୍ତରଦାୟୀ। ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ।ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା। ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ।କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା "ଆକାଶ କଇଁଆ ଚିଲିକା ମାଛ" ସଦୃଶ।

ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି। "ତେଲିଆ ମୁଣ୍ଡରେ ତେଲ "ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି। ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖାପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି। ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି। ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି। ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ। ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି। ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି।

ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା। କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ "ଆମେ ଯତ୍ନବାନ -ଆମେ ସାହସୀ" ସ୍ଲୋଗାନ ସ୍ଥାନିତ ହୋଇଛି। କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ। କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ।କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି। ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା। ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ। ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି। ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭%। ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି। ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୁର୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି। ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା। ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ। ସେତେବେଳେ ରାତି ୧:୩୦ ହୋଇଥିଲା। ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା। ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ। ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି। ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା। ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା। ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା। ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ଼ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି। ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ। କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ। ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ। "ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ " ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ। ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ। କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଲ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି।

ମୋବାଇଲ: ୭୦୨୦୬୧୧୩୦୦

ଅଭୟାଙ୍କ ବାପା-ମା’ ନୂଆ ଅଭିଯୋଗ ଆଣିଲେ

# ଜବରଦସ୍ତ ଝିଅର ସଂସ୍କାର କରାଯାଇଥିଲା

କୋଲକାତା, ୫।୯: ଆରଜି କର ମେଡିକାଲ କଲେଜର ଟ୍ରେନି ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ଏବେ ଆଉ ,କ ନୂଆ ମୋଡ଼ ନେଛି। ଦୁର୍ଷ୍କ ଓ ହତ୍ୟାର ଶିକାର ହୋଇଥିବା ଡାକ୍ତରଙ୍କ ବାପା-ମା’ ଅଭିଯୋଗ କରିଛନ୍ତି ଯେ, ସେମାନେ ଝିଅର ଶବ କିଛି ଦିନ ସଂରକ୍ଷିତ ରଖିବାକୁ ଚାହୁଁଥିଲେ। କିନ୍ତୁ ସେମାନଙ୍କ ଇଚ୍ଛା ବିରୋଧରେ ପୋଲିସ ଯୋରଜବରଦସ୍ତ ଝିଅର ଶବ ସଂସ୍କାର କରିଦେଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। କାହିଁକି ସେମାନେ ତରବର ହୋଇ ଝିଆର ଶବ ସଂସ୍କାର କରିଦେଲେ ତାହା ସେମାନେ ଜାଣିପାରୁନାହାଁନ୍ତି ଏବଂ ଏହା ପଛରେ କିଛି ରହସ୍ୟ ଥାଇପାରେ ବୋଲି ସେମାନେ ସନ୍ଦେହ କରୁଛନ୍ତି। ଏପରିକି ଝିଅର ଶବ ନିକଟରେ ଠିଆ ହୋଇଥିବା ବେଳେ ସେମାନଙ୍କୁ ଜଣେ ପୋଲିସ ଅଧିକାରୀ କିଛି ଟଙ୍କା ଯାଚିଥିଲେ ବୋଲି ଅଭୟାଙ୍କ ବାପା କହିଛନ୍ତି।




ଅଭୟାଙ୍କ ବାପା କହିଛନ୍ତି ଯେ, ହସ୍ପିଟାଲରେ ସେମାନେ ଥିବା ବେଳେ ତାଙ୍କୁ ପୋଲିସ ଘେରାବନ୍ଦୀରେ ରଖିଥିଲା ଏବଂ କାହାକୁ ଭେଟିବାକୁ ସୁଯୋଗ ଦିଆଯାଇନଥିଲା। ଘରକୁ ଫେରି ସେ ଯାହା ଦେଖିଲେ ତାଜୁବ ହୋଇଗଲେ। ପ୍ରାୟ ୩୦୦ରୁ ୪୦୦ ପୋଲିସ ତାଙ୍କ ଘରକୁ ଘେରି ରହିଥିଲେ। ସେମାନଙ୍କ ଉପରେ ଏଭଳି ଚାପ ସୃଷ୍ଟି କରିଯାଇଥିଲା ଯେ, ସେମାନେ ଝିଅର ଅନ୍ତିମ ସଂସ୍କାର ପାଇଁ ବାଧ୍ୟ ହେଲେ। ଏତେ ତରବର ହୋଇ ସେମାନେ ଅନ୍ତିମ ସଂସ୍କାର କରିବାକୁ ଚାହୁଁନଥିଲେ। କିଛି ପୋଲିସ ଅଫିସର ତାଙ୍କୁ ଏକ ସାଧା କାଗଜରେ ସ୍ୱାକ୍ଷର କରିବାକୁ କହିଥିଲେ। କିନ୍ତୁ ସେ ଏହାକୁ ଚିରି ଫିଙ୍ଗି ଦେଇଥିଲେ ବୋଲି ଅଭୟାଙ୍କ ବାପା କହିଛନ୍ତି। ଶବ ଗରେ ପହଞ୍ଚିବା ପରେ ମଧ୍ୟ ତାଙ୍କୁ କିଛି ପୋଲିସ ଅଫିସର ଟଙ୍କା ଯାଚିଥିଲେ। କିନ୍ତୁ ସେ ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ ବୋଲି ଅଭୟାଙ୍କ ବାପା କହିଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ଅଭୟାଙ୍କ ବାପା-ମା’ଙ୍କୁ ପ୍ରଥମେ ସେମାନଙ୍କ ଝିଅ ଆତ୍ମହତ୍ୟା କରିଥିବା କୁହାଯାଇଥିଲା। କାହିଁକି ଏକ ସ୍ପଷ୍ଟ ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଆତ୍ମହତ୍ୟା ରୂପଦେବାକୁ ପ୍ରୟାସ କରାଯାଇଥିଲା ତାହା ଏବେ ବି ରହସ୍ୟ ଏବଂ ସିବିଆଇ ଏବେ ଏହାର ତଦନ୍ତ କରୁଛି। ଏଥିରେ କଲେଜର ତତ୍କାଳୀନ ଅଧ୍ୟକ୍ଷ ଡାକ୍ତର ସନ୍ଦୀପ ଘୋଷଙ୍କ ଭୂମିକା ରହିଛି ବୋଲି ସନ୍ଦେହ କରାଯାଉଛି।

ଅଭୟାଙ୍କ ବାପା-ମା’ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ନିଜ ଝିଅର ଅନ୍ତିମ ଦର୍ଶନ କରିବାକୁ ୩ରୁ ୪ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ବ୍ୟବଚ୍ଛେଦ ବହୁ ବିଳମ୍ବ ହୋଇଥିଲା। ସେତେବେଳେ ଅଭୟାଙ୍କ ମା’ ସମସ୍ତଙ୍କୁ ନେହୁରା ହୋଇ ତାଙ୍କ ଝିଅକୁ ଟିକେ ଦେଖିବାକୁ ସୁଯୋଗ ଦିଆଯାଉ ବୋଲି କହିଥିଲେ। କିନ୍ତୁ କେହି ତାଙ୍କ କଥା କେହି ଶୁଣିନଥିଲେ। ଏହି ପ୍ରସଙ୍ଗରେ କୋଲକାତା ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି ଏବଂ ପୋଲିସ କାହିଁକି ଏଫଆଇଆର ଦାଖଲରେ ବିଳମ୍ବ କରିଥିଲା ବୋଲି ପ୍ରଶ୍ନ କରିଛନ୍ତି।

# ୟୁକ୍ରେନ ସହ ଆଲୋଚନା ଲାଗି ପୁଟିନ ରାଜି

ମସ୍କୋ, ୫।୯: ୟୁକ୍ରେନ ସହ ଯୁଦ୍ଧର ପରିସମାପ୍ତି ପାଇଁ ଶାନ୍ତି ଆଲୋଚନା ନିମନ୍ତେ ଋଷିଆ ପ୍ରସ୍ତୁତ ବୋଲି କହିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମୀର



ପୁଟିନ। ଏହି ଶାନ୍ତି ଆଲୋଚନାରେ ଭାରତ, ଚୀନ ଓ ବ୍ରାଜିଲ ମଧ୍ୟସ୍ଥତା କରିପାରିବେ। ଏଥିଲାଗି ଏହିସବୁ ଦେଶମାନଙ୍କର ସାମର୍ଥ୍ୟ ରହିଛି ବୋଲି ପୁଟିନ କହିଛନ୍ତି। ପୁଟିନଙ୍କ ଏହି ବକ୍ତବ୍ୟ ପରେ ଋଷିଆ-ୟୁକ୍ରେନ ଯୁଦ୍ଧରେ ବିରାମ ଲାଗିବ ବୋଲି ଆଶା ସଞ୍ଚାର ହୋଇଛି।

ପୁଟିନ କହିଛନ୍ତି ଯେ, ଯୁଦ୍ଧ ଆରମ୍ଭ ହେବାର ପ୍ରଥମ ସପ୍ତାହରେ ଇସ୍ତାନବୁଲରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ଏହି ଚୁକ୍ତି କେବେ ବି କାର୍ଯ୍ୟକାରୀ ହୋଇନି। ତେବେ ଏହି ଚୁକ୍ତି ଆଧାରରେ ଶାନ୍ତି ଆଲୋଚନା ଆଗେଇ ପାରିବ ବୋଲି ପୁଟିନ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୨ ଫେବୃଆରୀରେ ଋଷିଆ ପ୍ରଥମେ ୟୁକ୍ରେନ ଉପରେ ଆକ୍ରମଣ କରିଥିଲା। ସମସ୍ତେ ଆକଳନ କରୁଥିଲେ ଯେ, ସପ୍ତାହକ ମଧ୍ୟରେ ଯୁଦ୍ଧ ଶେଷ ହୋଇଯିବ। କାରଣ ଋଷିଆ ଆଗରେ ୟୁକ୍ରେନର ସାମରିକ ଶକ୍ତି କିଛି ନୁହେଁ। କିନ୍ତୁ ଯୁଦ୍ଧକୁ ଅଢେଇ ବର୍ଷ ବିତିଗଲାଣି। ତଥାପି ଏଥିରେ ବିରାମ ଲାଗିନି। ଆମେରିକା ଏବଂ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସହଯୋଗରେ ୟୁକ୍ରେନ ଆତ୍ମରକ୍ଷା କରୁଛି। ତେବେ ଋଷିଆ ସହ ଯୁଦ୍ଧରେ ୟୁକ୍ରେନ ଏକରକମ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏଭଳି ପରିସ୍ଥିତିରେ ଯୁଦ୍ଧର ପରିସମାପ୍ତି ଉଭୟ ପକ୍ଷ ପାଇଁ ଆବଶ୍ୟକତା ହୋଇପଡ଼ିଛି।



## ଟ୍ରୁଡୁଙ୍କ ପାଇଁ ସଙ୍କଟ ବଢ଼ିଲା ଜଗମିତ ସିଂହ ସମର୍ଥନ ପ୍ରତ୍ୟାହାର କଲେ

ଟରଣ୍ଟୋ, ୫।୯: କାନାଡ଼ାରେ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୁରଙ୍କ ପାଇଁ ସମସ୍ୟା ଘନୀଭୂତ ହୋଇଛି। ତାଙ୍କର ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଜଗମିତ ସିଂହ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଟ୍ରୁଡ୍ୟୁ ଆଗାମୀ ନିର୍ବାଚନରେ ବିରୋଧୀ କନଜରଭେଟିଭ ପାର୍ଟୀର ମୁକାବିଲାରେ ସଫଳ ହୋଇପାରିବେ ନାହିଁ ବୋଲି ଜଗମିତ କହିଛନ୍ତି। କଞ୍ଜରଭେଟିଭ ପାର୍ଟୀ ସହଜରେ ବିଜୟୀ ହୋଇଯିବ। ଜଗମିତଙ୍କ ନ୍ୟୁ ଡେମୋକ୍ରାଟିକ ପାର୍ଟୀ ସମର୍ଥନ ପ୍ରତ୍ୟାହାର କରିବା ପରେ ଟ୍ରୁଡ୍ୟୁ ସରକାରର ପତନ ଆଶଙ୍କା ଦେଖାଦେଇଛି। ଜଗମିତ ଅଭିଯୋଗ କରିଛନ୍ତି ଯେ, ଟ୍ରୁଡ୍ୟୁ କାନାଡ଼ାବାସୀଙ୍କୁ ଠକିଛନ୍ତି ଏବଂ ସେମାନଙ୍କ ପ୍ରତି ପ୍ରାରଣା କରିଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ନଦେଇ ସେ ସର୍ବଦା କର୍ପୋରେଟ ସେକ୍ଟରର ଫାଇଦା ପ୍ରତି ଦୃଷ୍ଟି ଦେଇଛନ୍ତି ବୋଲି ଜଗମିତ ଅଭିଯୋଗ କରିଛନ୍ତି।

## କୋଟାରେ ପୁଣି ଆତ୍ମହତ୍ୟା କଲେ ନିଟ୍ ଆଶାୟୀ

ରାଜସ୍ଥାନ କୋଟା ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟାର ହଟସ୍ପଟ ପାଲଟି ଯାଇଛି। ସମଗ୍ର ଦେଶରୁ ଏଠାକୁ ନିଟ୍ ପ୍ରସ୍ତୁତି ପାଇଁ ଛାତ୍ରଛାତ୍ରୀ ଆସିଥାନ୍ତି । ମାତ୍ର ଅକାରଣେ ଛାତ୍ରମାନେ ଝୁଲି ପଡ଼ିବା ଘଟଣା ଚିନ୍ତା ବଢ଼ାଇଛି। କୋଟାରେ କିଛି ଦିନର ବ୍ୟବଧାନ ପରେ ପୁଣି ଘଟିଛି ଅଘଟଣ । ଝୁଲି ପଡ଼ିଛନ୍ତି ପୁଣି ଜଣେ ନିଟ୍ ଆଶାୟୀ ଛାତ୍ର । ପୁଲିସ୍ ସୂଚନା ଅନୁଯାୟୀ, ମୃତ ଛାତ୍ରଙ୍କ ନାଁ ପର୍ଶୁରାମ ବୋଲି ଜଣାପଡ଼ିଛି। ସେ ଉତ୍ତରପ୍ରଦେଶର ମଥୁରାର ବାସିନ୍ଦା । ପର୍ଶୁରାମ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ସାଙ୍ଗମାନେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲା। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏଥିସହ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଛି। ଏହାର କିଛି ଦିନ ପୂର୍ବରୁ କୋଟାରେ ରହି ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ର ଆତ୍ମହତ୍ୟା କରିଥିଲେ। ତାଙ୍କ ଘର ହରିୟାଣାର ରୋହତକ ଅଞ୍ଚଳର ବୋଲି ଜଣାପଡ଼ିଥିଲା। କୋଟାରେ ଛାତ୍ର ଆତ୍ମହତ୍ୟା ଥମିବା ନାଁ ଧରୁନି। ଏପରିକି ସବୁ କୋଚିଂ ସେଣ୍ଟରରେ ଥିବା ଫ୍ୟାନ୍‌ରେ ଆଣ୍ଟି-ହ୍ୟାଙ୍ଗିଂ ଡିଭାଇସ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। ଏହାସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାରେ ଲାଗିଛି। ୨୦୨୩ରେ କୋଟାରେ ରହି ପାଠପଢ଼ୁଥିବା ୨୬ ଜଣ ଶିକ୍ଷାର୍ଥୀ ବିଭିନ୍ନ ସମୟରେ ଆତ୍ମହତ୍ୟା କରିଥିଲେ। ଚଳିତ ବର୍ଷ ବି ଏହି ଘଟଣା ଥମିବା ନାଁ ଧରୁନି।

## ମହାରାଷ୍ଟ୍ରରେ ହୃଦୟବିଦାରକ ଦୃଶ୍ୟ ୨ ପୁଅଙ୍କ ଶବ ବୋହି ୧୫ କିମି ଚାଲିଲେ ବାପା-ମାଆ



ମୁମ୍ବାଇ, ୫।୯: ମହାରାଷ୍ଟ୍ର ଅହେରୀ ତାଲୁକ ଅଞ୍ଚଳରେ ବିକାଶର ନଗ୍ନଚିତ୍ର। ଆମ୍ବୁଲାନ୍ସ ନ ମିଳିବାରୁ ଦୁଇ ମୃତ ପୁଅଙ୍କୁ କାନ୍ଧରେ ବୋହି ଘରକୁ ନେଇଛନ୍ତି ବାପାମାଆ। ପାଣିକାଦୁଅରେ ୧୫ କିଲୋମିଟର ଚାଲିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ବିରୋଧୀ ଦଳର ନେତା ବିଜୟ ୱାଦେତିୱାରୀ ସୋଶାଲ ମିଡିଆରେ ଏହି ସମୟର ଭିଡିଓ ଶେଆର କରିଛନ୍ତି। ସେ ଲେଖିଛନ୍ତି ଯେ, ଦୁଇ ଭାଇ ଜ୍ୱରରେ ପୀଡିତ ହୋଇଥିଲେ। ଚିକିତ୍ସା ଅଭାବରୁ ଡାକ୍ତରଖାନାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ସଠିକ୍ ସମୟରେ ଡାକ୍ତରଖାନା ଅଣା ନ ଯିବାରୁ ଉଭୟଙ୍କ ଜୀବନ ଚାଲି ଯାଇଥିଲା। ଏହା ସତ୍ତ୍ୱେ ବି ମୃତଦେହ ଘରକୁ ପଠାଇବାକୁ ଆମ୍ବୁଲାନ୍ସ ମିଳିନଥିଲା। ଫଳରେ ସେମାନଙ୍କ ବାପାମାଆ ୧୫ କିଲୋମିଟର କାଦୁଅ ରାସ୍ତାରେ କାନ୍ଧରେ ବୋହି ଘରକୁ ନେବାକୁ ବାଧ୍ୟ ହୋଇଥିଲେ।

ସରକାରଙ୍କୁ ସୁପାରିଶ କଲା ସେନା

## ଅଗ୍ନିପଥ ଯୋଜନାରେ ଆସିବ ପରିବର୍ତ୍ତନ

ନୂଆଦିଲ୍ଲୀ, ୫।୯: ଭାରତୀୟ ସେନାରେ ନିଯୁକ୍ତି ନେଇ କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନାର ହେବ ପରିବର୍ତ୍ତନ। ଆଗକୁ ଏହି ଯୋଜନାରେ କିଛି ପରିବର୍ତ୍ତନ ହେବା ନେଇ ବିଶେଷ ସୂତ୍ରରୁ ପ୍ରକାଶ ପାଇଛି।

ପ୍ରତିରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଗ୍ନିପଥ ନିଯୁକ୍ତିରେ ସଂରକ୍ଷଣ ଶତକଡ଼ା ବୃଦ୍ଧି କରିବା ସହିତ ଅଧିକ ଯବାନଙ୍କ ଚାକିରି କାଳ ବୃଦ୍ଧି କରିବାକୁ ଯୋଜନା ଚାଲିଛି। ଅଗ୍ନିପଥ ଯୋଜନାର ସାମଗ୍ରିକ ଗଠନ ଏବଂ ଲାଭରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖି ଏହି ବ୍ୟବସ୍ଥା ଅଣାଯାଉଛି।

ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଆଗ୍ନିବୀରଙ୍କ ରକ୍ଷଣାବେକ୍ଷଣ ପ୍ରତିଶତ ବୃଦ୍ଧି ଉପରେ ବିଚାରବିମର୍ଶ ଚାଲିଛି। ଏହା ମାଧ୍ୟମରେ ଅଧିକ ସଂଖ୍ୟକ ଅଗ୍ନିବୀରଙ୍କୁ ଚାରି ବର୍ଷର କାର୍ଯ୍ୟକାଳ ପରେ ପୂର୍ଣ୍ଣକାଳୀନ ସେବା ଜାରି ରଖିବାକୁ ଅନୁମତି ଦେବ। ପ୍ରାରମ୍ଭିକ ଘୋଷଣା ମୁତାବକ, ଅଗ୍ନିପଥ ଯୋଜନାରେ ନିଯୁକ୍ତ ଅଗ୍ନିବୀରଙ୍କ ମଧ୍ୟରୁ ୨୫ ପ୍ରତିଶତ ଯବାନଙ୍କ ଚାକିରି କାଳ ଆଉ ୧୫ ବର୍ଷ ପାଇଁ ବଢ଼ାଯିବାର ବ୍ୟବସ୍ଥା ଥିବା ବେଳେ ଅବଶିଷ୍ଟ ୭୫ ପ୍ରତିଶତ ଯବାନଙ୍କୁ କ୍ଷତିପୂରଣ ସହ ଅବସର ଦିଆଯିବାର ବ୍ୟବସ୍ଥା ରହିଛି।

ବର୍ତ୍ତମାନ ୫୫ ପ୍ରତିଶତ ପିଲାଙ୍କ ଚାକିର କାଳ ବୃଦ୍ଧି କରିବାକୁ ବିଚାର ବିମର୍ଶ ଚାଲିଛି। ଚାରି ବର୍ଷ ଶେଷରେ ଯବାନଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ରଖାଯାଇଥିବା ଯବାନଙ୍କ ସଂଖ୍ୟା ବୃଦ୍ଧି ହେବା ଉଚିତ୍ ବୋଲି ସେନା ପରାମର୍ଶ ଦେଇଛି। ଆଭ୍ୟନ୍ତରୀଣ ମତାମତ ଏବଂ ସର୍ବେକ୍ଷଣ ପରେ ସେନା ସରକାରଙ୍କୁ ଏହି ସମ୍ଭାବ୍ୟ ପରିବର୍ତ୍ତନଗୁଡିକ ସମ୍ବନ୍ଧରେ ସୁପାରିଶ ଦାଖଲ କରିସାରିଛି। ୨୦୨୨ ଜୁନରେ କେନ୍ଦ୍ର ସରକାର ପ୍ରଥମ କରି ସେନାରେ ଅଗ୍ନିପଥ ନିଯୁକ୍ତି ବ୍ୟବସ୍ଥା ଆରମ୍ଭ କରିଥିଲେ। ଏହି ନିଯୁକ୍ତି ମାଧ୍ୟମରେ ସାଢେ ୧୭ ବର୍ଷରୁ ୨୧ ବର୍ଷ ବୟସ୍କ ପିଲା ସେନାରେ ନିୟୋଜିତ ହୋଇ ପାରୁଥିଲେ। ଅଗ୍ନିପଥ ଯୋଜନାରେ ସାମିଲ ହେଉଥିବା ଯବାନଙ୍କ କାର୍ଯ୍ୟକାଳ ୪ ବର୍ଷ ରଖାଯାଇଛି।

# ଏନକାଉଣ୍ଟରରେ ଟଳିଲା କୁଖ୍ୟାତ ଡକାୟତ

ଲକ୍ଷ୍ନୌ, ୫।୯: ଏନକାଉଣ୍ଟରରେ ପ୍ରାଣ ହରାଇଛି କୁଖ୍ୟାତ ଡକାୟତ ତଥା ଉତ୍ତର ପ୍ରଦେଶର ସୁଲତାନପୁର ଗହଣା ଦୋକାନ ଲୁଟ ଘଟଣାର ମାଷ୍ଟରମାଇଣ୍ଡ। ଆଜି ଉତ୍ତର ପ୍ରଦେଶର ଏସଟିଏଫ କରିଥିବା ଏନକାଉଣ୍ଟରରେ ତା’ର ମୃତ୍ୟୁ ହୋଇଛି। ପ୍ରାଣ ହରାଇଥିବା କୁଖ୍ୟାତ ଡକାୟତ ଜଣକ ହେଉଛି ମଙ୍ଗେଶ ଯାଦବ। ତା’କୁ ଧରିବା ପାଇଁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ହେଲେ ଆଜି ମିଶ୍ରିପୁର-ପୁରଇନା ଗାଁ ନିକଟରେ ହୋଇଥିବା ଏନକାଉଣ୍ଟରରେ ମଙ୍ଗେଶ ପ୍ରାଣ ହରାଇଛି। ଅତିରିକ୍ତ ଡିଜି(ଆଇନ ଶୃଙ୍ଖଳା) ଅମିତାଭ ଯାଶ କହିଛନ୍ତି, ମଙ୍ଗେଶ ଯାଦବର ଘର ହେଉଛି ଜଉନପୁରରେ। ଅଗଷ୍ଟ ୨୮ରେ ଭାରତ ଜୁଏଲର୍ସରେ ଲୁଟ ହୋଇଥିଲା। ସ୍ପଷ୍ଟ ଦିବାଲୋକରେ ହୋଇଥିବା ଏହି ଚୋରିର ମାଷ୍ଟରମାଇଣ୍ଡ ହେଉଛି ମଙ୍ଗେଶ। ତା’କୁ ଖୋଜା ପଡ଼ିଥିବା ବେଳେ ଆଜି ମଙ୍ଗେଶ ଓ ତା’ର ସହଯୋଗୀଙ୍କ ସମ୍ପର୍କରେ ଆଜି ଭୋରରରୁ ସୂଚନା ମିଳିଥିଲା। ମଙ୍ଗେଶକୁ ଟିମ ଦେଖିବା ପରେ ଆତ୍ମସମର୍ପଣ କରିବାକୁ କହିଥିଲା। ହେଲେ ସେ ଏସଟିଏଫ ଟିମ ଉପରକୁ ଗୁଳି ମାଡ଼ କରିଥିଲା। ଏହାର ଜବାବ ମଧ୍ୟ ଏସଟିଏଫ ପକ୍ଷରୁ ଦିଆଯାଇଥିଲା। ଏତିକି ବେଳେ ମଙ୍ଗେଶ ଦେହରେ ଗୁଳି ମାଡ଼ ହୋଇଥିଲା। କିନ୍ତୁ ତା’ର ସହଯୋଗୀ ଘଟଣା ସ୍ଥଳରକୁ ଚମ୍ପଟ ମାରିଥିଲା। ତୁରନ୍ତ ରକ୍ତାକ୍ତ ଅବସ୍ଥାରେ ରହିଥିବା ମଙ୍ଗେଶକୁ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତା’ର ମୃତ୍ୟୁ ଘଟିଥିଲା। ଏନକାଉଣ୍ଟର ସ୍ଥଳରୁ ପୁଲିସ ଗୋଟିଏ ୩୨ କାଲିବରର ପିସ୍ତଲ, କାର୍ତ୍ତିଜ, ୩୧୫ ବୋରର ଦେଶୀ ବନ୍ଧୁକ, ଗୋଟିଏ ବାଇକ ଓ ଚୋରି ହୋଇଥିବା ଗହଣା ଉଦ୍ଧାର କରିଛି। ମଙ୍ଗେଶ ନାଁରେ ଏକାଧିକ ମାମଲା ରହିଥିଲା। ସେ କୁଖ୍ୟାତ ଡକାୟତ ଭାବେ ପରିଚିତ ଥିଲା।

## ବିଜେପିର ପ୍ରାର୍ଥୀ ତାଲିକା ଘୋଷଣା ପରେ ବିରୋଧ, ଦଳ ଛାଡ଼ିଲେ ବିଧାୟକ

ନୂଆଦିଲ୍ଲୀ, ୫।୯: ଆଉ ମାତ୍ର ଦିନ କେଇଟା ପରେ ହରିଆଣା ବିଧାନସଭା ନିର୍ବାଚନ ପାଇଁ ପଡ଼ିବ ଭୋଟ୍। ଏଭଳି ପରିସ୍ଥିତିରେ ସମସ୍ତ ଦଳ ନିଜ ନିଜ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ବିଜେପି ବୁଧବାର ହରିଆଣା ବିଧାନସଭା ନିର୍ବାଚନ ପାଇଁ ୬୭ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ତେବେ ଏହି ତାଲିକା ପ୍ରକାଶ ପାଇବା ମାତ୍ରେ ଦଳରେ ଆରମ୍ଭ ହୋଇଯାଇଛି ବିରୋଧ। ଟିକେଟ୍ କଟି ଯିବାରୁ ରାଗି ଯାଇ ଦଳ ଛାଡିଛନ୍ତି




ବିଧାୟକ। ରତିଆ ଆସନରୁ ବିଜେପି ବିଧାୟକ ଲକ୍ଷ୍ମଣ ନାପା ଦଳ ଛାଡ଼ିଛନ୍ତି। ସେ ବିଜେପିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି। ସେ ହରିଆଣା ବିଜେପି ସଭାପତି ମୋହନ ଲାଲ ବାଡୌଲିଙ୍କୁ ନିଜ ଇସ୍ତଫା ପତ୍ର ପଠାଇଛନ୍ତି। ଲକ୍ଷ୍ମଣ ନାପା ଆଜି କଂଗ୍ରେସରେ ଯୋଗ ଦେଇପାରିନ୍ତି ବୋଲି ସୂଚନା ରହିଛି। ବାସ୍ତବରେ, ହରିଆଣାରେ ଭାରତୀୟ ଜନତା ପାର୍ଟି ଦ୍ୱାରା ପ୍ରକାଶିତ ପ୍ରଥମ ତାଲିକାରେ ରତିଆ ବିଧାୟକ ଲକ୍ଷ୍ମଣ ନାପାଙ୍କୁ ଟିକେଟ୍ ଦିଆଯାଇ ନାହିଁ। ଆଗାମୀ ହରିଆଣା ବିଧାନସଭା ନିର୍ବାଚନ ପାଇଁ ବିଜେପି ରତିଆ ବିଧାନସଭା ନିର୍ବାଚନମଣ୍ଡଳୀରୁ ପୂର୍ବତନ ସାଂସଦ ସୁନୀତା ଦୁଗ୍ଗଲଙ୍କୁ ମୈଦାନକୁ ଓହ୍ଲାଇଛି। ଏହା ପରେ ଲକ୍ଷ୍ମଣ ନାପା ବିଜେପିରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କହିରଖୁ ଯେ, ଆସନ୍ତା ଅକ୍ଟୋବର ୫ ତାରିଖରେ ହରିଆଣାର ୯୦ଟି ବିଧାନସଭା ଆସନରେ ଭୋଟିଂ ହେବ। ଅକ୍ଟୋବର ୮ରେ ଫଳାଫଳ ଅସିବ।

## ଝାଡ଼ଖଣ୍ଡ ନିଯୁକ୍ତି ଦୌଡ଼ରେ ୧୨ ମୃତ

ରାଞ୍ଚି, ୫।୯: ଝାଡ଼ଖଣ୍ଡ ରାଜ୍ୟ ଷ୍ଟାଫ୍ ସିଲେକ୍ସନ କମିଶନ (ଜେଏସଏସସି) ଦ୍ୱାରା କନଷ୍ଟେବଲ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ବା ଫିଜିକାଲ ଟେଷ୍ଟ ବେଳେ ୧୨ ଜଣ ଯୁବ ପ୍ରାର୍ଥୀଙ୍କ ମୃତ୍ୟୁ ପରେ ଝାଡ଼ଖଣ୍ଡରେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁଃଖଦ ଘଟଣା ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। କୋଭିଡ୍-୧୯ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟିଛି ବୋଲି ସେ ଦାବି କରିଛନ୍ତି। ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସୋରେନ ଅଭିଯୋଗ କରିଛନ୍ତି ଯେ କୋଭିଡ୍-୧୯ ମହାମାରୀ ସମୟରେ ଦିଆଯାଇଥିବା ଟିକା ଅପ୍ରତ୍ୟାଶିତ ମୃତ୍ୟୁର କାରଣ ପାଲଟିଛି। ସୋରେନ୍ କହିଛନ୍ତି, କରୋନା ମହାମାରୀ ସମୟରେ ଦିଆଯାଇଥିବା ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ମୃତ୍ୟୁ ଘଟୁଛି। ନିଯୁକ୍ତି ଦୌଡ଼ରେ

**ସୋରେନ କହିଲେ କୋଭିଡ ଟିକା ଯୋଗୁଁ ମୃତ୍ୟୁ ହୋଇଛି**

କିଛି ଯୁବକଙ୍କ ମୃତ୍ୟୁ ଘଟିଛି, କିନ୍ତୁ ଏହି ମୃତ୍ୟୁ ଦୌଡ଼ିବା କାରଣରୁ ହେଉନାହିଁ। ଲୋକମାନେ ବୁଲୁଥିବା ବେଳେ ବି ହଠାତ୍ ମୃତ୍ୟୁବରଣ କରୁଛନ୍ତି। ସୋରେନ ଆହୁରି କୋଭିଡ୍-୧୯ ଟିକାକୁ ଏହି ହଠାତ୍ ମୃତ୍ୟୁର କାରଣ ବୋଲି କହିବା ସହ ଉଭୟ ଯୁବକ ଓ ବୟସ୍କଙ୍କ ମଧ୍ୟରେ ମୃତ୍ୟୁ ସଂଖ୍ୟା ବଢ଼ୁଥିବା ଦର୍ଶାଇଛନ୍ତି। ଦେଶରେ ଲୋକମାନେ ଥଣ୍ଡା ଓ କାଶରେ ପ୍ରାଣ ହରାଉଛନ୍ତି ଏବଂ ଅନ୍ୟମାନେ ଦୌଡ଼ିବା କିମ୍ବା ଚାଲିବା ସମୟରେ ମୃତ୍ୟୁବରଣ କରୁଛନ୍ତି। କେବଳ ବୟସ୍କ ନୁହଁନ୍ତି, ଯୁବପିଢ଼ି ମଧ୍ୟ ପ୍ରାଣ ହରାଉଛନ୍ତି ବୋଲି ସେ ଦାବି କରିଛନ୍ତି। ଜେଏସଏସସି ଦ୍ୱାରା କନେଷ୍ଟବଳ ନିଯୁକ୍ତି ଅଭିଯାନ ଅବକାରୀ ବିଭାଗରେ ୫୮୩ ଟି ପଦବୀ ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ଅଗଷ୍ଟ ୨୨ତାରିଖରୁ ଶାରୀରିକ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ସରକାରୀ ରିପୋର୍ଟ ଅନୁଯାୟୀ ଏପର୍ଯ୍ୟନ୍ତ ୧୨ ଜଣ ପରୀକ୍ଷାର୍ଥୀଙ୍କ ମୃତ୍ୟୁ ଘଟିଛି।

## ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡ଼ିବା ଘଟଣା: ବନ୍ଧା ହେଲେ ମୂର୍ତ୍ତିକାର

ମୁମ୍ବାଇ, ୫।୯: ମହାରାଷ୍ଟ୍ରର ସିନ୍ଧୁଦୁର୍ଗ ଜିଲ୍ଲାରେ ଥିବା ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ଭୁଶୁଡିବା ଘଟଣାରେ ହୋଇଛି ଆଉ ଏକ ଗିରଫଦାରୀ। ପୂର୍ବରୁ କଣ୍ଟ୍ରାକ୍ଟର ଚେତନ ପାଟିଲ ବନ୍ଧା ହୋଇଥିବା ବେଳେ ଏବେ ଏହାକୁ ନିର୍ମାଣ କରିଥିବା ମୂର୍ତ୍ତିକାର ଜୟଦୀପ ଆପଟାଙ୍କୁ ବାନ୍ଧିଛି କଲ୍ୟାଣ ପୁଲିସ୍। ଜୟଦୀପ ଆପଟେ କଲ୍ୟାଣ ଅଞ୍ଚଳରେ ଏକ ଆର୍ଟ କଲେଜ ପରିଚାଳନା କରନ୍ତି। ତାଙ୍କ ନିକଟରେ ବଡ଼ ମୂର୍ତ୍ତି ନିର୍ମାଣର ଅନୁଭବ ନ ଥିବା ବେଳେ ସେ ୩୫ ଫୁଟ ଉଚ୍ଚର ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିଲେ। ଗତବର୍ଷ ଡିସେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିନ୍ଧୁଦୁର୍ଗ ଜିଲ୍ଲାରେ ଥିବା ୩୫ ଫୁଟ ଉଚ୍ଚ ଶିବାଜୀଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରିଥିଲେ। ଭାରତୀୟ ନୌସେନା ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରୋଜେକ୍ଟ କାମ ସମ୍ପନ୍ନ କରିଥିଲେ। ଉକ୍ତ ଦିନକୁ ନୌସେନା ଦିବସ ଭାବେ ଘୋଷଣା କରାଯିବା ସହ ପ୍ରଥମ ଥର ଏହାକୁ ଧୁମଧାମରେ ପାଳନ କରାଯାଇଥିଲା। ମାତ୍ର ୮ ମାସ ନ ପୁରୁଣୁ ଏହି ମୂର୍ତ୍ତିଟି ଭାଙ୍ଗି ଯାଇଥିଲା। ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨.୪ କୋଟି ଟଙ୍କା ନୌସେନାକୁ ଦିଆଯାଇଥିଲା। ନିର୍ମାଣରେ କଳଙ୍କ ଲାଗି ଥିବା ନଟ ଓ ବୋଲ୍ଟ ପରି ନିମ୍ନମାନର ଜିନିଷ ବ୍ୟବହାର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା।

ସିଙ୍ଗାପୁରରେ ମୋଦି

## ବିଭିନ୍ନ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ବ୍ରୁନେଇ ପରେ ସିଙ୍ଗାପୁରରେ ପିଏମ୍ ମୋଦି। ଦୁଇ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେଠାରେ ପହଞ୍ଚିବା ପରେ ମୋଦିଙ୍କୁ ଜୋରଦାର ସ୍ୱାଗତ ଜଣାଯାଇଛି। ଗସ୍ତର ଦ୍ୱିତୀୟ ଦିନରେ ସିଙ୍ଗାପୁର ସଂସଦରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଆଜି ଦୁଇ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ସିଙ୍ଗାପୁର ପାର୍ଲାମେଣ୍ଟ ହାଉସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ଉପସ୍ଥିତିରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ସେମି କଣ୍ଡକ୍ଟର, ଡିଜିଟାଲ୍ ଟେକ୍ନୋଲୋଜି, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶ ନେଇ ଦୁଇ ଦେଶ ମଧ୍ୟରେ ହୋଇଛି ବୁଝାମଣା। ଭାରତ-ସିଙ୍ଗାପୁର ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ପାର୍ଟନରସିପ୍ ସମ୍ବନ୍ଧରେ ମଧ୍ୟ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଉଭୟ ଦେଶ ସେମିକଣ୍ଡକ୍ଟର କ୍ଲଷ୍ଟର ବିକାଶ ଏବଂ ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ ଉପରେ ଧ୍ୟାନ ଦେବେ। ଗତକାଲି ପ୍ରଧାନମନ୍ତ୍ରୀ ସିଙ୍ଗାପୁରରେ ପହଞ୍ଚିବା ପରେ ତାଙ୍କୁ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍ ଭବ୍ୟ ସ୍ୱାଗତ କରିଥିଲେ। ସେହିପରି ସିଙ୍ଗାପୁରରେ ସ୍ୱାଗତ ପାଇଁ ଆୟୋଜିତ ଭାରତୀୟ ପରମ୍ପରାର ନାଚଗୀତରେ ମୋଦି ଅଭିଭୂତ ହୋଇପଡ଼ିଥିଲେ। ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ଓ ଢୋଲ ବାଦ୍ୟ ଜରିଆରେ ମୋଦିଙ୍କ ସ୍ୱାଗତ କରିଥିଲେ ସିଙ୍ଗାପୁରବାସୀ। ଏହି ଅବସରରେ ମୋଦି ନିଜେ ମଧ୍ୟ ଢୋଲ ବଜାଇଥିବା ଦେଖିବାକୁ ମିଳିଥିଲା।

ସୁପ୍ରିମକୋର୍ଟରେ କେଜରିୱାଲଙ୍କ ଜାମିନ ଶୁଣାଣୀ

# ଇନସ୍ୟୁରାନ୍ସ ଆରେଷ୍ଟ କଲା ସିବିଆଇ

ନୂଆଦିଲ୍ଲୀ, ୫।୯: ଦିଲ୍ଲୀ ମଦ ଦୁର୍ନୀତି ଅଭିଯୋଗରେ ଗିରଫ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟରେ ଶୁଣାଣୀ ଚାଲିଛି। କେଜରିୱାଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି କହିଛନ୍ତି ଯେ, ସମାନ ମାମଲାରେ କେଜରିୱାଲ ଦୁଇ ଥର ଜାମିନ ପାଇ ସାରିଲେଣି। ତଥାପି ତାଙ୍କୁ ଜେଲରୁ ମୁକ୍ତି ମିଳୁନି। ଗତ ୫ ମାସ ହେବ ସେ ଜେଲରେ ଅଛନ୍ତି। ସିବିଆଇ ଗିରଫଦାରୀକୁ ସେ ଇନସ୍ୟୁରାନ୍ସ ଆରେଷ୍ଟ ଭାବେ ବର୍ଣ୍ଣନା କରି କହିଛନ୍ତି ଯେ, ଇଡି ମାମଲାରେ କେଜରିୱାଲଙ୍କୁ ଜାମିନ ମିଳିବା ପରେ କାଳେ ସେ ଜେଲରୁ ମୁକୁଳିଯିବେ ସେଥିଲାଗି ସିବିଆଇ ତାଙ୍କୁ ଗିରଫ କରିଛି ଏବଂ ତାଙ୍କ ବିରୋଧରେ ମାମଲାକୁ ଗଡ଼ାଇ ଚାଲିଛି। ଏବେ ଏକପ୍ରକାର ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଉଜ୍ଜଳ



ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଗରେ ସିଂଘଭି କହିଥିଲେ ଯେ, ମାମଲା ଆରମ୍ଭ ହେବାର ଦୁଇ ବର୍ଷ ପରେ ଇଡି ଏବଂ ପରେ ପରେ ସିବିଆଇ ତାଙ୍କୁ ଗିରଫ କରିଛି। ଇତିମଧ୍ୟରେ ୫ ମାସ ବିତିଗଲାଣି। କିନ୍ତୁ ଏବେ ସୁଦ୍ଧା ସିବିଆଇ କେଜରିୱାଲଙ୍କ ବିରୋଧରେ ଠୋସ ପ୍ରମାଣ ସଂଗ୍ରହ କରିବାକୁ ସମର୍ଥ ହୋଇପାରିନାହିଁ। ତେଣୁ କେଜରିୱାଲଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ସିଂଘଭି କହିଥିଲେ ଯେ, ସିବିଆଇ ଗିରଫଦାରୀର ଏକମାତ୍ର କାରଣ ବୋଲି ଯାହା କୁହାଯାଉଛି ତାହା ହେଲା କେଜରିୱାଲ ତଦନ୍ତରେ ସହଯୋଗ କରୁନାହାଁନ୍ତି ଏବଂ ୯ ଥର ସମନ ସତ୍ତ୍ୱେ ସେ ଜେରା ପାଇଁ ହାଜର ହୋଇନଥିଲେ। କିନ୍ତୁ ପୂର୍ବରୁ ସୁପ୍ରିମକୋର୍ଟ କହିଛନ୍ତି ଯେ, କୌଣସି ମାମଲାରେ ଅଭିଯୁକ୍ତଙ୍କୁ ନିଜ ବୟାନ ଦେବାକୁ ବାଧ୍ୟ କରାଯାଇପାରିବନି। ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ମନିଷ ସିସୋଦିଆଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ ବେଳେ ଯେଉଁ ସାପ ସିଡ଼ି ଖେଳ କଥା କହିଥିଲେ, ଅଭିଷେକ ମନୁ ସିଂଘଭି ସେହି କଥା ମନେ ପକାଇ କହିଥିଲେ ଯେ, କେଜରିୱାଲଙ୍କୁ ଜାଣିଶୁଣି ହତାଶ କରିବାକୁ ସିବଆଇ ଜାଲ ବିଛାଇଛି।

ଶୁଣାଣୀ ବେଳେ ସିବିଆଇ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କହିଥିଲେ ଯେ, ଦିଲ୍ଲୀ ହାଇକୋର୍ଟ କେଜରିୱାଲଙ୍କ ଜାମିନ ଆବେଦନ ଉପରେ ଶୁଣାଣୀ ବେଳେ ତାଙ୍କୁ ତଳ କୋର୍ଟକୁ ଯିବାକୁ କହିଥିଲେ। କିନ୍ତୁ ସେ ନିଜ ଜିଦରେ ଅଟଳ ରହି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ କହିଥିଲେ ଯେ, ଆଇନରେ କେହି ସ୍ୱତନ୍ତ୍ର ଅତିଥି ବା ସ୍ୱତନ୍ତ୍ର ବ୍ୟକ୍ତି ନାହାଁନ୍ତି। ଆଇନ ଆଗରେ ସମସ୍ତେ ସମାନ। ତେଣୁ ଜାମିନ ପ୍ରଦାନ ବେଳେ କାହା ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ।

# ଗଣେଶ ପୂଜା ଚାନ୍ଦା ନ ଦେବାରୁ ଗାଡ଼ି ଜାଳିଦେଲେ



**ସମ୍ବଲପୁର,୯।୫(ସଂଚାର ବ୍ୟୁରୋ):** ଗଣେଶ ପୂଜା ଚାନ୍ଦା ନ ଦେବାରୁ ୨ଟି ବାଇକ ଜାଳିଦେଲେ ଦୁର୍ବୃତ୍ତ। ସମ୍ବଲପୁର ଜିଲ୍ଲା କ୍ଷେତରାଜପୁର ଥାନା ଅନ୍ତର୍ଗତ ଦୁର୍ଗାପାଲି ଅଞ୍ଚଳରେ ଏହି ଅଘଟଣ ଘଟିଛି। ଏନେଇ ଥାନାରେ ଅଭିଯୋଗ କରିଛନ୍ତି କ୍ଷେତରାଜପୁର ଥାନା ଅର୍ନ୍ତଗତ ଦୁର୍ଗାପାଲିରେ ରହୁଥିବା ଜୟନ୍ତ ମେହେର।
ଗତ ମଙ୍ଗଳବାର ଜୟନ୍ତ ମେହେରଙ୍କ ଘରକୁ ଚାନ୍ଦା ମାଗିବାକୁ କିଛି ଜଣ ବ୍ୟକ୍ତି ଆସିଥିଲେ। ହେଲେ ଜୟନ୍ତ ଚାନ୍ଦା ଦେବାକୁ ମନା କରିଥିଲେ। ଏହାକୁ ନେଇ ସାମାନ୍ୟ ବଚସା ହୋଇଥିଲା। ପରେ ଚାନ୍ଦା ମାଗିବାକୁ ଆସିଥିବା ଲୋକମାନେ ପଳାଇଯାଇଥିଲେ। ପରେ ଗତକାଲି ବିଳମ୍ବିତ ସେହି ବ୍ୟକ୍ତିମାନେ ଆସି ଦୁଇଟି ଗାଡ଼ିରେ ନିଆଁ ଲଗାଇଦେଇଥିବା ଜୟନ୍ତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ଦୁଇଟି ଗାଡ଼ି ଜଳୁଥିବା ଦେଖି ଜୟନ୍ତଙ୍କ ପରିବାର ଲୋକଙ୍କୁ ଡାକିଥିଲେ। ଏଥିସହ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏନେଇ କ୍ଷେତରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଜୟନ୍ତ। ପୁଲିସ ଘଟଣାର ତଦନ୍ତ କରୁଛି।

# ନକଲି ମଦ କାରବାର: ୫ ଗିରଫ

**ରାଉରକେଲା:** ରାଉରକେଲା ଛେଣ୍ଡ ଅଞ୍ଚଳରୁ ୧୧୫ ଲିଟର ନକଲି ମଦ ଜବତ କରିଛି ଅବକାରୀ ଥାନା ପୁଲିସ। ମଦ କାରବାର ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ସୂଚନାଅନୁଯାୟୀ, ନକଲି ମଦ କାରବାର ନେଇ ଏକ ବିଶେଷସୂତ୍ରରୁ ସୂଚନା ପାଇଥିଲା ଅବକାରୀ ଥାନା ପୁଲିସ।
ତାପରେ ସଦଳବଳ ଥରି ଛେଣ୍ଡ କଲୋନି ଧାମରା ବସ୍ତି ନିକଟସ୍ଥ ସୈନିକ ଭବନଠାରେ ଚଢ଼ଉ କରିଥିଲା। ମଦ କାରବାର ପାଇଁ ଡିଲ୍ ଚାଲିଥିବାବେଳେ ୫ ଜଣଙ୍କୁ ମାଡ଼ି ବସିଥିଲା ପୁଲିସ। ଏମାନଙ୍କ ମଧ୍ୟରେ ୨ ଜଣ ମୁଖ୍ୟ ଅଭିଯୁକ୍ତ ଥିବା ବେଳେ ୨ ଜଣ ଅଟୋଚାଳକ ଏବଂ ଜଣେ ଢାବା ମାଲିକ ରହିଛନ୍ତି। ଅଭିଯୁକ୍ତମାନେ ହେଉଛନ୍ତି ଗୋପବନ୍ଧୁପାଲିର ହମିଦ୍ ଖାନ୍(୪୪), ସେକ୍ଟର-୧୯ର ଦୀପକ ଗୌଡ଼(୪୨), ବାସନ୍ତୀ କଲୋନିର ଶିବ ହିଣ୍ଡୋଚା(୪୩), ଉଦିତନଗରର ଅଭତାର୍ ସିଂହ(୩୪) ଏବଂ ଛେଣ୍ଡର ଦିଲ୍ଲୀପ ବେହେରା(୫୪)।



ସେମାନଙ୍କଠାରୁ ୧୧୫ ଲିଟର ନକଲି ବିଦେଶୀ ମଦ, ୨୦୦ଟି ଖାଲି ବୋତଲ, ୪୯୭ଟି କର୍କ, ୨୪୬ଟି ଷ୍ଟିକର ଏବଂ ୩୬୩ ଏକ୍ସାଇଜ୍ ଏଡିସେଭ୍ ଲେବୁଲ ସହ ଗୋଟିଏ ଅଟୋ, ଗୋଟିଏ ବାଇକ୍ ଏବଂ ଗୋଟିଏ ସ୍କୁଟି ଜବତ କରାଯାଇଛି। ଜବତ ନକଲି ମଦ ଏବଂ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।

# ପୋଖରୀରେ ବୁଡ଼ି ନାବାଳିକା ମୃତ



**ଅନୁଗୋଳ,୯।୫(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା ପରା ଗାଁରେ ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାଁ ଜିନା ପ୍ରଧାନ। ସେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଗାଁର କନ୍ଦର୍ପ ପ୍ରଧାନଙ୍କ ଝିଅ ଜିନା ଆଜି ସ୍କୁଲରେ ଗୁରୁ ଦିବସ ପାଳନ କରି ଘରକୁ ଫେରିବା ପରେ ସାଙ୍ଗମାନଙ୍କ ସହ ମିଶି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଉଥିବା ସମୟରେ ସେ ପୋଖରୀରେ ବୁଡ଼ି ଯାଇଥିଲେ। ଏହା ଦେଖି ତାଙ୍କର ସାଙ୍ଗମାନେ ଜିନାଙ୍କ ପରିବାର ଲୋକଙ୍କ ସହିତ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଜିନାଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ଓ ଗ୍ରାମବାସୀ ପ୍ରୟାସ କରିଥିଲେ। ବେଶ୍ କିଛି ସମୟ ଧରି ଖୋଜାଖୋଜି କରିବା ପରେ ସେମାନେ ଜିନାଙ୍କୁ ପୋଖରୀରୁ ପାଇଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାକୁ ନେଇ ପରା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଟ୍ରକ୍‌କୁ ପିଟିଲା ଟ୍ରକ୍

# ଆଖି ବୁଜିଲେ ହେଲପର, ଡ୍ରାଇଭର ଗୁରୁତର

**ଖୋର୍ଦ୍ଧା,୯।୫(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍‌କୁ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ପିଟିବାରୁ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି ।
ଖୋର୍ଦ୍ଧା ଜିଲ୍ଲା ଏନ୍‌ଏଚ୍-୧୬ ଟାଙ୍ଗୀ ପଥରବନ୍ଧ ଛକ ନିକଟରେ ଆଜି ସକାଳେ ଏକ ଟ୍ରକ୍ ଛିଡ଼ା ହୋଇଥିଲା। ହେଲପରଜଣକ ଗାଡ଼ିର ଟାୟାର ବଦଳାଉଥିଲେ। ଉକ୍ତ ସମୟରେ ପଛରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ହେଲପରଙ୍କୁ ଧକ୍କା ଦେଇଥିଲା।



ଫଳରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭରଜଣକ ଗୁରୁତର ହୋଇଛନ୍ତି।
ଖବର ପାଇ ପୁଲିସ୍ ତଥା ସ୍ଥାନୀୟ ଲୋକେ ପହଞ୍ଚିଥିବା ବେଳେ ଗୁରୁତର ଡ୍ରାଇଭରଙ୍କୁ ଖୋର୍ଦ୍ଧା ମେଡିକାଲ ସ୍ଥାନାନ୍ତର କରାଯାଇଛି।
ତାଙ୍କ ପରିଚୟ ଜଣା ପଡ଼ି ନ ଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାଯାଇଛି।

# ଘର ଭିତରୁ ବିଷଧର ସାପ ଉଦ୍ଧାର



**ଦେଓଗାଁ,୯।୫(ସଂଚାର ବ୍ୟୁରୋ):** ଦେଓଗାଁ ସଦର ପଞ୍ଚାୟତର କନ୍ଧପାଲି ପଡ଼ାରୁ ଏକ ଜୀବନ୍ତ ନାଗ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିବା ଜଣାପଡିଛି। କଛାର ପାଲି କନ୍ଧ ପାଲି ପଡାର ଲଳିତ କୁଆଁରଙ୍କ ଘରେ ଏକ ନାଗ ସାପ ପଶିଆସିବାରୁ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ଖବର ପ୍ରଚାରିତ ହେବା ପରେ କଛାର ପାଲି ସାହୁ ପଡ଼ାର ନାଗ ବାଚା ଗୁରୁ ଭାବରେ ପରିଚିତ ଥିବା ରାମ ଚନ୍ଦ୍ର ମିଶ୍ର ଘଟଣା ସ୍ଥଳକୁ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ।

# ଗରମପାଉଁଶରେ ଜଳିଗଲେ ଶ୍ରମିକ

**ରାଉରକେଲା,୯।୫(ସଂଚାର ବ୍ୟୁରୋ):** କୁଆରମୁଣ୍ଡା ଚାର୍ଡିହରିହରପୁରସ୍ଥ ଆଧୁନିକ ମେଟାଲିକ୍ସ କାରଖାନାରେ ଦୁର୍ଘଟଣା ଘଟି ଶ୍ରମିକଙ୍କ ଜୀବନଯାଇଛି। ମୃତ ଶ୍ରମିକ ହେଲେ ବୀରମିତ୍ରପୁର ଅଞ୍ଚଳର ଭାଗିରଥ ହଂସ (୪୫)। ସେ କାରଖାନାର ଡିଆର୍‌ଆଇ ପ୍ଲାଣ୍ଟର ପାଉଁଶ ସଫେଇ କାମ କରୁଥିଲେ। ହଠାତ୍ ଗରମ ପାଉଁଶ ତାଙ୍କ ଉପରେ ଢାଳି ହୋଇପଡ଼ିଥିଲା। ସେଠାରେ କାମ କରୁଥିବା ଅନ୍ୟ ଶ୍ରମିକମାନେ ଅଳ୍ପକେ ବର୍ତ୍ତିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୯୦% ଜଳିଯାଇଥିବାରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେକ୍ଟର-୧୯ ପୁଲିସ ଶବଜବତ କରିଛି। ଘଟଣାକୁ ନେଇ ମୃତକଙ୍କ ପତ୍ନୀ ସରସ୍ୱତୀ ହଂସ ବୀରମିତ୍ରପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି। ସୁରକ୍ଷା ଅଭାବରୁ ତାଙ୍କର ସ୍ୱାମୀଙ୍କ ଜୀବନ ଚାଲିଗଲା। ଏଥିପାଇଁ ଯେଉଁ ଅଧିକାରୀ ଦାୟୀ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜିଲ୍ଲାର କାରଖାନାଗୁଡ଼ିକରେ ଶ୍ରମିକ ସୁରକ୍ଷାକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି।

# ପାୱାରଟିଲର ଋଣ ନାଁରେ ହରିଲୁଟ୍

**ରାଉରକେଲା,୯।୫(ସଂଚାର ବ୍ୟୁରୋ):** ଲାଠିକଟା ବ୍ଲକ ଅନ୍ତର୍ଗତ ବାଙ୍କି ଲ୍ୟାମ୍ପସର ପଞ୍ଜିକୃତ ଚାଷୀ ନରେଶ ଏକ୍କା। ତାଙ୍କୁ ଏକ ସଂସ୍ଥା ଜରିଆରେ ଏକ ଚାଇନା କମ୍ପାନିର ପାୱାରଟିଲର ଦିଆଯାଇଥିଲା। ଦୁଇଦିନ ପରେ ସଂସ୍ଥା ସେହି ପାୱାରଟିଲରକୁ ନେଇଗଲା। ୧୪ ମାସ ପର୍ଯ୍ୟନ୍ତ ଦେଲାନି। ବାରମ୍ବାର ଦୌଡ଼ିବାପରେ ଅନ୍ୟ ଏକ କମ୍ପାନିର ପାୱାରଟିଲର ଧରାଇଦେଲେ।
କିଛିଦିନ ଚାଲିବା ପରେ ତାହା ଖରାପ ହୋଇଗଲା। ଏବେ ସେହି ପାୱାରଟିଲରଟି ଘରେ ପଡିଛି। ଅନ୍ୟ ଜଣେ ଚାଷୀ ଜଗନ୍ନାଥ କିସାନ। ତାଙ୍କୁ ଯୋଗାଇ ଦିଆଯାଇଥିବା ନକଲି କମ୍ପାନିର ପାୱାରଟିଲର ଅଚଳ ହୋଇପଡିଛି। ସେମିତି ଆଉ ଜଣେ ଚାଷୀ ହେଲେ ଗୁରୁଣ୍ଡିଆ ବ୍ଲକ ପିତା ଗାଁର ମାନମାସି ତିଗା। ତାଙ୍କୁ ମଧ୍ୟ ସେହି ସମାନ କମ୍ପାନିର ପାୱାରଟିଲର ଦିଆଯାଇଛି। ତା' ମଧ୍ୟ ଅକାମୀ ହୋଇ ଖତଖାଉଛି।
ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ, ଜର୍ଡା, ବଣାଇ, ଲାଠିକଟା, କଲୁଙ୍ଗା, ବିଶ୍ରା, ରାଏବୋଗା, କୁଆରମୁଣ୍ଡା, ହାତୀବାରି, ଖୁଣ୍ଟଗାଁ ସମେତ ଅନ୍ୟ ବ୍ଲକଗୁଡ଼ିକରେ ଥିବା ଲ୍ୟାମ୍ପସଗୁଡ଼ିକରୁ ଶହ ଶହ ଚାଷୀଙ୍କୁ ପାୱାରଟିଲର ଋଣରେ ଦିଆଯାଇଛି। ପାୱାରଟିଲର ଋଣ ନାଁରେ ବ୍ୟାଙ୍କର ଅଧିକାରୀ ଓ ସଂସ୍ଥା ଲକ୍ଷଲକ୍ଷ ଟଙ୍କା ହରିଲୁଟ୍ କରିଛନ୍ତି।
ଏହି ସଂସ୍ଥା ଗତ ୮ ବର୍ଷ ମଧ୍ୟରେ ପାଖାପାଖି ୫ ହଜାରରୁ ଅଧିକ ଚାଷୀଙ୍କୁ ପାୱାରଟିଲର ଯୋଗାଇ ଦେଇଛି। ସୁନ୍ଦରଗଡ଼ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ (ଏସ୍‌ଡିସିସି)ରୁ ପାୱାରଟିଲର ଦେବାକୁ ଚାଷୀଙ୍କ ନାଁରେ କୋଟିକୋଟି ଟଙ୍କାର ଋଣ ଉଠାଯାଇଛି। ଚାଷୀଙ୍କ ନାଁରେ ଉଠିଥିବା ଏହି ଋଣ ଟଙ୍କା ସିଧାସଳଖ ପାୱାରଟିଲର ଯୋଗାଇଦେଉଥିବା ସଂସ୍ଥା ଖାତାକୁ ଯାଇଛି। ପାୱାରଟିଲର ଋଣ ନେଉଥିବା ଚାଷୀଙ୍କୁ ୬୦ରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ସବ୍‌ସିଡି ମିଳିଥାଏ।
ଏବେ ସୁଦ୍ଧା ଅଧିକାଂଶଙ୍କୁ ସବ୍‌ସିଡି ଟଙ୍କା ମିଳିନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସବ୍‌ସିଡି ଟଙ୍କା କାହା ପକେଟ୍‌କୁ ଯାଉଛି, ତା'ର ମଧ୍ୟ ବିଧିବଦ୍ଧ ତଦନ୍ତ ହେବାର ଆବଶ୍ୟକତା ରହିଛି। ଅନ୍ୟପଟେ ନିମ୍ନମାନର ପାୱାରଟିଲର ଦେବା ସତ୍ତ୍ୱେ ସେହି ସଂସ୍ଥାକୁ ବର୍ଷବର୍ଷ ଧରି ଏସ୍‌ଡିସିସି ଅନୁକମ୍ପା ଦେଖାଇ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।
ଏହି ସଂସ୍ଥାର ମାଲିକ ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ତାଙ୍କ ପତ୍ନୀଙ୍କ ନାଁରେ ୩୩ ଲକ୍ଷ ଓ ପରେ ୯୮ ଲକ୍ଷ ଟଙ୍କାର ଋଣ ନେଇଥିଲେ। ଋଣଖିଲାପ କରିବାରୁ ସଂସ୍ଥାର କାର୍ଯ୍ୟାଳୟକୁ ସିଲ୍ କରି ଦିଆଯାଇଥିଲା। ସଂସ୍ଥାର ମାଲିକ ଏକ ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଥିବାରୁ ଏବେ ଅନ୍ୟ ଦୁଇଟି କମ୍ପାନି ଖୋଲି ପୁଣି ବେପାର ଚଳାଇଛନ୍ତି। ଜିଲ୍ଲାର ଅଧିକାଂଶ ଲ୍ୟାମ୍ପର ଚାଷୀମାନଙ୍କୁ ଠକି ଚାଲିଥିବା ଏହି ଦୁଇଟି ସଂସ୍ଥା ବିରୋଧରେ ଏସ୍‌ଡିସିସି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ଚୁପ୍ ବସିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

# କାନ୍ଥ ଭୁଶୁଡ଼ି ୨ ଶ୍ରମିକ ଗୁରୁତର



**ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଖଣ୍ଡଗିରି ଡୁମୁଡୁମା ରଘୁନାଥ ନଗରରେ ଭୁଶୁଡିଲା କାନ୍ଥ। ଫଳରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଉଭୟଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି । ରଘୁନାଥ ନଗରରେ ଥିବା ରାସ୍ତା କଡ ଡ୍ରେନ୍ ପାଇଁ ଖୋଳା ଆରମ୍ଭ ହେଉଥିଲା । ଡ୍ରେନ୍ ଖୋଳିବାରେ ୬ରୁ ୭ ଜଣ ଶ୍ରମିକ ନିୟୋଜିତ ଥିଲେ। ହଠାତ ଡ୍ରେନକୁ ଲାଗିକି ଥିବା ୬ ଫୁଟର ଇଟା କାନ୍ଥ ଭୁଶୁଡି ପଡିଥିଲା । କାନ୍ଥ କଡରେ କାମ କରୁଥିବା ଦୁଇ ଜଣଙ୍କ ଉପରେ କାନ୍ଥ ମାଡି ବସିଥିଲା । ଫଳରେ ଦୁଇ ଜଣ ଶ୍ରମିକ ଗୁରୁତର ହୋଇଥିଲେ । ଗୁରୁତର ଦୁଇ ଶ୍ରମିକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ।

# ଗତ ବର୍ଷ ୧୨, ୦୫୨ ସଡ଼କ ଦୁର୍ଘଟଣା

**ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ):** ରାଜ୍ୟରେ ବଢୁଛି ସଡ଼କ ଦୁର୍ଘଟଣା ସଂଖ୍ୟା। ୨୦୨୩ରେ ୧୨,୦୫୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୫,୬୯୭ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୧୦ ହଜାର ୪୧୯ ଜଣ ଆହତ ହୋଇଛନ୍ତି। ବିଧାୟକ ସନାତନ ମହାକୁଡ଼ଙ୍କ ଏକ ପ୍ରଶ୍ନର ଉତ୍ତରରେ ସଡ଼କ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି।
୨୦୨୩ରେ ସଡ଼କ ଦୁର୍ଘଟଣାରେ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୪୪୮ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ସୁନ୍ଦରଗଡ଼ ଜିଲ୍ଲାରେ ୮୮୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬୭୧ ଜଣ ଆହତ ହୋଇଛନ୍ତି। ଏହି ବର୍ଷ ଗଞ୍ଜାମରେ ୭୮୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୪୨୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୯୯ ଜଣ ଆହତ ହୋଇଛନ୍ତି। କେନ୍ଦୁଝରରେ ୭୫୫ଟି ଦୁର୍ଘଟଣା ଘଟିଥିବା ବେଳେ ୩୯୯ ଜଣ ମରିଛନ୍ତି ଓ ୬୮୯ ଜଣ ଆହତ ହୋଇଛନ୍ତି। ଖୋର୍ଦ୍ଧାରେ ୧୧୮୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୮୫ ଜଣଙ୍କ ମୃତ୍ୟୁ ଘଟିଛି ଓ ୯୮୮ ଜଣ ଆହତ ହୋଇଛନ୍ତି। ମୟୁରଭଞ୍ଜରେ ୬୩୪ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୬୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୫୬୬ ଜଣ ଆହତ ହୋଇଛନ୍ତି। କଟକରେ ୮୧୬ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୨୮୫ ଜଣଙ୍କ ମୃତ୍ୟୁ ହୋଇଛି ଓ ୫୯୫ ଜଣ ଆହତ ହୋଇଛନ୍ତି। ଯାଜପୁରରେ ୫୪୦ଟି ଦୁର୍ଘଟଣା ଘଟିଥିବା ବେଳେ ୨୭୧ ମରିଛନ୍ତି ଓ ୪୩୯ ଆହତ ହୋଇଛନ୍ତି। ସେହିପରି ବାଲେଶ୍ୱରରେ ୪୧୯ଟି ଦୁର୍ଘଟଣା ଘଟିଥିବା ବେଳେ ୨୩୧ ଜଣଙ୍କ ମୃତ୍ୟୁ ହୋଇଛି ୨୬୬ ଜଣ ଆହତ ହୋଇଛନ୍ତି। କୋରାପୁଟରେ ୩୬୫ଟି ଦୁର୍ଘଟଣା ଘଟିଥିବା ବେଳେ ୨୨୯ ଜଣଙ୍କ ମୃତ୍ୟୁ ଘଟିଛି ଓ ୩୭୦ ଜଣ ଆହତ ହୋଇଛନ୍ତି। ସମ୍ବଲପୁରରେ ୪୨୦ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୨୧୪ ଜଣଙ୍କ ମୃତ୍ୟୁ ହୋଇଛି ଓ ୩୯୫ ଜଣ ଆହତ ହୋଇଛନ୍ତି। ଅନୁଗୋଳରେ ୩୯୬ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୮୮ ଜଣଙ୍କ ଜୀବନ ଯାଇଛି ଓ ୨୪୪ ଜଣ ଆହତ ହୋଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଓଡ଼ିଶାର...

ପ୍ରଦାନ କରିବା ଉଚିତ୍ ଯେପରି ସେମାନେ ମହିଳାଙ୍କ ଗାରିମାର ଅନୁକୂଳ ବ୍ୟବହାର କରିବେ। ଏହି ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଦେଶର ୫୦ ଜଣ ଶିକ୍ଷକଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ସନ୍ତୋଷ କୁମାର କର ଓ ଦ୍ୱିତୀଚନ୍ଦ୍ର ସାହୁ ଅନ୍ତର୍ଭୁକ୍ତ।
ପୁରସ୍କୃତ ଶିକ୍ଷକମାନଙ୍କୁ ରାଷ୍ଟ୍ରପତି ୫୦ ହଜାର ଟଙ୍କା, ରୌପ୍ୟ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।
ଗୁରୁଦିବସରେ ଦେଶର ୫୦ ଜଣ ଶିକ୍ଷକଙ୍କୁ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ଓଡ଼ିଶାରୁ ୨ ଜଣ ରହିଛନ୍ତି । ସେମାନେ ହେଲେ ସନ୍ତୋଷ କୁମାର କର ଓ ଦ୍ୱିତୀ ଚନ୍ଦ୍ର ସାହୁ। ପୁରସ୍କୃତ ଶିକ୍ଷକମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୫୦ ହଜାର ଟଙ୍କା, ରୌପ୍ୟ ପଦକ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

### ରାଜ୍ୟ ସହ...

ପ୍ରକଳ୍ପକୁ ନେଇ ଆବଶ୍ୟକ ଅନୁଧ୍ୟାନ କରିବା ଦିଗରେ ଆଗ୍ରହ ଦେଖାଇନଥିଲେ । ଯେଉଁଥିପାଇଁ ଏପର୍ଯ୍ୟନ୍ତ ଜଳମଗ୍ନ ଅଂଚଳ ଓ ପଛୁଆ ଜଳ ପରିମାଣର ଆକଳନ ସମ୍ଭବପର ହୋଇପାରି ନଥିବା ଜଣାପଡ଼ିଛି।
ରାଜ୍ୟ ଜଳସମ୍ପଦ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କହିଛନ୍ତି ଯେ, ଏବେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ପୋଲାଭରମ ପ୍ରକଳ୍ପ ନିର୍ମାଣାଧୀନ ଅଛି । ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ମୋଟୁ ତହସିଲର ସାବେରୀ ନଦୀର ବାମପାଶ୍ୱର୍ରେ ଓ ସିଲେରୁ ନଦୀର ଦକ୍ଷିଣ ପାଶ୍ୱର୍ରେ କିଛି ଅଂଚଳ ଜଳମଗ୍ନ ହେବା ବିଷୟରେ ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲୁସି)ଙ୍କ ସହ ବୈଷୟିକ ଆଲୋଚନା ଜାରି ରହିଛି । ଜଳମଗ୍ନ ହେବା ସମ୍ଭାବନା ଥିବା ଅଂଚଳର ଆକଳନ ହେଲା ପରେ ସଠିକ୍ ତଥ୍ୟ ଜଣାପଡ଼ିବ । ପୋଲାଭରମ ବିବାଦରେ ଓଡ଼ିଶାର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବିବାଦର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଏହା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।
ଉଲ୍ଲେଖଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୬ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ପୋଲାଭରମ ପ୍ରକଳ୍ପ ସହ ଜଡ଼ିତ ରାଜ୍ୟଗୁଡ଼ିକ ସହ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ନିମନ୍ତେ କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ଓ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ । ସିଡବ୍ଲୁସି ଅଧ୍ୟକ୍ଷତାରେ ମଧ୍ୟ ମୋଟ ୪ଟି ପର୍ଯ୍ୟାୟ ଆଲୋଚନା ହୋଇସାରିଛି । ୨୦୨୨ ଅକ୍ଟୋବର ୭,୨୦୨୩ ଜାନୁୟାରୀ ୨୫ ଓ ୨୦୨୩ ଏପ୍ରିଲ ୩ତାରିଖରେ ବୈଷୟିକ ଟିମର ଆଲୋଚନା ହୋଇଥିଲା। ମାତ୍ର ଓଡ଼ିଶାର କ'ଣ କ୍ଷତି ହେବ ତା'ର ଆକଳନ ରାଜ୍ୟର ତତକାଳୀନ ବିଜେଡି ସରକାର(୨୪ବର୍ଷ ଧରି କ୍ଷମତାରେ ଥାଇ ମଧ୍ୟ) ନକରି ବସି ରହିବା ପରୋକ୍ଷରେ ପୋଲାଭରମକୁ ନେଇ ଓଡ଼ିଶାର ଦାବି ଓ ଉଦବେଗକୁ ଦୁର୍ବଳ କରିଦେଇଥିବା ଜଣାପଡ଼ିଛି । ଏପଟେ ବିଜେଡି ମଧ୍ୟ ନିଜର ରାଜନୀତିକ ଫାଇଦା ପାଇଁ ବିଗତବର୍ଷଗୁଡ଼ିକରେ କେତେବେଳେ ଜଳବିକ୍ଷୋଭ ତ ଆଉ କେବେ ରାଜରାସ୍ତାରେ ଗର୍ଜନ ମଧ୍ୟରେ ନିଜକୁ ସୀମିତ ରଖିଥିଲା ବୋଲି ଚର୍ଚ୍ଚା ।

### ଗୁରୁଦିବସରେ...

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଭଳି ସ୍କୁଲରେ ଆକର୍ଷଣୀୟ ବ୍ୟବସ୍ଥା କରାଯିବ। ଯାହାଦ୍ୱାରା ପିଲାମାନେ ପ୍ରାଇଭେଟ ସ୍କୁଲକୁ ନ ଯାଇ ମଡେଲ ସ୍କୁଲରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ। ରାଜ୍ୟ ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଶିକ୍ଷା ବ୍ୟବସ୍ଥାର ଢ଼ାଞ୍ଚା ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତିବଦ୍ଧ। ସ୍ୱାମୀ ବିବେକାନନ୍ଦ ମୋର ଆଦର୍ଶ । ସମାଜ ନିର୍ମାଣ, ସଂସ୍କାରରେ ଗୁରୁମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗୁରୁମାନଙ୍କୁ ସର୍ବଦା ଭକ୍ତିର ସହ ସ୍ମରଣ କରାଯିବା ଆବଶ୍ୟକ। ମାତା ପିତାଙ୍କ ପରେ ଗୁରୁ ହେଉଛନ୍ତି ଶିଷ୍ୟର ଆରାଧ୍ୟ ଦେବତା। ଆମ ଦେଶର ଗୁରୁ ଶିଷ୍ୟ ପରମ୍ପରା ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରି ରଖିଥିଲା । କିନ୍ତୁ ବିଦେଶୀ ଶାସନ ସମୟରେ ଆମର ସଂସ୍କୃତିଭିତ୍ତିକ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇଥିଲା । ବର୍ତ୍ତମାନ ଧିରେ ଧିରେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଏବଂ ନୂତନ ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।
ନିଜର ଶିକ୍ଷକତା ଜୀବନକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପିଲାମାନଙ୍କ ଭବିଷ୍ୟତ ନିର୍ମାଣ ପାଇଁ ଶିକ୍ଷକମାନେ ଯେଉଁ ତ୍ୟାଗ କରନ୍ତି ତାହା ଅମୂଲ୍ୟ । ଶିକ୍ଷା ବ୍ୟବସ୍ଥା ହେଉଛି ତ୍ରିଭୁଜ ସଦୃଶ। ତ୍ରିଭୁଜର ଛାତ୍ର, ଶିକ୍ଷକ ଏବଂ ଅଭିଭାବକ ହେଉଛନ୍ତି ଶିକ୍ଷା ବ୍ୟବସ୍ଥା ତ୍ରିଭୁଜର ତିନି ବାହୁ। ତିନି ବାହୁ ଏକାଠି କାର୍ଯ୍ୟ କଲେ ଶିଷ୍ୟର ଜୀବନ ସୁସଂଗଠିତ ହେବ। ଏହା ଦ୍ୱାରା ବିକଶିତ ସମାଜ ଗଠନ ଧାରା ଉନ୍ନତ ହୋଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇ କହିଲେ ଯେ ଗୁରୁ ବିନା ଜ୍ଞାନ ପ୍ରାପ୍ତି ଅସମ୍ଭବ । ବାପା ମା'ଙ୍କ ପରେ ଯଦି କିଏ ପିଲାମାନଙ୍କର ମଙ୍ଗଳ ଚିନ୍ତା କରିଥାନ୍ତି ତେବେ ସେ ହେଉଛନ୍ତି ଗୁରୁ ବା ଶିକ୍ଷକ। ଆଗାମୀ ଦିନରେ ଓଡ଼ିଶାର ଶିକ୍ଷାକ୍ଷେତ୍ର କିପରି ଆଗ୍ରାଧିକାର ପାଇବ ସେଥିପାଇଁ ଆମର ପ୍ରୟାସ ଜାରି ରହିଛି ବୋଲି ସେ କହିଥିଲେ।
ସମ୍ମାନନୀୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇ କହିଲେ ଆଜିର ଯେ, ସମ୍ବର୍ଦ୍ଧିତ ହେଉଥିବା ବିଦ୍ୟାର୍ଥୀମାନେ ମନେରଖିବା ଉଚିତ୍ ଯେ ଏହା ସେମାନଙ୍କ ସମ୍ବର୍ଦ୍ଧନା ନୁହେଁ ବରଂ ଏକ ସଂକଳ୍ପ। ଆଗାମୀ ଦିନରେ ଓଡିଶାରେ ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ ହେବାକୁ ଯାଉଛି।
ଏହି ଅବସରରେ ଶିକ୍ଷାର ବିକାଶ ନିମନ୍ତେ ବହୁ କାର୍ଯ୍ୟକ୍ରମର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟରେ ସାର୍ବଜନୀନ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ହାସଲ କରିବା ଉଦ୍ଦେଶ୍ୟରେ 'ନିପୁଣ ଓଡ଼ିଶା' କାର୍ଯ୍ୟକ୍ରମ ବିଷୟରେ ଘୋଷଣା କରାଯାଇଥିଲା। ଏହା ସହିତ 'ଡିଜିଟାଲ ଏଡୁକେସନ ଏମ୍ପାୱାରମେଣ୍ଟ କାର୍ଯ୍ୟକ୍ରମ' (ଡିପ୍), ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ପୋର୍ଟାଲ (ଶିକ୍ଷା ଜ୍ୟୋତି), କ୍ୟାରିୟର ଗାଇଡାନ୍ସ ପୋର୍ଟାଲ, ଘରୋଇ ବିଦ୍ୟାଳୟ ପରିଚାଳନା ପୋର୍ଟାଲ ଆରମ୍ଭ କରାଯାଇଥିଲା। ଏତଦ୍‌ଭିନ୍ନ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ପୁସ୍ତିକା - ଆକାଂକ୍ଷୀ ପାଠ୍ୟକ୍ରମ ପୁସ୍ତିକା, ଜୈବ ବିବିଧତା ପୁସ୍ତିକା, ସଫଳତାର ଶୀର୍ଷରେ ଆମ ପ୍ରତିଭା ପୁସ୍ତକ ଉନ୍ମୋଚନ କରାଯାଇଥିଲା।
ଏହି ସ୍ୱତନ୍ତ୍ର ଗୁରୁଦିବସ କାର୍ଯ୍ୟକ୍ରମ ଅବସରରେ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ମୁଖ୍ୟମନ୍ତ୍ରୀ ଓଡିଆ ଭାଷାବୃତ୍ତି, ଓଡିଶା ଆଦର୍ଶ ବିଦ୍ୟାଳୟର ଦଶମ ଏବଂ ଦ୍ୱାଦଶ ବୋର୍ଡର ଶ୍ରେଷ୍ଠ ବିଦ୍ୟାର୍ଥୀ ଏବଂ ଉଚ୍ଚ ମାଧ୍ୟମିକ ବୋର୍ଡର ୩୯୧ଜଣ ଶ୍ରେଷ୍ଠ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହା ବ୍ୟତୀତ ଆଭାସୀ ମାଧ୍ୟମରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୩୦ଟି ଜିଲ୍ଲାର ୪୪,୭୨୮ଜଣ ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ରାଜ୍ୟସ୍ତରରେ ୨୮୭, ଜିଲ୍ଲାସ୍ତରରେ ୩୧୨୮, ବ୍ଲକସ୍ତରରେ ୩୨,୨୦୮ ଏବଂ ମହାନଗରନିଗମ ସ୍ତରରେ ୧୯୦୩ଜଣ ବିଦ୍ୟାର୍ଥୀଙ୍କୁ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର, ୭୧୬୦ଜଣ ବିଦ୍ୟାର୍ଥୀଙ୍କୁ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ଓ ଦ୍ୱାଦଶ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ଦ୍ୱାଦଶ ବୋର୍ଡ଼ର ଶ୍ରେଷ୍ଠ ୪୨ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରତିଷ୍ଠିତ ଅବସରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଗୁରୁଦିବସ ଅବସରରେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା।
କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶିକା ଜାମିନୀ ଷଡଙ୍ଗୀ, ବିଭାଗର ବରିଷ୍ଠ ଅଧିକାରୀ, ୩୦ ଜିଲ୍ଲାରୁ ଆସିଥିବା ଶିକ୍ଷୟ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ଆଭାସୀ ମାଧ୍ୟମରେ ୩୦ ଜିଲ୍ଲାର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

### ନବୀନଙ୍କ...

ସେଠାରେ ବିଜେଡିର କିଛି ବିଜେଡି ନେତାଙ୍କ ହାବଭାବ ଦେଖିଲା ପରେ ପାଣ୍ଡିଆନ ଯେ ନବୀନ ନିବାସରେ ବସି ରାଜନୀତିରେ ସକ୍ରିୟ ଅଛନ୍ତି ଅନେକ ସେ ନେଇ ଆଲୋଚନା କରିବାକୁ ପଛାଇ ନଥିଲେ । ଏହା ପରେ ପରେ ଏବେ ଏଭଳି ଏକ୍ସ ପୋଷ୍ଟ ବଜାରକୁ ଆସିଛି ।
ଉଲ୍ଲେଖନୀୟ ଯେ ବିଜେଡିର ବିପର୍ଯ୍ୟୟ ପରେ ପାଣ୍ଡିଆନ ନିଜ ଆଡୁ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବାବେଳେ ବିଜେଡିର ଗୋଟିଏ ଗୋଷ୍ଠି ଦଳର ପରାଜୟ ପାଇଁ ତାଙ୍କୁ ଟାର୍ଗେଟ କରିଥିଲେ । ହେଲେ ଦଳ ସଭାପତି ନବୀନ ପଟ୍ଟନାୟକ ସେତେବେଳେ ପାଣ୍ଡିଆନଙ୍କୁ 'ଗୁଡ ବୟ' ସାର୍ଟିଫିକେଟ ଦେଇ ସମସ୍ତଙ୍କ ମୁହଁ ବନ୍ଦ କରିଦେଇଥିଲେ। ସେବେଠାରୁ ପାଣ୍ଡିଆନଙ୍କର କେଉଁଠାରେ ଉପସ୍ଥିତି ଦେଖିବାକୁ ମିଳୁନାହିଁ । ହେଲେ ସିଏ ନିୟମିତ ନବୀନ ନିବାସକୁ ଆସୁଥିବାବେଳେ ସେଠାରେ ଗୋଟିଏ ଆଇଟି ଟିମ୍ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନ ବଜାରକୁ ଏହି ଏକ୍ସ ପୋଷ୍ଟ ଆସିବା ପରେ ପୁଣିଥରେ ପାଣ୍ଡିଆନ, ନବୀନ ଓ ବିଜେଡି ରାଜନୀତିକୁ ଚର୍ଚ୍ଚାର ଖୋରାକ ଯୋଗାଇଛି ।

### କେନ୍ଦ୍ରୀୟ ଟିମ୍...

କାରଣ ନାହିଁ। ସତର୍କତା ଅବଲମ୍ବନ କଲେ ଆମେ ଏହି ସମସ୍ୟାକୁ ମୁକୁଳି ପାରିବା।
ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, ଅଧିକ ଟେଷ୍ଟିଂ ଓ ସାମ୍ପଲ ବଢାଇବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ଜିଲ୍ଲାରେ ସଂକ୍ରମଣ ଅଧିକ ବ୍ୟାପିଥିବା ବେଳେ ଏବେ ସ୍ଥିତି ନିୟନ୍ତ୍ରାଧୀନ ଥିବା କୁହାଯାଉଛି।

### ବଜ୍ରପାତ ମୃତ୍ୟୁ...

ହୋଇଛି। ତେବେ ଏହାର କାରଣ କହି ମନ୍ତ୍ରୀ କହିଛନ୍ତି, ଗବେଷଣା ଅନୁଯାୟୀ ଓଡ଼ିଶାରେ ଅଧିକ ଖଣିଜ ପଦାର୍ଥ ଥିବାରୁ ବଜ୍ରପାତ ଅଧିକ ହେଉଛି। କାରଣ ଖଣିଜ ପଦାର୍ଥ ବିଦ୍ୟୁତ୍ ସୁପରିବାହୀ । ଏହାସହିତ ନିର୍ଦ୍ଦିଷ୍ଟ କେଉଁଠି ବଜ୍ରପାତ ହେବ ଆକଳନ ପାଇଁ ଜ୍ଞାନକୌଶଳ ବି ଆସି ନାହିଁ।
ତେବେ ଆମେ ଆପଣଙ୍କୁ କହିରଖୁଛି, ଏହାକୁ ନେଇ ରାଜ୍ୟ ସରକାର ସଜାଗ ବି ଅଛନ୍ତି। ରାଜ୍ୟରେ ଅଧିକରୁ ଅଧିକ ତାଳ ଗଛ ଲଗାଯାଇ ଏହାର ନିବାରଣ କରାଯିବ। ଏନେଇ ଗୃହରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏଥିପାଇଁ ତାଳ ଗଛ ଲଗାଇବାକୁ ୭ କୋଟି ଟଙ୍କା ବନ ବିଭାଗକୁ ଦିଆଯାଇଛି। ଏଥିସହିତ ତାଳଗଛ ଲଗାଇବାକୁ ସବୁ ବିଧାୟକ ସଚେତନତା ସହ ସହଯୋଗ କରନ୍ତୁ ବୋଲି ଗୃହରେ ଅନୁରୋଧ କରିଛନ୍ତି ମନ୍ତ୍ରୀ।

# ପୁଲିସ ସବ୍-ଇନ୍ସପେକ୍ଟରଙ୍କ ଘରୁ ଚୋରି




**ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ):** ରାଜଧାନୀରେ ଚାଞ୍ଚଲ୍ୟ। ପୁଲିସ ସବ୍-ଇନ୍ସପେକ୍ଟର ରମାକାନ୍ତ ପ୍ରଧାନଙ୍କ ସରକାରୀ ବାସଭବନରେ କଳାକନା ବୁଲାଇଲେ ଲୁଟେରା। ରମାକାନ୍ତ ଟ୍ରେନିଂରେ ଥିବାବେଳେ ଏହି ସରକାରୀ ଘରେ ଏବେ ରହୁଛନ୍ତି ତାଙ୍କର ଦୁଇ ପୁଅ ଓ ବୋହୂ ମିଳିଥିବା ସୂଚନା ଅନୁଯାୟୀ, ଆଜି ଦିନ ୧୧ଟାବେଳେ ରମାକାନ୍ତଙ୍କ ପୁଅ ଓ ବୋହୂ ଅଫିସ ଚାଲିଯାଇଥିଲେ। ସେମାନେ ସନ୍ଧ୍ୟାରେ ଘରକୁ ଫେରିବା ପରେ ଲୁଟ୍ ହୋଇଥିବା ଜାଣିବାକୁ ପାଇଥିଲେ।
ଘର କବାଟର ତାଲା ଭଙ୍ଗା ଯାଇଥିଲା। ଲୁହା ଆଲମିରାକୁ ଚୋରମାନେ ତାଡ଼ି ଦେଇଥିଲେ। ସେମାନେ ସୁନା ଅଳଙ୍କାର, ଟଙ୍କା, ଦାମୀ ଘଣ୍ଟା ସାଙ୍ଗକୁ ୪ଟି ହାର୍ଡ ଡିସ୍କ ନେଇ ଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଖାରବେଳ ନଗର ଥାନା ପୁଲିସ ତଦନ୍ତ କରୁଛି।

# ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ୧୨ ଘଣ୍ଟିଆ କଙ୍କଡ଼ାହାଡ଼ ବନ୍ଦ



**ଢେଙ୍କାନାଳ, ୫।୯(ସଂଚାର ବ୍ୟୁରୋ):** ଅଘୋଷିତ ବିଦ୍ୟୁତ କାଟ୍ ପ୍ରତିବାଦରେ ଆଜି ୧୨ ଘଣ୍ଟିଆ କଙ୍କଡ଼ାହାଡ଼ ବନ୍ଦ ଡାକରା ଦେଇଛି ବଣିକ ସଂଘ। ସେମାନଙ୍କ ସହ ସ୍ଥାନୀୟ ଲୋକ ବି ସାମିଲ ହୋଇଛନ୍ତି। ବନ୍ଦ ଯୋଗୁ ଦୋକାନବଜାର ବନ୍ଦ ରହିଛି। ଏଥିସହ ଆନ୍ଦୋଳନକାରୀ ମାନେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଅଭିଯୋଗ ଅନୁସାରେ, କଙ୍କଡାହାଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଏନେଇ ବିଦ୍ୟୁତ ବିଭାଗ ଓ ବିଡ଼ିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଆଜି ବଣିକ ସଂଘ ଓ ଅଞ୍ଚଳବାସୀ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଛନ୍ତି। କଙ୍କଡାହାଡ ବ୍ୟବସାୟୀ ଅଜିତ ଖୁଣ୍ଟିଆ କହିଛନ୍ତି, ଟିକିଏ ପବନ ହେଲା ଲାଇନ କାଟି ଦେଉଛନ୍ତି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କିଛି ଲାଭ ହେଲା ନାହିଁ। ଶେଷରେ ଆମେ ୧୨ ଘଣ୍ଟିଆ ବନ୍ଦ ଡାକରା ଦେଲୁ। ସେହିପରି କଙ୍କଡାହାଡ଼ ବାସିନ୍ଦା ସନ୍ତୋଷ କୁମାର ମିଶ୍ର କହିଛନ୍ତି,ବାରମ୍ବାର ଦାବି କରିବା ସତ୍ତ୍ୱେ ଆମ ସମସ୍ୟାର କୌଣସି ସମାଧାନ ହେଲା ନାହିଁ।

## ପ୍ୟାରିସ୍‌ପାରାଲିମ୍ପିକ୍ସ ୨୦୨୪

# ମହିଳା ୧୦୦ ମିଟର ଫାଇନାଲ୍‌ରେ ସିମରନ୍



ପ୍ୟାରିସ୍, ୫।୯: ପ୍ୟାରିସ୍ ପାରାଲିମ୍ପିକ୍ସରେ ଗୁରୁବାର ଅଷ୍ଟମ ଦିନ ବିଶ୍ୱ ଚାମ୍ପିଅନ୍ ଭାରତର ସିମରନ୍ ମହିଳା ୧୦୦ମି. ଟି୧୨ ଇଭେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସେ ସେମିଫାଇନାଲ୍‌ରେ ୧୨.୩୩ସେ.ରେ ରେସ୍ ପୂରା କରିଥିଲେ। ଏହି ୨୪ବର୍ଷୀୟା ଆଥ୍‌ଲେଟ୍ ଏବେ ଚାରିଜଣିଆ ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅନ୍ୟପଟେ, ଭାରତୀୟ ଜୁଡୋକା କପିଳ ପରମାର୍ ୬୦କିଗ୍ରା ଜେ୧ସେମିଫାଇନାଲ୍‌ରେ ପରାଜିତ ହୋଇଛନ୍ତି। ତାଙ୍କୁ ଅନ୍ତିମ-୪ରେ ଇରାନ୍‌ର ଖୋରାମ ବନିତାବା ୧୦-୦ରେ ହରାଇଛନ୍ତି। ତେବେ ସେ କାଂସ୍ୟ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ସୁଟିଂରେ ମିଶ୍ରିତ ୫୦ମି. ରାଇଫଲ୍ ପ୍ରୋନ୍ ଏସ୍‌ଏଚ୍୧ ଇଭେଣ୍ଟରେ ଭାରତର ସିଦ୍ଧାର୍ଥ ବାବୁ ଓ ମୋନା ଅଗ୍ରୱାଲ୍ ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିପାରି ନାହାନ୍ତି।

ପ୍ୟାରିସ୍‌ରେ ଭାରତ ଏ ଯାବତ ୨୪ ପଦକ ଜିତିଛି, ଯେଉଁଥିରେ ୫ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୦ କାଂସ୍ୟ ରହିଛି। ପାରାଲିମ୍ପିକ୍ସ ଇତିହାସରେ ଏହା ଦେଶର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ଏହା ପୂର୍ବରୁ ଭାରତ ଟୋକିଓ କ୍ରୀଡ଼ାରେ ୧୯ପଦକ ଜିତିଥିଲା। ବୁଧବାର ରାତିରେ କ୍ଲବ୍ ଥ୍ରୋ' ଏଫ୍୫୧ ଇଭେଣ୍ଟର ଫାଇନାଲ୍‌ରେ ଭାରତର ଧରମବୀର ସିଂହ ସ୍ୱର୍ଣ୍ଣ ଓ ପ୍ରଣବ ସୂରମା ରୌପ୍ୟ ପଦକ ହାସଲ କରିଥିଲେ। ଧରମବୀର ୩୪.୯୨ମି.ର ସର୍ବଶ୍ରେଷ୍ଠ ଥ୍ରୋ' ସହ ପ୍ରଥମ ସ୍ଥାନରେ ରହିଥିଲେ। ପ୍ରଣବ ୩୪.୫୯ମି. ଥ୍ରୋ' କରିଥିଲେ। ସର୍ବିଆର ଜେଲିକୋ ଦିମିତ୍ରିଜେଭିକ୍ ୩୪.୧୮ମି. ଥ୍ରୋ' ସହ କାଂସ୍ୟ ପଦକ ପାଇଥିଲେ। ଅନ୍ୟତମ ଭାରତୀୟ ଅମିତ କୁମାର ୧୦ମ ସ୍ଥାନରେ ରହିଥିଲେ। ଏହାପୂର୍ବରୁ ତୀରନ୍ଦାଜ ହରବିନ୍ଦର ସିଂହ ସ୍ୱର୍ଣ୍ଣ ଓ ସଟ୍‌ପୁଟର୍ ସଚିନ ଖିଲାରୀ ରୌପ୍ୟ ପଦକ ଜିତିଥିଲେ। ପାରାଲିମ୍ପିକ୍ ତୀରନ୍ଦାଜୀରେ ସ୍ୱର୍ଣ୍ଣ ଜିତିବାରେ ହରବିନ୍ଦର ପ୍ରଥମ ଭାରତୀୟ ହୋଇପାରିଥିଲେ। ପୁରୁଷ ବ୍ୟକ୍ତିଗତ ରିକର୍ଭ ଓପନ୍ ଫାଇନାଲ୍‌ରେ ସେ ପୋଲାଣ୍ଡର ଲୁକାସ୍ ସିଜେକ୍‌ଙ୍କୁ ୬-୦ରେ ହରାଇଥିଲେ। ସଟ୍‌ପୁଟ୍‌ରେ ସଚିନ ପୁରୁଷ ଏଫ୍୪୬ ଇଭେଣ୍ଟର ଫାଇନାଲ୍‌ରେ ୧୬.୩୨ ମିଟର ସ୍କୋର୍ ସହ ଏସୀୟ ରେକର୍ଡର ମଧ୍ୟ ଅଧିକାରୀ ହେବା ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ।



# ବିଜେପିରେ ଜାଡ଼େଜା

ନୂଆଦିଲ୍ଲୀ, ୫।୯: ଟିମ୍ ଇଣ୍ଡିଆର ଅଲ୍‌ରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗ ଦେଇଛନ୍ତି। ସେ ଗୁରୁବାର ଦଳର ସଦସ୍ୟତା ଗ୍ରହଣ କରିଛନ୍ତି। ଜାଡ଼େଜାଙ୍କ ପତ୍ନୀ ରିଭାବା ଗୁଜରାଟ ଜାମନଗରରୁ ବିଜେପି ବିଧାୟିକା ଅଛନ୍ତି। ଜାଡ଼େଜା ଚଳିତ ବର୍ଷ ଜୁନ୍‌ରେ ଟି-୨୦ ବିଶ୍ୱକପ୍ ପରେ ଆନ୍ତର୍ଜାତିକ କ୍ରିକେଟ୍‌ର କ୍ଷୁଦ୍ରତମ ଫର୍ମାଟ୍‌ରୁ ଅବସର ନେଇଥିଲେ।ଟୁର୍ଣ୍ଣାମେଣ୍ଟରେ ସେ ଖାସ୍ ପ୍ରଦର୍ଶନ କରିପାରି ନ ଥିଲେ ଏବଂ ଆଠ ମ୍ୟାଚ୍‌ରୁ ପାଞ୍ଚ ଇନିଂସ୍ ଖେଳି ମାତ୍ର ୩୬ ରନ୍ କରିଥିଲେ ଏବଂ ମାତ୍ର ଗୋଟିଏ ୱିକେଟ୍ ନେଇଥିଲେ। ତେବେ ସେ ଦିନିକିଆ ଓ ଟେଷ୍ଟରେ ଖେଳିବା ଜାରି ରଖିବେ। ଜାଡ଼େଜା ପତ୍ନୀ ରିଭାବାଙ୍କ ସହ ଅନେକ ଥର ନିର୍ବାଚନୀ ପ୍ରଚାର କରିସାରିଛନ୍ତି। ସେ ବିଜେପି ପାଇଁ କେତେକ ରୋଡ୍ ଶୋ' ମଧ୍ୟ କରିଛନ୍ତି।



## ପ୍ରଥମ ମ୍ୟାଚରେ ପନ୍ତ ବିଫଳ

# ମୁସିର ଖାନଙ୍କ ଶତକ

ବେଙ୍ଗାଲୁରୁ, ୫।୯: ଦୀର୍ଘ ଦିନ ପରେ ରେଡ ବଲ କ୍ରିକେଟକୁ ଫେରିଥିବା ରିଷଭ ପନ୍ତ ବିଫଳ ହୋଇଛନ୍ତି। ଦୁଲୀପ ଟ୍ରଫିର ପ୍ରଥମ ମ୍ୟାଚରେ ପନ୍ତ ମାତ୍ର ୭ ରନ କରି ଆଉଟ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରି ଇଣ୍ଡିଆ ବି' ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ମୁସିର ଖାନଙ୍କ ଶତକ ବଳରେ ଦଳ ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଛି। ମୁସିର ୨୧୦ଟି ବଲରୁ ୧୦ଟି ଚୌକା ସହ ଶତକ ହାସଲ କରିଛନ୍ତି। ଓପନର ଯଶସ୍ୱୀ ଜୟସ୍ୱାଲ ୩୦ ଓ ଅଭିମନ୍ୟୁ ଇଶ୍ୱରନ ୧୩ ରନ କରି ଆଉଟ ହେବା ପରେ ମୁସିର ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ବିପଦମୁକ୍ତ କରିଥିଲେ। ଅନ୍ୟପଟେ ନବଦୀପ ସାଇନି ତାଙ୍କୁ ସହଯୋଗ କରିଥିଲେ। ଦଳର ୫ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ବିଶିଷ୍ଟ ରନ ସଂଗ୍ରହରେ ବିଫଳ ହୋଇଥିଲେ। ଇଣ୍ଡିଆ ଏ ପକ୍ଷରୁ କଲିଲ ଅହମ୍ମଦ, ଅର୍ଶଦୀପ ଏବଂ ଅଭେଷ ଖାନ ଦୁଇଟି ଲେଖାଏଁ ୱିକେଟ ଦଖଲ କରିଛନ୍ତି।

## ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# ସ୍ୱିଆତେକ୍‌ଙ୍କୁ ହରାଇ ସେମିରେ ପେଗୁଲା



ନ୍ୟୁୟର୍କ, ୫।୯: ଦୁଇ ଆମେରିକୀୟ - ଜେସିକା ପେଗୁଲା ଓ ଏମା ନଭାରୋ ୟୁଏସ୍ ଓପନ୍‌ର ମହିଳା ଏକକ ଫାଇନାଲ୍‌ରେ ମୁହାଁମୁହିଁ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଉଭୟ କ୍ୱାର୍ଟର୍‌ଫାଇନାଲ୍‌ରେ ବଡ଼ ଆହ୍ୱାନକୁ ଅତିକ୍ରମ କରିଛନ୍ତି। ଅନ୍‌ସିଡ୍ ଚେକ୍ ଗଣତନ୍ତ୍ରର କାରୋଲିନା ମୁକୋଭା ମଧ୍ୟ ଅନ୍ତିମ-୪ରେ ସ୍ଥାନ ପାଇଛନ୍ତି। ପେଗୁଲା ବିଶ୍ୱର ଏକ ନମ୍ବର ଖେଳାଳି ତଥା ୨୦୨୨ ଚାମ୍ପିଅନ୍ ଇଗା ସ୍ୱିଆତେକ୍‌ଙ୍କୁ ସ୍ତବ୍ଧ କରି ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍‌ର ଅନ୍ତିମ-୪ରେ ପହଞ୍ଚିଛନ୍ତି। ନଭାରୋ ମଧ୍ୟ ଡିଫେଣ୍ଡିଂ ଚାମ୍ପିଅନ୍ କୋକୋ ଗଫ୍‌ଙ୍କୁ ହରାଇ ପ୍ରଥମ ଥର କୌଣସି ମେଜର୍ ସେମିଫାଇନାଲ୍‌ରେ ସ୍ଥାନ ପାଇଛନ୍ତି। ୩୦ବର୍ଷୀୟା ପେଗୁଲା ପାଞ୍ଚ ରାଉଣ୍ଡ ମଧ୍ୟରେ ଗୋଟିଏ ବି ସେଟ୍ ହାରି ନାହାନ୍ତି ଏବଂ ୟୁଏସ୍ ହାର୍ଡକୋର୍ଟରେ ୧୫ରୁ ୧୪ ମ୍ୟାଚ୍ ଜିତିଛନ୍ତି। ଷଷ୍ଠ ସିଡ୍ ପେଗୁଲା ପୋଲିଶ୍ ତାରକା ସ୍ୱିଆତେକ୍‌ଙ୍କୁ ୬-୨, ୬-୪ ସେଟ୍‌ରେ ମାତ୍ ଦେଇଥିଲେ। ଆମେରିକୀୟ ଖେଳାଳି ନିଜର ସାମର୍ଥ୍ୟ ଓ ପ୍ରତିବଦ୍ଧତାର ପ୍ରଦର୍ଶନ କରିଥିଲେ। ସେ ମ୍ୟାଚ୍ ପଏଣ୍ଟ ଜିତି କ୍ୟାରିଅର୍‌ର ସବୁଠାରୁ ବଡ଼ ବିଜୟ ହାସଲ କରିଥିଲେ। ସ୍ୱିଆତେକ୍ ୪୧ ଅନ୍‌ଫୋର୍ସଡ୍ ଏରର୍ କରିଥିଲେ। ଅନ୍ୟ ଏକ କ୍ୱାର୍ଟର୍‌ରେ ୨୦୨୩ ଫ୍ରେଞ୍ଚ୍ ଓପନ୍ ଫାଇନାଲିଷ୍ଟ ମୁକୋଭା ବିଶ୍ୱର ୨୨ତମ ଖେଳାଳି ବ୍ରାଜିଲ୍‌ର ବିଟ୍ରିଜ୍ ହଦାଦ୍ ମାଇଆଙ୍କୁ ୬-୧, ୬-୪ରେ ହରାଇଥିଲେ। ସେମିଫାଇନାଲ୍‌ରେ ପେଗୁଲା ଓ ମୁକୋଭାଙ୍କ ମଧ୍ୟରେ ମୁକାବିଲା ହେବ। ଅନ୍ୟ ଏକ ସେମିଫାଇନାଲ୍‌ରେ ନଭାରୋ ଓ ଦ୍ୱିତୀୟ ସିଡ୍ ବେଲାରୁଷୀୟ ଆରିନା ସାବାଲେଙ୍କା ମୁହାଁମୁହିଁ ହେବେ। ଅନ୍ତିମ-୪ରେ ଡ୍ରାପର୍ ୨୫ତମ ସିଡ୍ ବ୍ରିଟେନ୍‌ର ଜ୍ୟାକ୍ ଡ୍ରାପର୍ ୟୁଏସ୍ ଓପନ୍ ପୁରୁଷ ଏକକ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ୨୦୧୨ରେ ଆଣ୍ଡି ମରେଙ୍କ ବିଜୟ ପରଠାରୁ ଡ୍ରାପର୍ ପ୍ରଥମ ବ୍ରିଟିଶ୍ ଭାବେ ଟୁର୍ଣ୍ଣାମେଣ୍ଟର ଅନ୍ତିମ-୪ରେ ସ୍ଥାନ ପାଇଛନ୍ତି। ସେ କ୍ୱାର୍ଟର୍-ଫାଇନାଲ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନଉର୍‌ଙ୍କୁ ୬-୩, ୭-୫, ୬-୨ସିଧା ସେଟ୍‌ରେ ହରାଇଥିଲେ।

## ଦୁଲୀପ ଟ୍ରଫି କ୍ରିକେଟ

# ଅକ୍ଷର ପଟେଲଙ୍କ ଧୂଆଁଧାର ଅର୍ଦ୍ଧଶତକ

ଅନନ୍ତପୁର, ୫।୯: ଏଠାରେ ଚାଲିଥିବା ଦୁଲୀପ ଟ୍ରଫି କ୍ରିକେଟର ଦ୍ୱିତୀୟ ମ୍ୟାଚରେ ଅଲ ରାଉଣ୍ଡର ଅକ୍ଷର ପାଟିଲଙ୍କ ଧୂଆଁଧାର ଅର୍ଦ୍ଧଶତକ ବଳରେ ଇଣ୍ଡିଆ ଡି' ଏହାର ପ୍ରଥମ ଇନିଂସରେ ୧୬୪ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଛି। ନଚେତ ଦଳ ୧୦୦ ରନ ଭିତରେ ଅଲ ଆଉଟ ହୋଇଯାଇଥାଆନ୍ତା। ଟସ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଇଣ୍ଡିଆ-ଡି' ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟରୁ ସମ୍ମୁଖୀନ ହୋଇଥିଲା। ଦଳର କୌଣସି ବ୍ୟାଟ୍ସମ୍ୟାନ ୱିକେଟରେ ଅଧିକ ସମୟ ତିଷ୍ଠିପାରିନଥିଲେ। ଗୋଟିଏ ପଟେ ନିୟମିତ ୱିକେଟ ପତନ ଚାଲିଥିବା ବେଳେ ଅନ୍ୟ ପଟେ ପଟେଲ ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ। ସେ ୧୧୮ ବଲରୁ ୬ଟି ଚୌକା ଏବଂ ୬ଟି ବିଶାଳ ଛକା ସହାୟତାରେ ୮୬ ରନ କରି ଆଉଟ ହୋଇଥିଲେ। ତାଙ୍କ ଅର୍ଦ୍ଧଶତକ ବଳରେ ଇଣ୍ଡିଆ-ଡି ଏକ ସମ୍ମାନଜନକ ସ୍ଥିତିରେ ପହଞ୍ଚିପାରିଥିଲା। ପ୍ରତିପକ୍ଷ ଇଣ୍ଡିଆ-ସି' ପକ୍ଷରୁ ବିଜୟ ବୈଶାଖ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଇଣ୍ଡିଆ ସି' ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ୪ ୱିକେଟ ହରାଇ ୮୪ ରନ ସଂଗ୍ରହ କରିଛି। ବାବା ଇନ୍ଦ୍ରଜିତ ୧୭ ଓ ଅଭିଷେକ ପୋରେଲ ୨୪ ରନରେ ଅପରାଜିତ ଅଛନ୍ତି। ଅଧିନାୟକ ରୁତୁରାଜ ଗାଏକୱାଡ଼ ୫, ସାଇ ସୁଦର୍ଶନ ୭, ଆର୍ଯ୍ୟନ ଜୁଏଲ ୧୨ ଏବଂ ରଜିତ ପଟ୍ଟିଦାର ୧୩ ରନ କରି ଆଉଟ ହୋଇଛନ୍ତି। ଇଣ୍ଡିଆ ଡି' ପକ୍ଷରୁ ହର୍ଷିତ ରଣା ଏବଂ ଅକ୍ଷର ପଟେଲ ୨ଟି ଲେଖାଏଁ ୱିକେଟ ନେଇଛନ୍ତି। ଦୁଲିପ ଟ୍ରଫିରେ ଖେଳାଳୀଙ୍କ ପ୍ରଦର୍ଶନ ଆଧାରରେ ଆଗାମୀ ଟେଷ୍ଟ ସିରିଜ ନିମନ୍ତେ ଖେଳାଳୀ ଚୟନ କରାଯିବ।



# ବିରାଟ କୋହଲି ସର୍ବାଧିକ ଟ୍ୟାକ୍ସ ଦେଇଥିବା କ୍ରିକେଟ୍ ଷ୍ଟାର୍



୨୦୨୩-୨୪ ଆର୍ଥିକ ବର୍ଷରେ କଳାକାର ଏବଂ କ୍ରୀଡାବିତମାନେ ଦେଇଥିବା ଟ୍ୟାକ୍ସ ବା କର ଉପରେ ଏକ ରିପୋର୍ଟ ପ୍ରକାଶ କରିଛି ଫର୍ଚ୍ୟୁନ ଇଣ୍ଡିଆ। ଫର୍ଚ୍ୟୁନ ଇଣ୍ଡିଆର ରିପୋର୍ଟ ଅନୁସାରେ, କଳାକାରଙ୍କ ମଧ୍ୟରେ ଶାହରୁଖ ଖାନ ସର୍ବାଧିକ ୯୨ କୋଟି ଟଙ୍କାର ଟ୍ୟାକ୍ସ ଭରି ଥିବାବେଳେ କ୍ରୀଡାବିତଙ୍କ ମଧ୍ୟରେ ବିରାଟ କୋହଲି ଆଗରେ ଅଛନ୍ତି। ବିରାଟ କୋହଲି ଗତ ଆର୍ଥିକ ବର୍ଷରେ ୬୬ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି। ସେହିପରି ତାଙ୍କ ପରେ ଦ୍ୱିତୀୟରେ ମହେନ୍ଦ୍ର ସିଂହ ଧୋନି ଏବଂ ସଚିନ ତେନ୍ଦୁଲକର ଅଛନ୍ତି। ଉଭୟ ଯଥାକ୍ରମେ ୩୮ ଓ ୨୮ କୋଟି ଟଙ୍କା ଟ୍ୟାକ୍ସ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ସୌରଭ ଗାଙ୍ଗୁଲି (୨୩ କୋଟି ଟଙ୍କା) ଏବଂ ହାର୍ଦ୍ଦିକ ପାଣ୍ଡ୍ୟା (୧୩ କୋଟି ଟଙ୍କା) କର ପୈଠ କରି କ୍ରୀଡାବିତଙ୍କ ମଧ୍ୟରେ ଟପ୍-୫ରେ ଅଛନ୍ତି।

# ଜୀବନ ସହ ସଂଗ୍ରାମ କରୁଛନ୍ତି କ୍ରିକେଟର ସିମି



ନୂଆଦିଲ୍ଲୀ, ୫।୯: ହସ୍ପିଟାଲ ବେଡରେ ଷ୍ଟାର ଅଲରାଉଣ୍ଡର ସିମି ସିଂହ। ୩୫ଟି ଦିନିକିଆ ଓ ୫୩ଟି ଟି-୨୦ ମ୍ୟାଚ୍‌ରେ ନିଜର ଜଲୱା ଦେଖାଇଥିବା ସିମି ଏବେ ଜୀବନ ସହ କରୁଛନ୍ତି। ଲିଭର ଜନିତ ସାଂଘାତିକ ସମସ୍ୟାରେ ପଡ଼ିଥିବା ସିମିଙ୍କ ଚିକିତ୍ସା ଗୁରୁଗ୍ରାମ ସ୍ଥିତ ଗୋଟିଏ ହସ୍ପିଟାଲରେ ହେଉଛି। ଭାରତୀୟ ବଂଶୋଦ୍ଭବ ସିମି ଦୀର୍ଘ ବର୍ଷ ଧରି ଆୟର୍ଲ୍ୟାଣ୍ଡ ପାଇଁ ଖେଳ ଆସୁଥିଲେ। ହେଲେ ଏବେ ସେ ଲିଭର ପ୍ରତିରୋପଣ ପାଇଁ ହସ୍ପିଟାଲ ବେଡରେ ରହିଛନ୍ତି। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବା ରିପୋର୍ଟ ପ୍ରକାଶ ପାଇଛି। ମୋହାଲିରେ ଜନ୍ମିତ ସିମି ପଞ୍ଜାବ ପାଇଁ ଅଣ୍ଡର ୧୪ ଓ ଅଣ୍ଡର -୧୭ ସ୍ତରରେ କ୍ରିକେଟ ଖେଳିଥିଲେ। ତେବେ ଅଣ୍ଡର ୧୯ରେ ଖେଳିବା ପାଇଁ ସେ ଯୋଗ୍ୟତା ଅର୍ଜନ କରିପାରି ନଥିଲେ। ଭାରତରେ ଫେଲ ମାରିବା ପରେ ସେ ହୋଟେଲ ମ୍ୟାନେଜମେଣ୍ଟ ପାଠ ପଢ଼ିବା ପାଇଁ ଆୟର୍ଲ୍ୟାଣ୍ଡ ଚାଲି ଯାଇଥିଲେ। ପାଠପଢ଼ିବା ସମୟରେ ଅର୍ଥାତ ୨୦୦୬ରେ ସେ ଡବଲିନରେ ଥିବା ମାଲାହାଇଡ କ୍ରିକେଟ କ୍ଲବରେ ନିଜକୁ ସାମିଲ କରିଥିଲେ। ସେଠାରେ ଖେଳିବା ବେଳେ ଆୟର୍ଲ୍ୟାଣ୍ଡର ଜାତୀୟ ଟିମରେ ତାଙ୍କର ଚୟନ ହୋଇଥିଲା। ସେ ଦିନିକିଆରେ ଆୟର୍ଲ୍ୟାଣ୍ଡ ପାଇଁ ୩୯ଟି ଓ ଟି-୨୦ରେ ୪୪ଟି ୱିକେଟ ନେଇଛନ୍ତି। ୨୦୨୧ରେ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆରେ ଆୟର୍ଲ୍ୟାଣ୍ଡ ପାଇଁ ଶତକ ମଧ୍ୟ ମାରିଥିଲେ।

ସିମିଙ୍କ ଶ୍ୱଶୁର ପରବୀନ୍ଦର ସିଂହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, "୫ରୁ ୬ ମାସ ତଳର କଥା। ସିମି ଡବଲିନାରେ ଥିବା ବେଳେ ଅଜବ ଧରଣର ଜ୍ୱର ତାଙ୍କୁ ହୋଇଥିଲା। ଜ୍ୱର କିଛି ସମୟ ଆସେ ପୁଣି ଛାଡ଼ି ଯାଏ। ସେଠାରେ ସେ ନିଜର ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ। କିନ୍ତୁ କିଛି ବି ଲାଭ ମିଳି ନଥିଲା। ଏପରି ଜ୍ୱର ଆସିବା ଓ ଛାଡ଼ିବାର କାରଣ ଡାକ୍ତରମାନେ ଜାଣି ନ ପାରିବାରୁ ତାଙ୍କର ଚିକିତ୍ସା ମଧ୍ୟ କରି ନଥିଲେ। ସମୟ ଗଡ଼ିବା ସହ ସିମିଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବିଗିଡ଼ିବାରେ ଲାଗିଥିଲା। ତେଣୁ ଆମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭାରତ ଆଣି ଦେଇଥିଲୁ। ଜୁନ ଶେଷ ବେଳକୁ ସେ ମୋହାଲି ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ପରେ ଜୁଲାଇ ଆରମ୍ଭରୁ ଚଣ୍ଡିଗଡ଼ର ପିଜିଆଇରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଟିବି ପାଇଁ ଚିକିତ୍ସା ଆରମ୍ଭ ହୋଇଥିଲା ଓ ତାଙ୍କୁ ଆଣ୍ଟିବାୟୋଟିକ୍ସ ଦିଆଯାଇଥିଲା। ହେଲେ ଯାଞ୍ଚରୁ ଜଣାପଡ଼ିଥିଲା ଯେ ସେ ଟିବିରେ ଆକ୍ରାନ୍ତ ନୁହନ୍ତି। ଜ୍ୱର ନ ଛାଡ଼ିବାରୁ ଆମେ ତାଙ୍କୁ ମୋହାଲିର ଗୋଟିଏ ଘରୋଇ ହସ୍ପିଟାଲକୁ ନେଇ ଆସିଥିଲୁ। ସେଠାରେ ଆମକୁ କୁହାଗଲା ଯେ ସିମି ଟିବିରେ ଆକ୍ରାନ୍ତ ନୁହନ୍ତି। ତଥାପି ୬ ସପ୍ତାହ ଧରି ଔଷଧ ଖାଇବାକୁ ପଡ଼ିବ। ଟିବି ମେଡିସନ ସହ ତାଙ୍କୁ ଷ୍ଟେରୋଏଡ୍ସ ମଧ୍ୟ ଦିଆଯାଇଥିଲା। ଏଥିଯୋଗୁ ଜ୍ୱର ବଢ଼ିଥିଲା ଓ ସେ ଜଣ୍ଡିସରେ ଆକ୍ରାନ୍ତ ହୋଇଥିଲେ। ଅଗଷ୍ଟ ଶେଷ ସପ୍ତାହରେ ଆମେ ତାଙ୍କୁ ପୁଣି ପିଜିଆଇକୁ ଆଣିଥିଲୁ ଓ ସେ ଆଇସିୟୁରେ ଭର୍ତ୍ତି ହୋଇଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଅଧିକ ବିଗିଡ଼ିଥିଲା। ଶେଷରେ ସେଠାରେ ହିଁ ସିମି ଭୟଙ୍କର ଲିଭର ସମସ୍ୟାରେ ପଡ଼ିଥିବା ଜଣାପଡ଼ିଥିଲା। ସେଠାକାର ଡାକ୍ତରମାନେ ତାଙ୍କୁ ଗୁରୁଗ୍ରାମ ସ୍ଥିତ ମେଦାନ୍ତକୁ ନେଇ ଯିବାକୁ ପରାମର୍ଶ ଦେଇଥିଲେ। କାରଣ ସିମି କୋମାକୁ ଚାଲିଯିବାର ଆଶଙ୍କା ଥିଲା। ସେପ୍ଟେମ୍ବର ୩ରେ ଆମେ ମେଦାନ୍ତକୁ ଆସିଛୁ। ବର୍ତ୍ତମାନ ମେଦାନ୍ତରେ ସିମିଙ୍କ ଲିଭର ପ୍ରତିରୋପଣ ହେବ। ଏଥିପାଇଁ ତାଙ୍କ ପତ୍ନୀ ଅଗମଦୀପ କୌର ନିଜ ଲିଭର କିଛି ଅଂଶ ଦେବାକୁ ରାଜି ହୋଇଛନ୍ତି।"

# ପ୍ରାଣୀ-ମଣିଷ ଲଢ଼େଇ କମାଇବାକୁ ମୋହନଙ୍କ ଗୁରୁତ୍ୱ

## ଡିସେମ୍ବର ସୁଦ୍ଧା ପୂରଣ ହେବ ଖାଲିଥିବା ୨ହଜାର ପଦବୀ




ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଲୋକସେବା ଭବନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ସମୀକ୍ଷାରେ ଜଙ୍ଗଲ ଅଞ୍ଚଳରେ ଅବୈଧ ଗଛ କଟା ବନ୍ଦ କରିବା ପାଇଁ ଏବଂ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଶ୍ରମ ଭିତ୍ତିକ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଦେଇଛନ୍ତି।

୨୦୧୯-୨୦ ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ କାରଣ ଯୋଗୁ ୪୪୪ଟି ହାତୀ ପ୍ରାଣ ହରାଇଛନ୍ତି। ଏହି ସମୟ ମଧ୍ୟରେ ୭୨୯ ଜଣ ବ୍ୟକ୍ତି ମଧ୍ୟ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ଉଦ୍‌ବେଗ ପ୍ରକାଶ କରି ମଣିଷ-ପ୍ରାଣୀ ସଂଘର୍ଷ କମାଇବା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପରାମର୍ଶ ଦେଇଥିଲେ। ନିଜ ଜୀବନ ପ୍ରତି ଥିବା ଭୟକୁ ଭ୍ରୁକ୍ଷେପ ନ କରି ଜଙ୍ଗଲ ଓ ବନଖଣ୍ଡର ସୁରକ୍ଷା କାମରେ ନିୟୋଜିତ ବନ କର୍ମଚାରୀ ମାନଙ୍କ ମନୋବଳ ବୃଦ୍ଧି କରିବା ପାଇଁ, ସେମାନଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ଏହାସହିତ ବନୀକରଣ କାର୍ଯ୍ୟକ୍ରମରେ ଗଛ ଗୁଡିକ ଯେପରି ବଞ୍ଚି ରହିବ, ସେଥିପାଇଁ ନିୟମିତ ଭାବରେ ନିରୀକ୍ଷଣ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ବିଭାଗରେ ଖାଲି ଥିବା ପଦବୀ ସଂପର୍କରେ ହୋଇଥିବା ଆଲୋଚନାରୁ ଜଣାଯାଇଛି ଯେ ବର୍ତ୍ତମାନ ସୁଦ୍ଧା ୧୬୭୭ଟି ବନରକ୍ଷୀ ଓ ୩୧୬୭ଟି ବନପାଳ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଖୁବଶୀଘ୍ର ଏହି ପଦବୀ ଗୁଡିକ ପୂରଣ କରାଯିବ। ବାକିଥିବା ପଦବୀ ଗୁଡିକ ପାଇଁ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା କେ ନାମ୍' ଅଭିଯାନରେ ବର୍ତ୍ତମାନ ସୁଦ୍ଧା "ମେରି ଲାଇଫ ପୋର୍ଟାଲ"ରେ ପଞ୍ଜୀକୃତ ହୋଇଥିବା ଚାରା ସଂଖ୍ୟା ୩ କୋଟି ୧୩ ଲକ୍ଷରେ ପହଞ୍ଚିଛି । ଏ ବର୍ଷ ଶେଷ ସୁଦ୍ଧା ସାଢ଼େ ଚାରି କୋଟି ଚାରା ଲଗାଯାଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ ବୋଲି ବୈଠକରେ ପ୍ରକାଶ କରାଯାଇଥିଲା। ବୈଠକରେ ସୂଚନା ଦିଆଯାଇଥିଲା ଯେ ଚଳିତ ବର୍ଷ ବଜ୍ରପାତକୁ ରୋକିବା ପାଇଁ ୧୯ ଲକ୍ଷ ତାଳ ଗଛ ଜଙ୍ଗଲ ପରିସୀମା ଅଞ୍ଚଳରେ ରୋପଣ କରାଯାଉଛି ।

## ନେତାଙ୍କ ସମ୍ପର୍କୀୟ କହି ଲୋକଙ୍କୁ ମାରୁଥିଲେ ଚୂନ




ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରା): ମୁଁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପୁତୁରା। ମୋର ବହୁତ ନେତାମନ୍ତ୍ରୀ ଚିହ୍ନା ଅଛନ୍ତି। ତୁମର ଚାକିରି କରାଇଦେବି ,ଟ୍ରାନ୍ସଫର କରିଦେବି, ପେଟ୍ରୋଲ ପମ୍ପ ବି ଖୋଲିଦେବି।' ଏପରି କହି ବହୁ ଲୋକଙ୍କୁ ଲକ୍ଷାଧୀକ ଟଙ୍କାର ଚୂନ ମାରିଥିବା ଜଣେ ଠକଙ୍କୁ ବାନ୍ଧିଛି କ୍ୟାପିଟାଲ ଥାନା ପୁଲିସ୍।

ଏହି ଠକଜଣକ ରାହୁଲ ସାହୁ ବୋଲି ଜଣା ପଡ଼ିଥିବା ବେଳେ ସେ କିନ୍ତୁ ଲୋକଙ୍କୁ ଭିନ୍ନ ଭିନ୍ନ ପରିଚୟ ଦେଉଥିଲେ। ନିଜ ସୋଶାଲ ମିଡିଆରେ ବଡ଼ ବଡ଼ ନେତାମନ୍ତ୍ରୀଙ୍କ ପାଖରେ ଛିଡ଼ା ହୋଇଥିବା ଫଟୋ ପୋଷ୍ଟ କରୁଥିଲେ। ତାହାକୁ ଦେଖାଇ ସେ ସେମାନଙ୍କର ଖାସ୍ ଲୋକ ବୋଲି ଲୋକଙ୍କୁ ପରିଚୟ ଦେଉଥିଲେ। ଏହାଦେଖି ସାଧାରଣ ଲୋକେ ତାଙ୍କୁ ବିଶ୍ୱାସ କରି ଯାଉଥିଲେ। ଫଳରେ ଦୀର୍ଘ ଦିନ ଧରି ଚାକିରି ପାଇଁ ତଥା ବଦଳି ପାଇଁ ଦୌଡ଼ୁଥିବା ଲୋକ ତାଙ୍କୁ ସହଜେ ବିଶ୍ୱାସ କରିନେଉଥିଲେ। କାମ କରିବା ପୂର୍ବରୁ ବାବୁଜଣକ ଅଗ୍ରୀମ ଟଙ୍କା ମୋଟା ଆକାରରେ ନେଇ ଯାଉଥିଲେ। ମାତ୍ର ପରେ ଆଉ ଧରାଛୁଆଁ ଦେଉ ନଥିଲେ। ଏହି ଧୂର୍ତ୍ତଜଣକ ନିଜକୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପୁତୁରା କହି ଲୋକଙ୍କୁ ଠକୁଥିବା ବେଳେ ଏହା ଦଳୀୟ କର୍ମୀଙ୍କ ନଜରରେ ପଡ଼ିଥିଲା। ଏହାପରେ ଗତରାତିରେ ମାଷ୍ଟର କ୍ୟାଣ୍ଟିନ୍‌ର ଏକ ଲଜ୍‌ରେ ପଶି ସେମାନେ ରାହୁଲଙ୍କୁ କାବୁ କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ଥାନା ପୁଲିସ୍ ଜିମା ଦେଇଥିଲେ। ପୁଲିସ୍ ତାଙ୍କୁ ପଚରାଉଚରା କରୁଥିବା ବେଳେ ତାଙ୍କ ଫୋନ୍ ଜବତ କରିଛି। ଏଥିସହ ତାଙ୍କ ନିକଟରୁ ବହୁ ଜାଲ୍ ନିଯୁକ୍ତିପତ୍ର, ବଦଳି ଆଦେଶ ବି ଜବତ କରିଛି ପୁଲିସ୍ ।

## ଆକ୍ରମଣରେ ବିଜେପି ନେତା ସଙ୍କଟାପନ୍ନ

ବ୍ରହ୍ମପୁର, ୫।୯(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଆସିକାରେ ବିଜେପି ନେତା ଶ୍ରୀନିବାସ ଭଞ୍ଜଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି ଓ ଅବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଗତ ରାତିରେ କୋଟିନଡ଼ା ଥାନା କଲେଜ ଛକ ସୂତାକଳ ରାସ୍ତାରେ ଶ୍ରୀନିବାସ ଘରକୁ ଫେରୁଥିବା ସମୟରେ ଅନ୍ଧାରର ସୁଯୋଗ ନେଇ ଦୁଇ/ତିନି ଜଣ ମିଳିତ ଭାବେ ଲୁହା ରଡ଼ରେ ଅତର୍କିତ ଆକ୍ରମଣ କରିଥିଲେ। ଶ୍ରୀନିବାସଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ



ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ପରେ ତାଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ରାଜନୈତିକ ଶତ୍ରୁତାକୁ ନେଇ ତାଙ୍କ ଉପରେ ଏହି ଆକ୍ରମଣ ହୋଇଥିବା ଶ୍ରୀନିବାସ ଅଭିଯୋଗ କରିଛନ୍ତି। କଲେଜ ଛକ ବାସିନ୍ଦା ଶ୍ରୀନିବାସ ଭାରତୀୟ ଜନତା ପାର୍ଟିର ଘୁମୁସର ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରହିଥିଲା ବେଳେ ଜିଲ୍ଲା ପରିଷଦ ଭାବେ ବିଜେପି ପକ୍ଷରୁ ଦୁଇ ଦୁଇ ପ୍ରାର୍ଥୀ ହୋଇଥିଲେ ।

## ୱାକଫ ବିଲ୍‌କୁ ବିଜେଡି ବିରୋଧ କରିବ



ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରା): ଏ ଦେଶ ଆମର ଏ ମାଟି ଆମର. ଏ ଭାବନା ନେଇ ଆମର ପ୍ରିୟ ଭାରତ ତଥା ପ୍ରିୟ ଓଡିଶା ର ଗୌରବ ବୃଦ୍ଧି ପାଇଁ କାମ କରିବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସଂଖ୍ୟାଲଘୁ ଭାଇ ଭଉଣୀ ମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଆଜି ଶଙ୍ଖ ଭବନ ଠାରେ ବିଜେଡି ସଂଖ୍ୟାଲଘୁ ଭାଇ ଭଉଣୀ ମାନଙ୍କୁ ସମ୍ବୋଧନ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଶାନ୍ତି ଓ ସଦଭାବନା ହିଁ ପ୍ରଗତି ର ଭିତ୍ତି। ଏଥି ଯୋଗୁଁ ହିଁ ଓଡିଶା ବିଭିନ୍ନ କ୍ଷେତ୍ର ର ପ୍ରଗତି ହାସଲ କରିପାରିଛି. ତେଣୁ ସାମ୍ପ୍ରଦାୟିକ ସଦଭାବନା ବଜାୟ ରଖିବା ପାଇଁ କାମ କରିବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ସେ କହିଥିଲେ ରାଜ୍ୟ ର ବିଭିନ୍ନ ଅଞ୍ଚଳ ର ସଂଖ୍ୟାଲଘୁ ଭାଇ ଭଉଣୀ ମାନେ ତାଙ୍କୁ ପ୍ରତିଦିନ ଭେଟୁଛନ୍ତି . ସେମାନଙ୍କ ମନରେ ଅସୁରକ୍ଷା ଭାବନା ରହୁଥିବା ବିଷୟରେ ସେମାନେ ଜଣାଉଛନ୍ତି। ବିଜେଡି ୱାକଫ ବିଲ କୁ ବିରୋଧ କରିବ ବୋଲି ଶ୍ରୀ ପଟ୍ଟନାୟକ ସ୍ପଷ୍ଟ କରିଥିଲେ। ଓଡିଶା ସଦଭାବନା ଓ ଭାଇଚାରା ପାଇଁ ପ୍ରସିଦ୍ଧ. ଓଡିଶା ର ସାଂସ୍କୃତିକ ବିବିଧତା ଆମର ଗୌରବ । ଦେଶ ର ପ୍ରଗତି ରେ ସଂଖ୍ୟାଲଘୁ ମାନଙ୍କ ଅବଦାନ କୁ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସମସ୍ତଙ୍କ ସହଯୋଗ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଜରୁରୀ। ସାମ୍ପ୍ରଦାୟିକ ସଦଭାବନାକୁ ଭାରତୀୟ ସଂସ୍କୃତି ର ମୂଳଧାର ବୋଲି ବର୍ଣ୍ଣନା କରି ସମାଜ ର ଦୁର୍ବଳ ବର୍ଗ ର କଲ୍ୟାଣ ପାଇଁ ବିଜେଡି ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ବୌଦ୍ଧ ଶିଖ ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମ ର ପ୍ରତିନିଧି ମାନେ ଶ୍ରୀ ପଟ୍ଟନାୟକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାଂସଦ ମୁନା ଖାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଦ ଗାଡ଼ି ଜାଳିଦେଲେ



ବାଲେଶ୍ୱର, ୫।୯( ସଂଚାର ବୁରୋ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଭଗିଆ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ମଦ ବୋଝେଇ ସ୍କର୍ପିଓକୁ ଜାଳି ଦେଇଛନ୍ତି ଲୋକେ। ଭଦ୍ରକ ଜିଲ୍ଲାରୁ ଏହା ଚୋରା ଦେଶୀ ମଦ ନେଇ ଯାଉଥିବା ବେଳେ ଭଦ୍ରକ ପୁଲିସ ଗାଡ଼ିଟିକୁ ପିଛା କରିଥିଲା। ତେଣୁ ସ୍କର୍ପିଓଟି ବାଲେଶ୍ୱର ଅଭିମୁଖେ ପଳାଇ ଆସିଥିଲା। ସିମୁଳିଆ ପୁଲିସ ଏହି ସ୍କର୍ପିଓ ସଂପର୍କରେ ଖବର ପାଇଥିଲା। ସ୍କର୍ପିଓ କୌଶଳ କ୍ରମେ ସିମୁଳିଆରୁ ଏକ ପୋଲ ଦେଇ ପୁଣି ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ସିମୁଳିଆ ପୁଲିସ ପିଛା କରିଥିଲା। ଗାଡ଼ି ଛାଡି ଫେରାର ହୋଇଯାଉଥିବା ବେଳେ ସିମୁଳିଆ ପୁଲିସ ୨ ଜଣକୁ ଧରିଥିଲା। କିନ୍ତୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମଦ ବୋଝେଇ ଗାଡ଼ିଟିରେ ନିଆଁ ଲଗାଇ ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପୁଲିସ ଘଟଣାର ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ମଦ ବେପାରୀଙ୍କ ସଂପର୍କରେ ସୂଚନା ମିଳି ନ ଥିଲା।

## 'ତାମିଲ ବାବୁଙ୍କ ପାଇଁ ସରକାରରେ ବିଜେପି'

### ବିଜେଡି ସରକାରରେ ଜଣେ ଛାୟା, ଜଣେ କାୟା ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ତାମିଲବାବୁଙ୍କ ପାଇଁ ରାଜ୍ୟରେ ବିଜେପି ଆଜି ସରକାରକୁ ଆସିଛି । ସେଥିପାଇଁ ତାଙ୍କୁ ଧନ୍ୟବାଦ । ସିଏ ଯେତେଦିନ ପର୍ଯ୍ୟନ୍ତ ଏରୋଡ୍ରମ ଫିଲଡ୍ ଆଡ଼େ ଯାଉଥିବେ ଆମକୁ କେହି ଟ୍ରେଜେରୀ ବେଂଚରୁ ହଟାଇ ପାରିବେ ନାହିଁ । ଆଜି ଏଭଳି କହି ବିଜେଡିର ସର୍ବେସର୍ବା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି ପରଜଙ୍ଗ ବିଜେପି ବିଧାୟକ ବିଭୂତିଭୂଷଣ ପ୍ରଧାନ। ପାଣ୍ଡିଆନ ଓ ନବୀନ ପଟ୍ଟନାୟକଙ୍କ ନାଁ ନଧରି ଆଜି ସେ ଉଭୟ ଗୃହ ଭିତରେ ଓ ବାହାରେ କଟାକ୍ଷ କରିଛନ୍ତି ।

ଆଜି ବିଧାନସଭାରେ କୃଷି ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଭାଗ ନେଇ ବିଜେପି ବିଧାୟକ ଶ୍ରୀ ପ୍ରଧାନ କହିଥିଲେ ଯେ, ପେପରରେ ପଢ଼ିଥିଲି ଢ଼ଙ୍କେଇର ସ୍ଥାୟୀତ୍ୱ କୋଣାର୍କ ସିମେଂଟର ଦାୟିତ୍ୱ । ଠିକ୍ ସେମିତି ଏବେ ବିଜେପିର ସ୍ଥାୟିତ୍ୱ ତାମିଲବାବୁଙ୍କ ଦାୟିତ୍ୱ । ତାମିଲମାନେ ସବୁ ତାମିଲଙ୍କୁ କହୁନୁ କି ଅଣଓଡ଼ିଆମାନେ ସବୁ ଅଣଓଡ଼ିଆଙ୍କୁ ଆକ୍ଷେପ କରୁନାହୁଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେ ଯେଉଁ ଜଣେ ତାମିଲବାବୁଙ୍କ କଥା କହୁଛୁ, ସେ ଯେତେଦିନ ପର୍ଯ୍ୟନ୍ତ ଏରୋଡ୍ରମ ଫିଲଡ୍ ଆଡ଼େ



ଯାଉଥିବେ ଆମକୁ କେହି ଟ୍ରେଜେରୀ ବେଂଚରୁ ହଟାଇପାରିବେ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଜେଡି ସରକାରରେ ଜଣେ ଛାୟା ଓ ଜଣେ କାୟା ମୁଖ୍ୟମନ୍ତ୍ରୀ ଥିଲେ । ଛାୟା ମୁଖ୍ୟମନ୍ତ୍ରୀ ସାଜିଥିଲେ ଜଣେ ଅଫିସର, ଯିଏ କେବେ ବିଧାନସଭା ଆସିନାହାନ୍ତି । କାୟା ମୁଖ୍ୟମନ୍ତ୍ରୀ ବି ନିଜେ ବିଧାନସଭାକୁ ଆସନ୍ତି ନାହିଁ । ବିଧାନସଭାରେ ଗତକିଛି ଦିନ ହେଲା ୨୪ବର୍ଷ, ତାମିଲ, ଅଣଓଡ଼ିଆ ଓ ଓଡ଼ିଆ ଅସ୍ମିତା ଭଳି ଶବ୍ଦ ବାରମ୍ବାର ଶୁଣିବାକୁ ମିଳୁଛି । ଯାହାକି ଗିନିଜ୍ ବୁକ ରେକର୍ଡରେ ବୋଧହୁଏ ସ୍ଥାନ ପାଇବ ।

## ତେଲେଙ୍ଗାନାରେ ଏନ୍‌କାଉଣ୍ଟର, ୬ ନକ୍ସଲ ନିହତ

ହାଇଦ୍ରାବାଦ, ୫।୯: ଛତିଶଗଡ଼ ପୁଲିସ ଗୁଳିରେ ୯ ନକ୍ସଲଙ୍କ ମୃତ୍ୟୁର ୭୨ ଘଣ୍ଟା ନ ବିତୁଣୁ ତେଲେଙ୍ଗାନାରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ଗୁରୁବାର ସକାଳେ ପୋଲିସ ଏନ୍‌କାଣ୍ଟର୍‌ରେ ୬ ମାଓବାଦୀ ପ୍ରାଣ ହରାଇଛନ୍ତି। ଗୁଳି ବିନିମୟ ସମୟରେ ୨ ଯବାନ ମଧ୍ୟ ଆହତ ହୋଇଛନ୍ତି।

କୋଥଗୁଡେମ୍ ଜିଲ୍ଲା ନୀଳାଦ୍ରିପେଟ୍ ଜଙ୍ଗଲରେ ସୁରକ୍ଷାକର୍ମୀ ଓ ମାଓଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ୬ ମାଓବାଦୀ ନିହତ ହୋଇଥିବା ବେଳେ ଜଣେ ଆହତ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ମାଓବାଦୀଙ୍କ ଗୁଳିରେ ୨ ସୁରକ୍ଷାକର୍ମୀ ମଧ୍ୟ ଗୁରୁତର ହୋଇଛନ୍ତି। ଆହତ ଯବାନମାନଙ୍କୁ ଚିକିତ୍ସା କରାଯାଉଛି। ଆହୁରି ମାଓବାଦୀ ଲୁଚିଥିବା ସନ୍ଦେହରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ କର୍ଡନ କରାଯାଇ ସର୍ଚ୍ଚ ଅପରେସନ ଜାରି ରହିଛି। ସଂଘର୍ଷ ସ୍ଥଳରୁ ବନ୍ଧୁକ, ଖୋକା, ମାଓ ସାମଗ୍ରୀ ଆଦି ଜବତ କରାଯାଇଛି। ନିହତ ମାଓବାଦୀଙ୍କ ମୃତଦେହ ଜିଲ୍ଲା ପୋଲିସ ମୁଖ୍ୟାଳୟକୁ ନିଆଯାଇ ଚିହ୍ନଟ କରାଯାଇଛି। ଏହାସହ ମାଓ କ୍ୟାମ୍ପରୁ ବିପୁଳ ବିପୁଳ ପରିମାଣରେ ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।

## ମହିଳା ସମେତ ୬ ଗିରଫ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ଷ୍ଟେଟ୍ ବ୍ୟାଙ୍କର ଭୁବନେଶ୍ୱରରେ ଥିବା ବିଭିନ୍ନ ଶାଖାରୁ ୧୬ କୋଟି ଟଙ୍କା ଠକେଇ ଅଭିଯୋଗରେ ଜଣେ ମହିଳା ସମେତ ୬ ଜଣଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ। ୧୬ କୋଟି ୭୧ ଲକ୍ଷ ଟଙ୍କା ଋଣ ନେଇ ଭୁବନେଶ୍ୱରରେ ମିଛ ଅଫିସ କରି ଠକିନେଇଥିଲେ। ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱରର ଅନିର୍ବାଣ ପଟ୍ଟନାୟକ ଓ ଅନୁପମା ଦାସ, ଖଣ୍ଡପଡ଼ାର ତୋଫାନ ରାଉତ ଓ ସତ୍ୟବାନ ରାଉତ, ବଡ଼ମ୍ବାର ଟୁକୁନା ମଲ୍ଲିକ ଏବଂ କାକଟପୁରର ଫିରୋଜ ଖାନ। ପଟିଆ, ରଘୁନାଥପୁର, ଝାରପଡ଼ା, ଜୟଦେବ ବିହାର ଏସ୍‌ବିଆଇ ବ୍ରାଞ୍ଚରେ ଠକିଥିଲେ। ପଟିଆ ଡିଏଲ୍‌ଏଫ୍‌ରେ ଘର ଭଡ଼ା ନେଇ ଫୋନ୍ ପେ' ଅଫିସ୍ କରି ବ୍ୟାଙ୍କକୁ ଚୁନା ଲଗାଇଛନ୍ତି। ବ୍ୟାଙ୍କ ତଦନ୍ତ କରିବା ପାଇଁ ଯିବା ସମୟରେ ନିଜର ଫେକ୍ ଇ-ମେଲ୍, ଠିକଣା, ସାଲାରି ସ୍ଲିପ ପ୍ରସ୍ତୁତ କରିଥିଲେ । ଯାହାକୁ ଦେଖି ବ୍ୟାଙ୍କ ସହଜରେ ବିଶ୍ୱାସ କରି ଲୋନ୍ ଦେଇଥିଲେ। ଲୋନ୍ ନେବା ପରେ କେହି ନ ସୁଝିବାରୁ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ ବ୍ୟାଙ୍କ କର୍ମଚାରୀ। ୧୬୧ ଜଣଙ୍କୁ ଫୋନ୍ ପେ' କର୍ମଚାରୀ କହି ଠକେଇ କରିଥିଲେ । ଲୋକଙ୍କୁ ଏସ୍‌ବିଆଇ ବ୍ୟାଙ୍କରେ ଲୋନ୍ କରାଇଦେବ ପରେ ୩୫ ପ୍ରତିଶତ ନେଇଥିଲେ ଠକ । ୬ ଜଣଙ୍କୁ ଗିରଫ କରିବା ପରେ ଅନ୍ୟ ଅଭିଯୁକ୍ତଙ୍କୁ ଇଓଡବ୍ଲ୍ୟୁ ଖୋଜୁଛି। ଅଭିଯୁକ୍ତମାନଙ୍କୁ କଟକସ୍ଥିତ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶରେ ସମସ୍ତଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି।

### ୧୬ କୋଟି ଟଙ୍କାର ଋଣ ଠକେଇ

## ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଭତ୍ତାରେ ପାତର ଅନ୍ତର

### ଆଦିବାସୀ ବୃଦ୍ଧ ଭତ୍ତା ପାଇବେ କେବେ ?



କେନ୍ଦୁଝର, ୫।୯(ସଂଚାର ବ୍ୟୁରା): ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଭତ୍ତା ପ୍ରଦାନରେ ପାତର ଅନ୍ତର । ୮୦ ବର୍ଷର ଆଦିବାସୀ ବୃଦ୍ଧ ଏବେ ବି ଭତ୍ତା ପାଇବାକୁ ଅପେକ୍ଷାରତ । କେବେ ଭତ୍ତା ମିଳିବ ଜାଣିପାରୁ ନାହାନ୍ତି ।

ପ୍ରାପ୍ତ ଖବର ଅନୁଯାୟୀ ଭତ୍ତାର ବଞ୍ଚିତ ୮୦ ବର୍ଷୀୟ ଖେଣା ମାଝୀଙ୍କ ଘର ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଜିଲ୍ଲା କେନ୍ଦୁଝରର ବାଂଶପାଳ ବ୍ଲକ ଅନ୍ତର୍ଗତ କୋଡିପଶା ଗ୍ରାମପଞ୍ଚାୟତ। ଜିଲ୍ଲା ସଦର ମହକୁମାରୁ ମାତ୍ର ସତର କି. ମି. ଦୂର କୁଣ୍ଡେଇ ଗ୍ରାମରେ । ଦେଖିବାକୁ ଗଲେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀର । ବୟସ ଆଜକୁ ଅଶି ବର୍ଷ । ଆଧାର କାର୍ଡ଼ରେ ତାଙ୍କ ଜନ୍ମ ତାରିଖ ଅଛି ତା. ୦୬ । ୦୩ । ୧୯୪୫ ରିଖ । ସେ ଜଣେ ଅଭବୀ ଆଦିବାସୀ ଓ ସାନ୍ତାଳ ସମ୍ପ୍ରଦାୟର । ତାଙ୍କୁ ଅନୁକମ୍ପା ମୂଳକ କୌଣସି ସରକରୀ ସାହାଜ୍ୟ ମିଳିଲା ନାହିଁ । ବାରମ୍ବାର ଦରଖାସ୍ତ କଲେ ମଧ୍ୟ ସାମାଜିକ ସୁରକ୍ଷା ଆକାରରେ ସର୍ବନିମ୍ନ ବାର୍ଦ୍ଧକ୍ୟ ଭତ୍ତାଟିଏ ମଧ୍ୟ ମିଳିଲା ନାହିଁ । ନା ପଞ୍ଚାୟତ ଅଧିକାରୀ , ନା ବ୍ଲକ ଅଧିକାରୀ , ନା ଗ୍ରାମର କୌଣସି ସ୍ୱଚ୍ଛୋ ସେବୀ , ନା ନିର୍ବାଚିତ ଲୋକ ପ୍ରତିନିଧି ଯଥା : ସମିତି ସଭ୍ୟ , ଜିଲ୍ଲା ପରିଷଦ ସଭ୍ୟ , ବିଧାୟକ ବା ସାଂସଦ ଖେଣାଙ୍କୁ ସାହାଜ୍ୟ କରିବାକୁ ଆଗେଇ ଆସିନାହିଁ । ପ୍ରତି ନିର୍ବାଚନ କାଳରେ ନେତାଙ୍କ ପ୍ରତିଶୃତି ଶୁଣି ଖେଣା ଆଶା ବାନ୍ଧନ୍ତି ଯେ ଏଥର ତାଙ୍କର ଭତ୍ତା ମଞ୍ଜୁର ହୋଇଯିବ । କିନ୍ତୁ , ଏଇ ଦୀର୍ଘ ବର୍ଷର ବାର୍ଦ୍ଧକ୍ୟ ଜୀବନ ମଧ୍ୟରେ ଖେଣା କେତେ ନିର୍ବାଚନ ଦେଖିଛନ୍ତି ଓ କେତେ ନେତାଙ୍କ ପ୍ରତିଶୃତି ଶୁଣିଛନ୍ତି । ତାଙ୍କଠାରୁ ବୟସରେ କେତେ ସାନ ଲୋକ ଭତ୍ତା ପାଇସାରିଲେଣି । କିନ୍ତୁ, ଖେଣାଙ୍କ ଭାଗ୍ୟ ଆଜିଯାଏ ଖୋଲିଲା ନାହିଁ । ତାଙ୍କ ବିଧାୟକ ଆଜି ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ । ଏବେ ତାଙ୍କ ଆଶା ଅଧିକ ଉଜ୍ଜ୍ୱଳ ହୋଇଛି ।

କେବଳ ଖେଣା ନୁହନ୍ତି । ଅନେକ ଆଦିବାସୀ ବୃଦ୍ଧ, ବୃଦ୍ଧା , ବିଧବା ମହିଳା ସରକାରଙ୍କ ଏ ସୁବିଧାରୁ ବଞ୍ଚିତ ହେଉଛନ୍ତି । ତାହାପୁଣି ସମ୍ପୃକ୍ତ ଅଧିକାରୀଙ୍କ କେବଳ ଅବହେଳା ପାଇଁ । କୁଣ୍ଡେଇ ଗ୍ରାମର ଚୈତନ ମୁଣ୍ଡା , ଦୀନବନ୍ଧୁ ଜୁଆଙ୍ଗ , ବ୍ରାହ୍ମଣୀ ଜୁଆଙ୍ଗ , ବେଲ ବାସ୍କେ , ଜୟନ୍ତୀ ଜୁଆଙ୍ଗ ସହିତ ଆହୁରି ଅନେକ ବୃଦ୍ଧ, ବୃଦ୍ଧା , ବିଧବା ମହିଳା, ଅବିବାହିତା ମହିଳା , ସ୍ୱାମୀ ପରିତ୍ୟକ୍ତା ମହିଳା ଭତ୍ତା ଅପେକ୍ଷାରେ ଅଛନ୍ତି। ଆଶା ରଖିଛନ୍ତି , ମୁଖ୍ୟମନ୍ତ୍ରୀ ତାଙ୍କ କଥା ଶୁଣିବେ ।

## ଟ୍ୱିନ୍ ସିଟି କ୍ରାଇମ୍

### ଦୁଇ ଦିନିଆ ରିମାଣ୍ଡରେ ନକଲି ପୁଲିସ ବାବୁ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରୋ): ପୁଲିସ ଅଧିକାରୀର ପରିଚୟ ଦେଇ ବହୁ ଲୋକଙ୍କୁ ଠକିବା ସହ ମହିଳା ଓ ଯୁବତୀମାନଙ୍କୁ ଫସାଇ ବିବାହ ରିବାକୁ କହି ଲୁଟୁଥିବା ସୁବାଷ ଚନ୍ଦ୍ର କନଓ୍ୱାରକୁ ରବିବାର ଗିରଫ କରିଥିଲା ଖଣ୍ଡଗିରି ଥାନା ପୁଲିସ। ହେଲେ ଅଭିଯୁକ୍ତ ନାଁରେ ଆହୁରି ଠକେଇ ତାଲିକା ବଢୁଥିବାରୁ ତାକୁ ୩ ଦିନିଆ ରିମାଣ୍ଡରେ ଆଣିବାକୁ ପୁଲିସ କୋର୍ଟରେ ଆବେଦନ କରିଥିବା ବେଳେ, କୋର୍ଟ ୫ ଠାରୁ ୬ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଅନୁମତି ଦେଇଛନ୍ତି। ପୁଲିସ ଆଜି ତାକୁ ରିମାଣ୍ଡରେ ଆଣି ଠକେଇ ଓ ମିଥ୍ୟା ବିବାହର ତଥ୍ୟ ଓଗାଳିବା ପରେ ପଦାକୁ ଆସିଛି ବହୁ ଘଟଣା। ଏନେଇ ଆଉ ଏକ ମାମଲା ରୁଜୁ କରିଛି ଖଣ୍ଡଗିରି ଥାନା ପୁଲିସ । ୫ମ ଅଭିଯୋଗକାରୀ ମହିଳାଙ୍କ ବୟାନ ପରେ ଅଧିକ ତଦନ୍ତ ପାଇଁ ଅଭିଯୁକ୍ତର ଘର ରାଉରକେଲାକୁ ଏକ ଟିମ ଯାଇ ତଦନ୍ତ କରିବ ବୋଲି ଡିସିପି ସୂଚନା ଦେଇଛନ୍ତି । ଶୁକ୍ରବାର ରିମାଣ୍ଡ ସରିବା ପରେ ତାକୁ କୋର୍ଟ ଚାଲାଣ କରାଯିବ। ସୂଚନାଯୋଗ୍ୟ, ଅଗଷ୍ଟ ୩୧ ତାରିଖରେ ପୀଡ଼ିତା ଖଣ୍ଡଗିରି ଥାନାରେ ପହଞ୍ଚି ଏକ ରିପୋର୍ଟ କରିଥିଲେ। ରିପୋର୍ଟରେ ଲେଖାଥିଲା, ୪ ବର୍ଷ ପୂର୍ବରୁ ସେ ସୁବାଷ ଚନ୍ଦ୍ର କାନାଓ୍ୱାର ନାମକ ଜଣେ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇଥିଲା । ଯିଏ ତାଙ୍କୁ ତୁମ୍ବାପାଡିର ମନୋଜ୍ ମିଶ୍ର, ପିତା ନିରଞ୍ଜନ ମିଶ୍ର, ଥାନା/ଜିଲ୍ଲା ଭଦ୍ରକ ଅସତ୍ୟ ଠିକଣା ରାଉରକେଲା, ସେ ଅବିବାହିତା ଏବଂ ସେ ଝାରସୁଗୁଡ଼ା ଜିଲ୍ଲାରେ ପୁଲିସ ଇନ୍ସପେକ୍ଟର ଭାବରେ କାର୍ଯ୍ୟ କରୁଛନ୍ତି । ପରେ ତାଙ୍କୁ ତାଙ୍କ ମୋବାଇଲ ନମ୍ବର, ଆଧାରକାର୍ଡ ପଠାଇଥିଲେ। ସେ ପୀଡ଼ିତାଙ୍କୁ ୨୧ ଅଗଷ୍ଟରେ ବିବାହ କରିଥିଲେ। ଯେତେବେଳେ ପୀଡ଼ିତା ତାଙ୍କୁ ପରିବାର ଲୋକଙ୍କ ସହ ସାକ୍ଷାତ କରିବାକୁ କହିଥିଲେ, ସେତେବେଳେ ସେ ଅସ୍ୱୀକାର କରିଥିଲେ ଏବଂ ସର୍ଭିସବୁକ୍ ରେକର୍ଡରେ ତାଙ୍କ ନାମ ପ୍ରବେଶ କରିବା ପରେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବେ ବୋଲି କହିଥିଲେ। ଜୁଲାଇରେ ଯେତେବେଳେ ଅଭିଯୁକ୍ତ ବ୍ୟକ୍ତି ତାଙ୍କ ଶାଶୂଙ୍କୁ ଦେଖା କରିବାକୁ ତାଙ୍କ ଘରକୁ ଯାଇଥିଲେ । ସେତେବେଳେ ପୀଡ଼ିତା ଓ ତାଙ୍କ ପରିବାର ଲୋକେ ତାଙ୍କ କାରର ରେଜିଷ୍ଟ୍ରେସନ ନମ୍ବର ଦ୍ୱାରା ଜାଣିବାକୁ ପାଇଥିଲେ ସେ ଜଣେ ଠକ ବୋଲି । ସେ କାରରେ ଲେଖା ରହିଛି ସୁବାଷ ଚନ୍ଦ୍ର କନଓ୍ୱାର ବୋଲି । ହେଲେ ସେତିକି ବେଳେ ପୀଡ଼ିତା ଗର୍ଭବତୀ ହୋଇଯାଇଥିଲେ । ପରେ ଜଣାପଡ଼ିଥିଲା ଅଭିଯୁକ୍ତର ୩ଟି ସ୍ତ୍ରୀ ରହିଛି । ଅଭିଯୁକ୍ତ ମିଛ କହି ମହିଳାଙ୍କ ଠାରୁ ଟଙ୍କା ସୁନା ନେଇଯାଇଛି । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ରବିବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ, ପୁଣି ଜଣେ ମହିଳା ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତ ନାଁରେ ଅଭିଯୋଗ ଆଣିଛନ୍ତି । ଯାହାକୁ ନେଇ ପୁଲିସ ଅଭିଯୁକ୍ତ ନାଁରେ ଆଉ ଏକ ମାମଲା ରୁଜୁ କରିଛି।

### ମାଡ଼ମାରି ୧୧ ହଜାର ଲୁଟ୍: ଅଭିଯୁକ୍ତ ଗିରଫ

ଏକୁଟିଆ ଘରକୁ ଫେରୁଥିବା ସମୟରେ ଅଭିଯୋଗକାରୀଙ୍କୁ ଅଟୋ ଭିତରକୁ ଟାଣି ନେଇ ବହେ ଛେଚି ଲୁଟିନେଲେ ୧୧ ହଜାର ଟଙ୍କା । ଏନେଇ ଭରତପୁର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ତାଠାରୁ ୪ ହଜାର ଟଙ୍କା ଓ ଏକ ଅଟୋ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ହେଲା, ଭରତପୁର ତାରିଣୀ ବସ୍ତିର ଚନ୍ଦନ ନାୟକ । ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି ।ଗତ ୧ ତାରିଖ ରାତି ୧୦ଟାରେ ଅଭିଯୋଗକାରୀ ପ୍ରଶାନ୍ତ ନାୟକ ଘରକୁ ଫେରୁଥିବା ସମୟରେ ଅଭିଯୁକ୍ତ ଚନ୍ଦନ ନାୟକ ଓ ଅନ୍ୟଜଣେ ସହଯୋଗୀ ଦୁସା ସହ ମିଶି, ଅଭିଯୋଗକାରୀଙ୍କୁ କଳିଙ୍ଗ ଷ୍ଟୁଡ଼ିଓ ଛକ ନିକଟରେ ଅଟକାଇ ବଳପୂର୍ବକ ଭାବେ ତାଙ୍କୁ ଅଟୋ ଭିତରକୁ ଟାଣି ନେଇ ମାଡମାରି ତାଙ୍କ ଠାରୁ ୧୧ ହଜାର ୫୦୦ ଟଙ୍କା, ଆଧାର କାର୍ଡ ଏବଂ ଏକ ମୋବାଇଲ ଫୋନ୍ ଛଡ଼ାଇ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗକାରୀ ଭରତପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ।ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଗୁରୁବାର ଲୁଟେରାକୁ ଗିରଫ କରିବା ସହ ତା'ଠାରୁ ୪ ହଜାର ଟଙ୍କା, ଏକ ଅଟୋ ଓ ମୋବାଇଲ ଫୋନ୍ ଜବତ କରାଯାଇଛି।

## ବିଧାନସଭାରୁ



### ଲକ୍ଷ୍ମୀ ବସ୍ ସେବା ଚଳାଚଳରେ ତିନି ସଂସ୍ଥା ନିୟୋଜିତ

ଭୁବନେଶ୍ୱର, ୫।୯(ସଂଚାର ବ୍ୟୁରା): ଲକ୍ଷ୍ମୀ ବସ୍ ସେବାରେ ତିନିଟି କମ୍ପାନୀ ନିୟୋଜିତ ହୋଇଛନ୍ତି। ଏଗୁଡିକ ହେଲା କୁନାଲ ଟ୍ରାନ୍ସପୋର୍ଟ ପ୍ରାଇଭେଟ ଲିମିଟେଡ, ଚାର୍ଟରଡ୍ ସ୍ପିଡ୍ ପ୍ରାଇଭେଟ ଲିମିଟେଡ ଓ ପ୍ରୋଗ୍ରେସିଭ ଟ୍ରାନଜିଟ୍ ପ୍ରାଇଭେଟ ଲିମିଟେଡ। ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଏହି ସଂସ୍ଥାଗୁଡିକୁ ଚୟନ କରାଯାଇଥିବା କହିଛନ୍ତି ରାଜ୍ୟ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଲକ୍ଷ୍ମୀ ବସ୍ ଚଳାଚଳ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି ଯେ ଓଡିଶାରେ ଲକ୍ଷ୍ମୀ ବସ୍ ଚଳାଚଳ ଯୋଜନାରେ ସାରା ରାଜ୍ୟରେ ୧୩୪୦ଟି ବସ୍ ଚଳାଚଳ କରୁଛି। ଏହି ଯୋଜନାରେ ସାରା ରାଜ୍ୟରେ ୧୬୨୩ଟି ବସ୍ ଆବଶ୍ୟକ ଥିବାବେଳେ ସରକାରଙ୍କ ନିକଟରେ ୧୪୧୬ଟି ବସ୍ ପହଞ୍ଚିଛି ଓ ଏଥି ମଧ୍ୟରୁ ୧୩୪୦ଟି ଚଳାଚଳ କରୁଛି। ମନ୍ତ୍ରୀ କହିଛନ୍ତି ଯେ ୨୦୨୩ ଅକ୍ଟୋବର ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ବସ୍ ସେବାପାଇ ସରକାର ଚଳିତ ବର୍ଷ ଜୁଲାଇ ଶେଷ ପର୍ଯ୍ୟନ୍ତ ୩୦୧ କୋଟି ୧୯ଲକ୍ଷ ୩୫ହଜାର ୪୬ ଟଙ୍କା ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩କୋଟି ଯାତ୍ରୀ ଏହି ସେବାରୁ ଲାଭ ଉଠାଇଛନ୍ତି। ଯାତ୍ରୀମାନଙ୍କ ମଧ୍ୟରେ ୮୦ ପ୍ରତିଶତ ମହିଳା ଏବଂ ଛାତ୍ରଛାତ୍ରୀ ଅଛନ୍ତି। ସବୁଠାରୁ ଅଧିକ ୩୧ଲକ୍ଷରୁ ଅଧିକ ଯାତ୍ରୀ ଗଜପତି ଜିଲ୍ଲାରେ ଯା ଆସ କରିଥିବାବେଳେ ମୟୁରଭଞ୍ଜରେ ଯାତ୍ରୀ ସଂଖ୍ୟା ୨୫ଲକ୍ଷରୁ ଅଧିକ ରହିଛି। କେନ୍ଦୁଝର, ରାୟଗଡା, ସୁନ୍ଦରଗଡ,ଗଞ୍ଜାମ, କଳାହାଣ୍ଡି, କୋରାପୁଟ ଭଳି ଜିଲ୍ଲାରେ ୧୫ଲକ୍ଷରୁ ଅଧିକ କରି ଯାତ୍ରୀ ଲକ୍ଷ୍ମୀ ବସ୍‌ରେ ଯାତାୟତ କରିଛନ୍ତି।

### ଝାରସୁଗୁଡା ଜିଲ୍ଲାରେ ୮ କୋଇଲା ଖଣିରୁ ଉତ୍ତୋଳନ

ଝାରସୁଗୁଡା ଜିଲ୍ଲାରେ ବର୍ତ୍ତମାନ ୮ଟି କୋଇଲା ଖଣିରୁ କୋଇଲା ଉତ୍ତୋଳନ ହେଉଛି। ଗତ ୫ବର୍ଷ ଧରି ଏହିସବୁ କୋଇଲା ଖଣିରୁ କୋଇଲା ରପ୍ତାନି ହେବା ସହ ରାଜକୋଷରୁ ବିପୁଳ ଅର୍ଥ ଆସୁଥିବା ଇସ୍ପାତ ଓ ଖଣି ମନ୍ତ୍ରୀଙ୍କ ଉତ୍ତରରୁ ସୂଚନା ମିଳିଛି। ଝାରସୁଗୁଡା ଜିଲ୍ଲାରୁ କୋଇଲା ଉତ୍ତୋଳନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ଜିଲ୍ଲାର ୮ଟି କୋଇଲା ଖଣି ଯଥା ଲାଜକୁରା ଓସିପି, ଓରିଏଣ୍ଟ- ୩, ଗଣ୍ଡଘୋରା ବ୍ଲକର ଉତ୍ତର- ପଶ୍ଚିମ ବ୍ଲକ, ରାମପୁର କୋଲିଆରୀ, ଇବ୍ ପ୍ରପଟିର୍ କୋଲିଆରୀ, ବେଲପାହାଡ ଖୋଲା କୋଇଲା ଖଣି, ସମଲେଶ୍ୱରୀ ଓସିପି ଓ ଲକ୍ଷନପୁର ଓସିପିରୁ କୋଇଲା ଉତ୍ତୋଳନ ହେଉଛି।ଜିଲ୍ଲାରୁ ୨୦୧୯- ୨୦ ବର୍ଷରେ କୋଇଲା ରପ୍ତାନିରୁ ୫୩୨ କୋଟି ଟଙ୍କାରୁ ଅଧିକ ରାଜସ୍ୱ ମିଳିଥିବାବେଳେ ୨୦୨୦- ୨୧ ରେ ପ୍ରାୟ ୪୦୦ କୋଟି, ୨୦୨୧- ୨୨ରେ ୬୯୦ କୋଟି, ୨୦୨୨- ୨୩ରେ ପାଖାପାଖି ୧୦୯୪ କୋଟି ଏବଂ ୨୦୨୩- ୨୪ ବର୍ଷରେ ୧୧୨୮ କୋଟି ୨୩ଲକ୍ଷ ଟଙ୍କାର ରାଜସ୍ୱ ମିଳିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### ସାମ୍ବାଦିକଙ୍କୁ ସୁଧ ରିହାତି ପାଇଁ ପ୍ରକ୍ରିୟା ନିର୍ଦ୍ଧାରଣ ହୋଇନାହିଁ

ସାମ୍ବାଦିକମାନଙ୍କୁ ଗୃହ, ଚାରି ଚକିଆ ଓ ଦୁଇ ଚକିଆ ଯାନ ଋଣର ସୁଧ ଉପରେ ୩ ପ୍ରତିଶତ ରିହାତି ଘୋଷଣା ୨୦୧୮ ଜୁନ୍ ମାସରେ ଘୋଷଣା କରାଯାଇଥିଲା। ଏହି ଘୋଷଣା ଉପରେ ଅଧିନିୟମ ତିଆରି କରି ୨୦୨୦ ନଭେମ୍ବର ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଅଧିନିୟମର କାର୍ଯ୍ୟକାରିତା ପାଇଁ ଢାଞ୍ଚା ଓ ପ୍ରକ୍ରିୟା ନିର୍ଦ୍ଧାରଣ ହୋଇପାରି ନାହିଁ। ସାମ୍ବାଦିକମାନଙ୍କୁ ସୁଧ ରିହାତି ପ୍ରଦାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଧିନିୟମର ଢାଞ୍ଚା ଓ ପ୍ରକ୍ରିୟା ନିର୍ଦ୍ଧାରଣ ହୋଇପାରି ନଥିବରୁ ଏହି ସୁବିଧା କୌଣସି ସାମ୍ବାଦିକଙ୍କୁ ଦିଆଯାଇ ପାରିନାହିଁ। ଏହାକୁ କାର୍ଯ୍ୟକାରୀ କରିବାପାଇଁ ଢାଞ୍ଚା ଓ ପ୍ରକ୍ରିୟା ନିର୍ଦ୍ଧାରଣ କରିବା ସକାଶେ ନିର୍ଦ୍ଦେଶକ, ପ୍ରତିଷ୍ଠାନ ଓ ଅର୍ଥ ବ୍ୟବସ୍ଥା ସହିତ ପତ୍ରାଳାପ ହେଇଛି। ଏହି ପ୍ରସଙ୍ଗରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସହିତ ମଧ୍ୟ ଆଲୋଚନା ହୋଇଛି। ବାର୍ଷିକ ୫୦ହଜାର ଟଙ୍କା ଆୟ ସୀମା ଅର୍ନ୍ତଭୁକ୍ତ ଋଣଗ୍ରହୀତା ସାମ୍ବାଦିକମାନଙ୍କ ଦ୍ୱାରା ମୂଳ ଓ ସୁଧର ପରିଶୋଧ ସମ୍ଭାବନା ସଂକ୍ରାନ୍ତରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସହିତ ସହମତି ହୋଇପାରୁ ନାହିଁ। ଏ ସଂକ୍ରାନ୍ତରେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ସହିତ ମିଶିକରି ଦ୍ୱିପାକ୍ଷିକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha), Phone : 9437227777

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର